୬ ୨୦୨୬ ଟି-୨୦ ବିଶ୍ୱକପ ପାଇଁ ୧୫ ଜଣିଆ ଭାରତୀୟ ଦଳ ଘୋଷଣା କଲା ବିସିସିଆଇ




ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

31 YEARS

# ସମ୍ବାଦ କଳିକା

TM

The Sambad Kalika

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା 8 Pages, ₹2.00


E-mail : sambadkalikanews@gmail.com

● ବର୍ଷ–୩୨ ● ସଂଖ୍ୟା–୩୨୩ ● ୨୧ ଡିସେମ୍ବର ୨୦୨୫, ରବିବାର ● ଭୁବନେଶ୍ୱର ● Vol -32 ● Issue-323 ● 21st December 2025, Sunday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27

## 'ଷ୍ଟାଚ୍ୟୁ ଅଫ୍ ଇକ୍ୱାଲିଟି' ପରିଦର୍ଶନ କଲେ ମୁଖ୍ୟମନ୍ତ୍ରୀ

# କାଳଜୟୀ ମୂଲ୍ୟବୋଧର ଏକ ସ୍ମାରକ

ଭୁବନେଶ୍ୱର, ୨୦।୧୨

ନ୍ୟୁଜ୍ ବ୍ୟୁରୋ



ହାଇଦ୍ରାବାଦ ସ୍ଥିତ ପ୍ରସିଦ୍ଧ ଷ୍ଟାଚ୍ୟୁ ଅଫ୍ ଇକ୍ୱାଲିଟିକୁ, ଶନିବାର ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପରିଦର୍ଶନ କରିଥିଲେ । ସେଠାରେ ସେ ଜଗତଗୁରୁ ଶ୍ରୀ ରାମାନୁଜାଚାର୍ଯ୍ୟଙ୍କୁ ପ୍ରାର୍ଥନା କରିବା ସହ ସେହି ପୂଜ୍ୟ ଦାର୍ଶନିକ, ସନ୍ଥ ଓ ସମାଜ ସଂସ୍କାରକଙ୍କୁ ନିଜର ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଯାହାଙ୍କର ସମାନତା, କରୁଣା ଏବଂ ସାମାଜିକ ସଦ୍‌ଭାବ ଶିକ୍ଷା ପିଢ଼ି ପରେ ପିଢ଼ିକୁ ପ୍ରେରଣା ଦେଇ ଆସୁଛି।

ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ସହ ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଏବଂ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ଗସ୍ତ ସମୟରେ ପ୍ରତିନିଧିମଣ୍ଡଳୀ ଶ୍ରୀ ଶ୍ରୀ ତ୍ରିଦଣ୍ଡି ଚିନ୍ନା ଶ୍ରୀମନ୍ତ ନାରାୟଣ ରାମାନୁଜ ଜୀୟାର ସ୍ୱାମୀଜୀଙ୍କୁ ଭେଟି ଥିଲେ ଏବଂ ଭାରତର ଆଧ୍ୟାତ୍ମିକ ପରମ୍ପରା, ସମାବେଶୀ ଦର୍ଶନ ଏବଂ ସମସାମୟିକ ସମାଜରେ ରାମାନୁଜାଚାର୍ଯ୍ୟଙ୍କ ଶିକ୍ଷାର ପ୍ରାସଙ୍ଗିକତା ଉପରେ ଅର୍ଥପୂର୍ଣ୍ଣ ଆଲୋଚନା କରିଥିଲେ।

ସ୍ୱାମୀଜୀ ମୁଖ୍ୟମନ୍ତ୍ରୀଙ୍କୁ ତାଙ୍କର ଆଶୀର୍ବାଦ ଦେବା ସହ ଓଡ଼ିଶାବାସୀଙ୍କ ଶାନ୍ତି, ପ୍ରଗତି ଏବଂ ସମୃଦ୍ଧି ପାଇଁ ତାଙ୍କର ଶୁଭକାମନା ଜଣାଇ ଥିଲେ। ଗସ୍ତର ଏକ ଅଂଶ ସ୍ୱରୂପ ମୁଖ୍ୟମନ୍ତ୍ରୀ ଶ୍ରୀ ଶ୍ରୀ ତ୍ରିଦଣ୍ଡି ଅହୋବିଳା ରାମାନୁଜ ଜୀୟାର ସ୍ୱାମୀଜୀଙ୍କ ଦ୍ୱାରା ରଚିତ ଶ୍ରୀ ରାମାନୁଜାଚାର୍ଯ୍ୟଙ୍କ ଉପରେ ଆଧାରିତ ଓଡ଼ିଆ ଭଜନ ମଧ୍ୟ ଉନ୍ମୋଚନ କରିଥିଲେ।

ଉକ୍ତ ଗୀତଟି ଶ୍ରୀ ରାମାନୁଜାଚାର୍ଯ୍ୟଙ୍କ ଜୀବନୀ, ଦର୍ଶନ ଏବଂ ଆଧ୍ୟାତ୍ମିକ ବାର୍ତ୍ତାକୁ ଓଡ଼ିଆ ଭକ୍ତମାନଙ୍କ ନିକଟରେ ପହଞ୍ଚାଇବା ପାଇଁ ଚେଷ୍ଟା କରିଛି, ଯାହା ଭାରତର ସଭ୍ୟତାଗତ ଐତିହ୍ୟ ରାମାନୁଜାଚାର୍ଯ୍ୟ ଦର୍ଶନ ସହ ଓଡ଼ିଶାର ସାଂସ୍କୃତିକ ଏବଂ ଆଧ୍ୟାତ୍ମିକ ସଂଯୋଗକୁ ଆହୁରି ମଜଭୁତ କରିବ।

ଗସ୍ତ ପରେ ନିଜର ଅଭିଜ୍ଞତା ଦର୍ଶାଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ଯେ, ସମାନତାର ପ୍ରତିମା (ଷ୍ଟାଚ୍ୟୁ ଅଫ୍ ଇକ୍ୱାଲିଟି) କେବଳ ଭାରତର ଆଧ୍ୟାତ୍ମିକ ଐତିହ୍ୟର ଏକ ଚମତ୍କାର ପ୍ରତୀକ ନୁହେଁ ବରଂ ଶ୍ରୀ ରାମାନୁଜାଚାର୍ଯ୍ୟଙ୍କ ଦ୍ୱାରା ପ୍ରଦତ୍ତ ସାମାଜିକ ନ୍ୟାୟ, ଅନ୍ତର୍ଭୁକ୍ତି ଏବଂ ମାନବିକ ମର୍ଯ୍ୟାଦାର କାଳଜୟୀ ମୂଲ୍ୟବୋଧର ଏକ ଶକ୍ତିଶାଳୀ ସ୍ମାରକ। ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି ଯେ, ଏହିପରି ମୂଲ୍ୟବୋଧ ଓଡ଼ିଶାର ସନ୍ତୁଳିତ ବିକାଶ, ସାମାଜିକ ସଦ୍‌ଭାବ ଏବଂ ଲୋକକେନ୍ଦ୍ରିକ ଶାସନ ଦୃଷ୍ଟିକୋଣକୁ ମାର୍ଗଦର୍ଶନ କରିଆସୁଛି।

# କଂଗ୍ରେସର ଦଶନ୍ଧି ପୁରୁଣା ଭୁଲ ସଂଶୋଧନ କରୁଛି ସରକାର

ଗୌହାଟୀ, ୨୦।୧୨



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶନିବାର କହିଛନ୍ତି ଯେ ତାଙ୍କ ସରକାର କଂଗ୍ରେସର ଦଶନ୍ଧି ପୁରୁଣା ଭୁଲଗୁଡ଼ିକୁ ଗୋଟିଏ ଗୋଟିଏ କରି ସଂଶୋଧନ କରୁଛି ଏବଂ ଆସାମ ଆଜି ଭାରତର 'ପୂର୍ବ ପ୍ରବେଶ ଦ୍ୱାର' ଭାବରେ ଉଭା ହେଉଛି। ସେ ଅଭିଯୋଗ କରିଛନ୍ତି ଯେ ଆସାମ ଏବଂ ସମଗ୍ର ଉତ୍ତର-ପୂର୍ବର ବିକାଶ ପୂର୍ବ କଂଗ୍ରେସ ସରକାରମାନଙ୍କ ପାଇଁ କେବେ ପ୍ରାଥମିକତା ନଥିଲା, ଯାହା ଫଳରେ ଏହି ଅଞ୍ଚଳକୁ ଦୀର୍ଘ ସମୟ ଧରି ଅବହେଳା କରାଯାଇଥିଲା।

ଗୌହାଟୀରେ ଗୋପୀନାଥ ବର୍ଦ୍ଦଲେ ଅନ୍ତର୍ଜାତୀୟ ବିମାନବନ୍ଦରର ନୂତନ ଟର୍ମିନାଲ କୋଠା ଉଦଘାଟନ କରିବା ପରେ ଏକ ଜନସମାବେଶକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ତାଙ୍କର ଆସାମ ଭୂମି ସହିତ ଗଭୀର ସମ୍ପର୍କ ରହିଛି। ଏଠାକାର ଲୋକଙ୍କ ପ୍ରେମ ଏବଂ ସ୍ନେହ, ବିଶେଷକରି ଆସାମ ଏବଂ ଉତ୍ତର-ପୂର୍ବର ମା' ଏବଂ ଭଉଣୀମାନଙ୍କ ସ୍ନେହ, ତାଙ୍କୁ ନିରନ୍ତର ପ୍ରେରଣା ଦିଏ ଏବଂ ଉତ୍ତର-ପୂର୍ବର ବିକାଶ ପାଇଁ ତାଙ୍କ ସଂକଳ୍ପକୁ ଦୃଢ଼ କରେ। ସେ କହିଛନ୍ତି ଯେ ଆଜି କେବଳ ଆସାମ ପାଇଁ ନୁହେଁ ବରଂ ସମଗ୍ର ଉତ୍ତର-ପୂର୍ବ ପାଇଁ ବିକାଶର ଉତ୍ସବ।

ମୋଦୀ କହିଛନ୍ତି ଯେ ଯେପରି ଆସାମରେ ଶକ୍ତିଶାଳୀ ବ୍ରହ୍ମପୁତ୍ର ନଦୀର ପ୍ରବାହ କେବେ ବନ୍ଦ ହୁଏ ନାହିଁ, ସେହିପରି ବିଜେପିର ଡବଲ-ଇଞ୍ଜିନ ସରକାର ଅଧୀନରେ ରାଜ୍ୟରେ ବିକାଶର ଧାରା ମଧ୍ୟ ନିରନ୍ତର ପ୍ରବାହିତ ହେଉଛି। ଗୌହାଟୀ ବିମାନବନ୍ଦରର ନୂତନ ଟର୍ମିନାଲର ଉଦଘାଟନ ଏହି ପ୍ରତିବଦ୍ଧତାର ପ୍ରମାଣ। ଏଥିପାଇଁ ସେ ଆସାମ ଏବଂ ଦେଶର ଲୋକମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶନିବାର ଦୁଇ ଦିନିଆ ଗସ୍ତ ପାଇଁ ଆସାମରେ ପହଞ୍ଚିଥିଲେ। ଲୋକପ୍ରିୟ ଗୋପୀନାଥ ବର୍ଦ୍ଦୋଲ ଅନ୍ତର୍ଜାତୀୟ ବିମାନବନ୍ଦରରେ ମୁଖ୍ୟମନ୍ତ୍ରୀ ଡକ୍ଟର ହିମନ୍ତ ବିଶ୍ୱ ଶର୍ମା ତାଙ୍କୁ ସ୍ୱାଗତ କରିଥିଲେ।

ଏହି ଅବସରରେ, ପ୍ରଧାନମନ୍ତ୍ରୀ ମୋଦୀ ଲୋକପ୍ରିୟ ଗୋପୀନାଥ ବର୍ଦ୍ଦୋଲଙ୍କ ପ୍ରାୟ ୮୦ ଫୁଟ ଉଚ୍ଚ ପ୍ରତିମୂର୍ତ୍ତି ମଧ୍ୟ ଉଦଘାଟନ କରିଥିଲେ ଏବଂ ମହାନ ନେତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

ବିମାନବନ୍ଦରର ନୂତନ ଅତ୍ୟାଧୁନିକ ଟର୍ମିନାଲ ଉଦଘାଟନ କରିବା ପରେ ବରଝାରେ ଏକ ସାଧାରଣ ସମାବେଶକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଆସାମ ଏବେ ଦେଶର ବିକାଶର ପ୍ରବେଶ ଦ୍ୱାର ପାଲଟିଛି। ସେ ରାଜ୍ୟରେ ଚାଲିଥିବା ବିକାଶ କାର୍ଯ୍ୟକୁ 'ବିକାଶର ଉତ୍ସବ' ଭାବରେ ବର୍ଣ୍ଣନା କରିଥିଲେ ଏବଂ *(ପୃଷ୍ଠା ୭ରେ)*

## ଅବତରଣ କରିପାରିଲାନି ପ୍ରଧାନମନ୍ତ୍ରୀଙ୍କ ହେଲିକପ୍ଟର

ନୂଆଦିଲ୍ଲୀ, ୨୦।୧୨

ପଶ୍ଚିମବଙ୍ଗର ତହେରପୁରରେ କୁହୁଡ଼ି ପାଇଁ ପ୍ରଧାନମନ୍ତ୍ରୀ ମୋଦୀଙ୍କ ହେଲିକପ୍ଟର ଅବତରଣ କରିପାରିଲାନି। ଘନ କୁହୁଡ଼ି ପାଇଁ ଏଭଳି ହୋଇଥିବା କୁହାଯାଉଛି। ହେଲିକପ୍ଟରଟି ଉଡ଼ାଣ କରିଥିଲେ ବି ଦୃଶ୍ୟମାନ କ୍ଷମତା କମ ହୋଇଯିବାରୁ ହେଲିକପ୍ଟରଟି ନିରାପଦରେ କୋଲକାତା ବିମାନବନ୍ଦରକୁ ଫେରି ଆସିଛି। ହେଲିକପ୍ଟରରେ ଯିବା ସମ୍ଭବ ନଥିବାରୁ ମୋଦୀ ସଡ଼କ ପଥରେ ରାଲି ସ୍ଥଳରେ ପହଞ୍ଚିବେ ନା ପାଗ ସଫା ହେବା ପର୍ଯ୍ୟନ୍ତ ଅପେକ୍ଷା କରିବେ ତାହା ଜଣାପଡ଼ିନାହିଁ। ଆଜି ସକାଳ ପ୍ରାୟ ୧୦ଟା ୪୦ ମିନିଟ୍ ସମୟରେ ପ୍ରଧାନମନ୍ତ୍ରୀ କୋଲକାତାରେ ପହଞ୍ଚିଥିଲେ। ସେଠାରୁ ହେଲିକପ୍ଟର ଯୋଗେ ନଦିଆ ଜିଲ୍ଲାର ତହେରପୁର *(ପୃଷ୍ଠା ୭ରେ)*

## ଦୁର୍ଘଟଣାରେ ମୃତକଙ୍କ ପାଇଁ ସହାୟତା ଘୋଷଣା କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୦।୧୨

ନ୍ୟୁଜ୍ ବ୍ୟୁରୋ

ବଲାଙ୍ଗୀର ଜିଲ୍ଲା ପୁଇଁତଲା ତହସିଲର ସୂର୍ଯ୍ୟ ନାଏକ(ପିତା – ଉପେନ୍ଦ୍ର ନାଏକ)ଙ୍କର ଏକ ଦୁଃଖଦ ଦୁର୍ଘଟଣାରେ ପ୍ରାଣହାନି ସମ୍ପର୍କରେ ଜାଣି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ପ୍ରକାଶ କରିବା ସହ ତାଙ୍କ ପରିବାର ବର୍ଗଙ୍କ ପ୍ରତି ସମବେଦନା ଜଣାଇଛନ୍ତି। ଏଥିସହ ମୃତକଙ୍କ ପରିବାରର ନିକଟତମ ଆତ୍ମୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୪ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି।

# ଦୁର୍ଘଟଣାଗ୍ରସ୍ତ ହେଲା ରାଜଧାନୀ ଏକ୍ସପ୍ରେସ୍ : ୮ହାତୀ ମୃତ

ନୂଆଦିଲ୍ଲୀ, ୨୦।୧୨

ହାତୀ ପଲଙ୍କୁ ଧକ୍କା ଦେଇ ଲାଇନଚ୍ୟୁତ୍ ହେଲା ରାଜଧାନୀ ଏକ୍ସପ୍ରେସ୍ । ଏହି ଦୁର୍ଘଟଣା ଯୋଗୁ ୮ହାତୀଙ୍କ ଜୀବନହାନୀ ଘଟିଛି। ଶନିବାର ଭୋର ସମୟରେ ଆସାମର ନାଗାଓଁ ଜିଲ୍ଲାରେ ଘଟିଛି ଏହି ଦୁର୍ଘଟଣା। ହାତୀ ପଲ ରେଳ ଧାରଣା ଦେଇ ଯାଉଥିବା ବେଳେ ସେମାନଙ୍କୁ ଧକ୍କା ଦେଇଥିଲା ଟ୍ରେନ୍। ଏହା ଫଳରେ ଟ୍ରେନ୍ ଲାଇନଚ୍ୟୁତ ହୋଇଥିଲା। ଏହି ଦୁର୍ଘଟଣାରେ ୮ହାତୀଙ୍କ ମୃତ୍ୟୁ ହୋଇଥିବା ବେଳେ ସମସ୍ତ ଯାତ୍ରୀ ସୁରକ୍ଷିତ ଥିବା ଜଣାପଡ଼ିଛି। ନୂଆଦିଲ୍ଲୀ ଅଭିମୁଖେ ଯାଉଥିବା ରାଜଧାନୀ ଏକ୍ସପ୍ରେସ ହାତୀଙ୍କୁ ଧକ୍କା ଦେଇଥିଲା ବୋଲି ଜଣାପଡ଼ିଛି।

### ମୁଖ୍ୟମନ୍ତ୍ରୀ ବସ୍ ସେବା ସମ୍ପର୍କିତ ରାଜ୍ୟସ୍ତରୀୟ ଷ୍ଟିଅରିଂ କମିଟି ବୈଠକ

# ସାର୍ବଜନିନ ପରିବହନ ବ୍ୟବସ୍ଥା ସୁଦୃଢ଼ କରିବା ଉପରେ ଗୁରୁତ୍ୱ



ଭୁବନେଶ୍ୱର, ୨୦।୧୨ : ନ୍ୟୁଜ୍ ବ୍ୟୁରୋ

ମୁଖ୍ୟମନ୍ତ୍ରୀ ବସ୍ ସେବା (ଏମ୍‌ବିଏସ୍) ସମ୍ପର୍କିତ ରାଜ୍ୟସ୍ତରୀୟ ଷ୍ଟିୟରିଂ କମିଟି ବୈଠକ ଶନିବାର ଖାରବେଳ ଭବନରେ ଓଡ଼ିଶା ସରକାରଙ୍କ ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ସଚିବ ଉଷା ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ରାଜ୍ୟ ସାର୍ବଜନିନ ପରିବହନ ପ୍ରଣାଳୀକୁ ଅଧିକ ସୁଦୃଢ଼ କରିବା ପାଇଁ ଜାରିରହି ଥିବା ସଂସ୍କାର ପ୍ରକ୍ରିୟା ଓ ଆଗାମୀ ପର୍ଯ୍ୟାୟର ରୂପରେଖ ଉପରେ ସମୀକ୍ଷା କରାଯାଇଥିଲା।

ବୈଠକରେ ସହର ଓ ଗ୍ରାମାଞ୍ଚଳରେ ସେବା କ୍ଷମତା ବୃଦ୍ଧି, ସହଜ ଓ ଶସ୍ତା ପରିବହନ ସୁନିଶ୍ଚିତ କରିବା ସହ ଶେଷ ମାଇଲ୍ ସଂଯୋଗ ସୁଦୃଢ଼ କରିବାକୁ ଲକ୍ଷ୍ୟ କରି ବିଭିନ୍ନ ନୀତିଗତ ଓ ପ୍ରଚାଳନାତ୍ମକ ପଦକ୍ଷେପ ଉପରେ ଆଲୋଚନା କରାଯାଇଥିଲା।

ମୁଖ୍ୟ ଆଲୋଚ୍ୟ ବିଷୟମାନଙ୍କ ମଧ୍ୟରେ ମୁଖ୍ୟମନ୍ତ୍ରୀ ବସ୍ ସେବାରେ ମହିଳା ସ୍ୱୟଂସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି)ଙ୍କ ଭୂମିକା, ଯେଉଁଠାରେ ଏସ୍‌ଏଚ୍‌ଜି କଣ୍ଡକ୍ଟରମାନେ ସେବା ପ୍ରଦାନକୁ ସୁଦୃଢ଼ *(ପୃଷ୍ଠା ୭ରେ)*

## ଆଜିର ମୁଖ୍ୟ ଖବର

- ଆହୁରି ୭ଦିନ ପ୍ରବଳ ଶୀତ।
- ୪୧ ମାଓବାଦୀଙ୍କ ଆତ୍ମସମର୍ପଣ।
- ରିଜର୍ଭ ବ୍ୟାଙ୍କ ଜମାକାରୀଙ୍କ ଅର୍ଥ ସୁରକ୍ଷା ପାଇଁ ନୂତନ ନୀତି ଆଣିବା ଘୋଷଣା କରିଛି ।
- ଅନ୍ତରୀକ୍ଷ ମିଶନ ପାଇଁ ଭାରତୀୟ ଅନ୍ତରୀକ୍ଷ ସଂସ୍ଥା ଡିସେମ୍ବର ଶେଷରେ ନୂତନ ଉଡ଼ାଣ ଘୋଷଣା କରିଛି ।
- ଧାନ କ୍ରୟ ବିଳମ୍ବରେ ଅସନ୍ତୁଷ୍ଟ ଚାଷୀମାନେ ଅବମୂଲ୍ୟାନ ଦରରେ ଧାନ ବିକ୍ରି କରିବାକୁ ବାଧ୍ୟ ହେଉଛନ୍ତି ।

### ସୁନା ଦର

୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୩,୪୧୮ (+୦)

୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୨,୩୦୦ (+୦)

୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୦,୦୬୪ (+୦)

### ରୁପା ଦର

ରୁପା – ପ୍ରତି ଗ୍ରାମ ୨୨୬ (+୫)

## ୧୮ ମାଓବାଦୀଙ୍କ ପାଇଁ ୮.୪ କୋଟି ପୁରସ୍କାର ଘୋଷଣା

ବୌଦ୍ଧ, ୨୦।୧୨ : ନ୍ୟୁଜ୍ ବ୍ୟୁରୋ

୧୮ ମାଓବାଦୀଙ୍କ ପାଇଁ ୮ କୋଟି ୪୦ ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା କରିଛି ବୌଦ୍ଧ ପୁଲିସ। ଯେଉଁମାନେ ଏହି ମାଓବାଦୀମାନଙ୍କୁ ଧରାଇ ଦେବେ ସେମାନଙ୍କୁ ପୁରସ୍କାର ରାଶି ପ୍ରଦାନ କରାଯିବ ବୋଲି ବୌଦ୍ଧ ଜିଲା ପୁଲିସ ପକ୍ଷରୁ କୁହାଯାଇଛି। ଏ ନେଇ ଜିଲାର ବିଭିନ୍ନ ଉପାନ୍ତ ଅଞ୍ଚଳରେ ପୋଷ୍ଟର *(ପୃଷ୍ଠା ୭ରେ)*

## ପ୍ରଦୂଷଣ ପ୍ରମାଣପତ୍ର ନ ଥିଲେ ମିଳିବନି ପେଟ୍ରୋଲ, ଡିଜେଲ

ଭୁବନେଶ୍ୱର, ୨୦।୧୨ : ନ୍ୟୁଜ୍ ବ୍ୟୁରୋ

ଏଣିକି ପ୍ରଦୂଷଣ ପ୍ରମାଣପତ୍ର ନ ଥିଲେ ପେଟ୍ରୋଲ ପମ୍ପରେ ମିଳିବନି ପେଟ୍ରୋଲ, ଡିଜେଲ। ଗାଡ଼ିରେ ତେଲ ପକାଇବା ପୂର୍ବରୁ ଦେଖାଇବାକୁ ପଡ଼ିବ ପ୍ରଦୂଷଣ ନିୟନ୍ତ୍ରଣ ପ୍ରମାଣପତ୍ର(ପିୟୁସିସି)। ରାଜ୍ୟ ପରିବହନ ପ୍ରାଧିକରଣ ସଂସ୍ଥା ପକ୍ଷରୁ ଏ ସମ୍ପର୍କରେ ତୈଳ କମ୍ପାନୀଗୁଡ଼ିକୁ ଚିଠି ଲେଖି ଅବଗତ କରାଯାଇଛି। ଫଳରେ ଯେଉଁମାନଙ୍କ ନିକଟରେ ଗାଡ଼ିର ପ୍ରଦୂଷଣ ପ୍ରମାଣପତ୍ର ନ ଥିବ, ସେମାନଙ୍କୁ ମିଳିବନି *(ପୃଷ୍ଠା ୭ରେ)*






# ଗରିବଙ୍କ ଅଧିକାର ପାଇଁ କଂଗ୍ରେସ ରାସ୍ତାରୁ ସଂସଦ ପର୍ଯ୍ୟନ୍ତ ଲଢ଼ିବ



ନୂଆଦିଲ୍ଲୀ, ୨୦।୧୨

କଂଗ୍ରେସ ସଂସଦୀୟ ଦଳ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ଶନିବାର ମୋଦୀ ସରକାରଙ୍କୁ ଟାର୍ଗେଟ କରି କହିଛନ୍ତି ଯେ ସରକାର ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଯୁକ୍ତି ଗ୍ୟାରେଣ୍ଟି ଆଇନକୁ ଦୁର୍ବଳ କରି ଗରିବ ଚାଷୀ ଏବଂ ଶ୍ରମିକଙ୍କ ସ୍ୱାର୍ଥ ଉପରେ ଆକ୍ରମଣ କରିଛନ୍ତି। ସୋନିଆ ଗାନ୍ଧୀ ଟ୍ୱିଟରରେ ଲେଖିଛନ୍ତି ଯେ କଂଗ୍ରେସ ରାସ୍ତାରୁ ସଂସଦ ପର୍ଯ୍ୟନ୍ତ ଗରିବଙ୍କ ଅଧିକାର ପାଇଁ ଲଢ଼ିବ। ସେ କହିଛନ୍ତି ଯେ ଗତ ୧୧ ବର୍ଷ ଧରି, ମୋଦୀ ସରକାର ଜାଣିଶୁଣି ମନରେଗାକୁ ଦୁର୍ବଳ କରିବାକୁ ଚେଷ୍ଟା କରିଛନ୍ତି, ଯଦିଓ ଏହି ଯୋଜନା କୋଭିଡ୍-୧୯ ମହାମାରୀ ସମୟରେ ଗରିବଙ୍କ ଜୀବନ ବଞ୍ଚାଇଥିଲା। ସେ ଦୁଃଖ ପ୍ରକାଶ କରିଛନ୍ତି ଯେ ସରକାର ବିରୋଧୀଙ୍କ ସହ ପରାମର୍ଶ ନକରି ଏହାର ନାମ ପରିବର୍ତ୍ତନ କରିଛନ୍ତି। ବର୍ତ୍ତମାନ, ଦିଲ୍ଲୀର ଲୋକମାନେ ନିଷ୍ପତ୍ତି ନେବେ ଯେ କାହାକୁ କାମ ମିଳିବ, ପୂର୍ବରୁ ଏହା ତୃଣମୂଳ ସ୍ତରରେ ନିଷ୍ପତ୍ତି ନିଆଯାଇଥିଲା। ସୋନିଆ କହିଛନ୍ତି, 'ମୋଦୀ ସରକାରଙ୍କ ଏହି *(ପୃଷ୍ଠା ୭ରେ)*





# ଏସ୍‌ସିବିରେ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ : ସ୍ୱାସ୍ଥ୍ୟ ସେବା ସମୀକ୍ଷା

**କଟକ, ନ୍ୟୁଜ ବ୍ୟୁରୋ**



କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ଶ୍ରୀମତୀ ଗୁହା ପୂନମ ତାପସ କୁମାର (ଭା.ପ୍ର.ସେ.)ଙ୍କ ଅଧ୍ୟକ୍ଷତାରେ ବଡମେଡିକାଲରେ ରୋଗୀ ମାନଙ୍କୁ ସୁବିଧାରେ ଜରୁରୀ ଚିକିତ୍ସା ପ୍ରଦାନ ନିମନ୍ତେ ସ୍ୱାସ୍ଥ୍ୟ ସେବା ସମିତିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ରୋଗୀଙ୍କ ଚିକିତ୍ସା ସୁବ୍ୟବସ୍ଥିତ କରିବା ନିମନ୍ତେ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ଗୁରୁତ୍ୱାରୋପ କରିଛନ୍ତି । ରୋଗୀ ଚିକିତ୍ସା କ୍ଷେତ୍ରରେ ପୂର୍ବାଞ୍ଚଳରେ ବଡ଼ମେଡିକାଲ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଥିବାରୁ ନିୟମିତ ଭାବେ ଦୂରଦୁରାନ୍ତରୁ ପ୍ରତ୍ୟହ ବହୁ ରୋଗୀ ଏଠାକୁ ଆସୁଛନ୍ତି । ସେମାନଙ୍କୁ ସୁବିଧାରେ ଜରୁରୀ ଓ ଅତ୍ୟାଧୁନିକ ଚିକିତ୍ସା ସେବା ପ୍ରଦାନ ଦିଗରେ ସରକାର ପ୍ରାଥମିକତା ଦେଉଥିବାରୁ ବଡ଼ମେଡିକାଲ ପରିସରରେ ସ୍ୱଚ୍ଛତା ଅବଲମ୍ବନ, ଆବଶ୍ୟକୀୟ ଚିକିତ୍ସା ସରଞ୍ଜାମ କ୍ରୟ ଏବଂ ତାହାର ରକ୍ଷଣାବେକ୍ଷଣ, ଅଗ୍ନି ପ୍ରତିରୋଧକ ବ୍ୟବସ୍ଥା ଆଦି ଉପରେ ବୈଠକରେ ବିଶେଷ ଭାବେ ଆଲୋଚନା କରାଯାଇ ଏ ଦିଗରେ ତୁରନ୍ତ ପଦକ୍ଷେପ ଗ୍ରହଣ ନିମନ୍ତେ ଗୁରୁତ୍ୱ ପ୍ରଦାନ କରାଯାଇଛି.ସ୍ୱାସ୍ଥ୍ୟସେବା ସମିତି ପକ୍ଷରୁ ଏକ ଉପ କମିଟି ଗଠନ କରାଯାଇ ବଡ଼ ମେଡିକାଲରେ ଆବଶ୍ୟକୀୟ ମରାମତି ଓ ନିର୍ମାଣ କାର୍ଯ୍ୟର ତଦାରଖ ଆଦି ସମ୍ପର୍ଣ୍ଣ କରାଯିବା ନିମନ୍ତେ ନିଷ୍ପତ୍ତି ଗ୍ରହଣ କରାଯାଇଛି.ଉକ୍ତ ବୈଠକରେ କଟକ ମହାନଗର ନିଗମର ଆୟୁକ୍ତ, ସୁଶ୍ରୀ କିରଣଦୀପ କୌର ସହୋତା ଅତିରିକ୍ତ ଜିଲ୍ଲାପାଳ, ଡଃ ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ରଙ୍କ ସମେତ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ ଡିନ, ସୁପରିଟେଣ୍ଡାଣ୍ଟ, ଏବଂ ସ୍ୱାସ୍ଥ୍ୟ ସେବା ସମିତିର ଅନ୍ୟ ସଦସ୍ୟ ପ୍ରମୁଖ ଏହି ବୈଠକରେ ଯୋଗ ଦେଇଥିଲେ ।

# ଚନ୍ଦକା ଅଭୟାରଣ୍ୟରେ କାବୁ ହେଲା ଆହତ ଦନ୍ତା : ଚିକିତ୍ସା ଜାରି

**ବାରଙ୍ଗ, ନ୍ୟୁଜ ବ୍ୟୁରୋ**



ଚନ୍ଦକା ଜଙ୍ଗଲରେ ଆହତ ହାତୀକୁ କରାଗଲା ଟ୍ରାଙ୍କୁଲାଇଜ । ୩ ଦିନ ପରେ ଆହତ ହାତୀକୁ କାବୁ କରିବାରେ ସକ୍ଷମ ହୋଇଛି ବନ ବିଭାଗ । ଟ୍ରାଙ୍କୁଲାଇଜ ପରେ ହାତୀର ଚିକିତ୍ସା କରାଯାଇଛି । ଠିଆ ହୋଇଥିବା ଅବସ୍ଥାରେ ହାତୀଟିର ଚିକିତ୍ସା କରିଥିଲେ ଡ଼ାକ୍ତରୀ ଦଳ । ହାତୀର ଗୋଡ଼ରେ ରକ୍ତ ଜମି ରହିଥିବା ଜାଣିବାକୁ ପାଇଥିଲେ ଡ଼ାକ୍ତରୀ ଟିମ୍ । ଯାହାକୁ ବିଜ୍ଞାନ ଭାଷାରେ ହେମାଟୋମା ବୋଲି କୁହାଯାଏ । କୌଣସି କାରଣରୁ ଗୋଡ଼ରେ ଆଘାତ ଲାଗି କିମ୍ବା ହାତୀମାନଙ୍କ ଲଢ଼େଇରେ ଆଘାତ ଲାଗି ଏପରି ହୋଇଥିବା ଡ଼ାକ୍ତରୀ ଟିମ୍ ଅନୁମାନ କରୁଛି । ତେବେ ଦୀର୍ଘ ସମୟ ଧରି ଡ଼ାକ୍ତରୀ ଟିମ୍ ଅସ୍ତ୍ରପୋଚାର କରିବାରେ ସଫଳ ହୋଇଛନ୍ତି । ଅସ୍ତ୍ରପୋଚାର ପରେ ହାତୀକୁ ରିଭାଇବାଲ ଦିଆଯାଇଛି । ତା'ସହିତ ପେନ୍ କିଲର ଏବଂ ଆଣ୍ଟିବାୟୋଟିକ ମଧ୍ୟ ଦିଆଯାଇଛି । ବର୍ତ୍ତମାନ ହାତୀର ଅବସ୍ଥା ସ୍ଥିର ରହିଥିବା ଚନ୍ଦକା ଡିଏଫଓ ବିନୋଦ ଆଚାର୍ଯ୍ୟ ସୂଚନା ଦେଇଛନ୍ତି । ଦୀର୍ଘ ୩ଦିନ ହେବ ଚନ୍ଦକା ଜଙ୍ଗଲରେ ଘୁରି ବୁଲୁଥିଲା ଏହି ୨୨ ବର୍ଷୀୟ ମାକେନା ହାତୀ । ବାମ ପାର୍ଶ୍ୱ ପଛ ଗୋଡ଼ରେ ଲାଗିଥିଲା ଆଘାତ । ଗୋଡ଼ଟି ଅସାଧାରଣ ଭାବେ ଫୁଲି ରହିଥିଲା । ଫଳରେ ସଠିକ୍ ଭାବେ ଚାଲି ପାରୁନଥିଲା । ଆଜିକୁ ୩ଦିନ ଯାଏ ବନ ବିଭାଗ ହାତୀର ଗତିବିଧି ଉପରେ ନଜର ରଖିଥିଲେ । ହେଲେ ଗୋଡ଼ରେ ହୋଇଥିବା ଆଘାତ ଯୋଗୁଁ ହାତୀଟି ଗର୍ଜନ କରିବା ସହ ଅକ୍ରମଣାତ୍ମକ ହୋଇ ଉଠିଥିଲା । ଯାହା ଫଳରେ ବନ ବିଭାଗ ତା ପାଖକୁ ଯାଇ ପାରିନଥିଲେ । ପରେ ହାତୀଟି ଭାଲୁଙ୍କା ନିକଟସ୍ଥ ଜଙ୍ଗଲ ମଧ୍ୟକୁ ଚାଲି ଯାଇଥିଲା । ଜଙ୍ଗଲ ମଧ୍ୟରେ ଅନ୍ୟ ହାତୀ ରହିଥିବାରୁ ତାକୁ ଠାବ କରିବା ବନ ବିଭାଗ ପାଇଁ କଷ୍ଟକର ହୋଇ ପଡ଼ିଥିଲା । ଏଥିପାଇଁ ବନ ବିଭାଗ ଡ୍ରୋନ ସାହାଯ୍ୟରେ ଦନ୍ତାର ଗତିବିଧି ଉପରେ ନଜର ରଖିଥିଲେ । ଆଜି ଅପରାହ୍ଣରେ ଆହତ ଦନ୍ତାକୁ ଠାବ କରାଯାଇ ଟ୍ରାଙ୍କୁଲାଇଜ କରାଯାଇଥିଲା । ପରେ ନନ୍ଦନକାନନ ଓ ଓୟୁଏଟିର ଡ଼ାକ୍ତରୀ ଟିମ୍ ହାତୀର ଚିକିତ୍ସା କରିଥିଲେ ।

# ବରାହନାଥ ଜୀଉଙ୍କ ସ୍ୱର୍ଣ୍ଣକ୍ଷେତ୍ର ଉତ୍ସବ

**ଯାଜପୁର, ନ୍ୟୁଜ ବ୍ୟୁରୋ**

ଜିଲ୍ଲା ପ୍ରଶାସନ, ଯାଜପୁର ପକ୍ଷରୁ ସମସ୍ତ ଜନସାଧାରଣ ତଥା ଶ୍ରୀ ବରାହନାଥ ପ୍ରେମୀ ଶ୍ରଦ୍ଧାଳୁ ଭକ୍ତ ବୃନ୍ଦଙ୍କ ଅବଗତି ନିମନ୍ତେ ସୂଚନା ଦିଆଯାଉଛି ଯେ ପ୍ରତି ବର୍ଷ ପରି ଏ ବର୍ଷ ଆସନ୍ତା ତା ୨୦.୧୨.୨୦୨୫ ରିଖ, ପବିତ୍ର ବକୁଳ ଅମାବାସ୍ୟା ତିଥିରେ ଯାଜପୁରର କ୍ଷେତ୍ରାଧିଶ୍ୱର ଶ୍ରୀଯଜ୍ଞ ବରାହ ଜୀଉଙ୍କ ସ୍ୱନକ୍ଷତ୍ର ଦିବସ ଯଥା ରୀତି ଅନୁସାରେ ଅନୁଷ୍ଠିତ ହେବ ।
ଏଣୁ, ଉକ୍ତ ଦିନ ମନ୍ଦିରରେ ଶ୍ରୀଯଜ୍ଞ ବରାହ ଜୀଉଙ୍କ ଦର୍ଶନ ସହ ପ୍ରସାଦ ସେବନ ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ଯୋଗଦାନ କରି ମହାପ୍ରଭୁଙ୍କ ଆଶୀର୍ବାଦ ଗ୍ରହଣ କରିବାକୁ ଶ୍ରୀ ବରାହ ଜୀଉ ଟ୍ରଷ୍ଟ ବୋର୍ଡ ତଥା ତହସିଲଦାର, ଯାଜପୁରଙ୍କ ତରଫରୁ ଅନୁରୋଧ କରାଯାଇଛି ।
କାର୍ଯ୍ୟସୂଚୀ ଅନୁଯାୟୀ ପ୍ରାତଃ ଘ. ୦୭.୦୬ ରୁ ୯.୦୦ ଘଟିକା ସମୟରେ ମହାସ୍ନାନ ଓ ଠାକୁରଙ୍କ ବେଶ, ସକାଳ ଘ. ୯.୦୦ ରୁ ୧୦.୩୦ ମି. ସମୟରେ ବାଲ୍ୟଭୋଗ, ଆଳତି, ସକାଳ ଘ. ୧୧.୦୦ ରୁ ୩.୦୦ ଘଟିକା ସମୟରେ ସ୍ୱନକ୍ଷତ୍ର ପୂଜା, ମନ୍ଦିର ଉପରେ ନେତ ବନ୍ଧା ଓ ଗୀତା ପାଠ, ଦିବା ଘ. ୧.୩୦ ମି. ସମୟରେ ପ୍ରସାଦ ସେବନ ଓ ସନ୍ଧ୍ୟା ଘ. ୬.୦୦ ଟିକା ସମୟରେ ସାଂସ୍କୃତିକ କାର୍ଯ୍ୟକ୍ରମ – ଭଜନ ସନ୍ଧ୍ୟା – କଣ୍ଠଶିଳ୍ପୀ ଶିବ ପ୍ରସାଦ (ଶିବ ନନା) ଓ ସାଥୀଙ୍କ ଦ୍ୱାରା ଭଜନ ସମାରୋହ ଅନୁଷ୍ଠିତ ହେବ ।

# ମାର୍କେଟ କମ୍ପ୍ଲେକ୍ସ ନହେବା ପ୍ରତିବାଦରେ ରାସ୍ତା ଅବରୋଧ

**ରମ୍ଭା, ନ୍ୟୁଜ ବ୍ୟୁରୋ**

ସ୍ଥାନୀୟ ଏନଏସିରେ ମାର୍କେଟ କମ୍ପ୍ଲେକ୍ସ ଗୃହ ପ୍ରଦାନ ପାଇଁ ଆଜି ସହରର ମୁଖ୍ୟ ରାସ୍ତା ଅବରୋଧ କରି ନ୍ୟାୟ ଦାବି ବାଢ଼ିଛନ୍ତି । ମୁଖ୍ୟ ରାସ୍ତାରେ ଶତାଧିକ ମତ୍ସ୍ୟଜୀବୀ ମାଛ ବୋଝେଇ ଟ୍ରେ ରାସ୍ତା ଉପରେ ରଖି ଆନ୍ଦୋଳନ କରିଛନ୍ତି । ମାର୍କେଟ କମ୍ପେକ୍ସ ନାଁରେ ମତ୍ସ୍ୟଜୀବୀ ମାନଙ୍କ ସହିତ ଦୁର୍ନୀତି ଗ୍ରସ୍ତ ଅଫିସର ମତ୍ସ୍ୟଜୀବୀଙ୍କ ଜୀବନ ଜୀବିକା ସହ ଖେଳ ଖେଳୁଥିବା ସାଧାରଣ ରେ ନା ପସନ୍ଦ କରାଯାଇଛି । ଘଟଣାର ଖବର ପାଇ ଆନ୍ଦୋଳନ ସ୍ଥଳକୁ ଖଲ୍ଲିକୋଟ ତହସିଲଦାର ଡ଼.ମଲେଶୁ ପାତ୍ର, ଏକ୍ଜୁକେଟିଭ ଅଫିସର ଆଶାଲତା ରଚମାଳା ଓ ପୋଲିସ ଆସି ବୁଝାସୁଝା କରିବା ପରେ ସହରର ମୁଖ୍ୟ ରାସ୍ତାରୁ ମତ୍ସ୍ୟଜୀବୀମାନେ ହଟିଥିଲେ । ଚାପା ଉତ୍ତେଜନା ସତ୍ତ୍ୱେ ଗତ ଚାରି ବର୍ଷ ପୂର୍ବରୁ ଉକ୍ତ ମାଛ ମାର୍କେଟ ହୋଇଥିବା ସ୍ଥାନରେ ସହରର ୮ଟି ୱାର୍ଡର ମତ୍ସ୍ୟଜୀବୀ ପରିବାର ସମେତ ଆଖପାଖ ଚିଲିକା ମତ୍ସ୍ୟଜୀବୀ ଗ୍ରାମର ମତ୍ସ୍ୟଜୀବୀମାନେ ଚିଲିକାରୁ ମାଛ,ଚିଙ୍ଗୁଡ଼ି ଓ କଙ୍କଡ଼ା ଉତ୍ପାଦନ କରେ ଏହି ମାଛ ବଜାରରେ ବିକ୍ରି କରି ନିଜର ପରିବାର ପ୍ରତିପୋଷଣ କରିଥାନ୍ତି । ଏଠାରେ ସୂଚନା ଯୋଗ୍ୟ ଯେ ରାଜା ରାମଚନ୍ଦ୍ର ଦେଓ କୁଆଡେ ୧୯୪୦ ମସିହାରେ ମାଛ ମାର୍କେଟ ପାଇଁ ଜାଗା ପ୍ରଦାନ କରିଥିବା ବୟୋଜେଷ୍ଠ ବ୍ୟକ୍ତିଙ୍କ ଠାରୁ ପ୍ରକାଶ । ମାଛ ବ୍ୟବସାୟୀ ମାନେ ଏନଏସିକୁ ମଧ୍ୟ କର ଟଙ୍କା ଦେଇ ଆସୁଥିଲେ । ସେହି ମାଛ ବଜାରରେ ନୂତନ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କରିବା ସରକାରଙ୍କ ପକ୍ଷରୁ ପ୍ରାୟ ୩ କୋଟି ଟଙ୍କା ଅନୁମୋଦନ ହୋଇଥିଲା । ମତ୍ସ୍ୟଜୀବୀ ବ୍ୟବସାୟୀମାନଙ୍କ ଉକ୍ତ ସ୍ଥାନ ଖାଲି କରିବା ପାଇଁ ସେତେବେଳେର ଏନଏସି ଏକ୍ଜୁକେଟିଭ ଅଫିସର ସ୍ୱପ୍ନାରାଣୀ ପାଢ଼ୀ ନୋଟିସ ଜାରି କରିଥିଲେ । କିନ୍ତୁ ମତ୍ସ୍ୟଜୀବୀ ବ୍ୟବସାୟୀମାନେ ଏନଏସି ସହିତ ଏକ ଚୁକ୍ତିନାମା କରିଥିଲେ । ଚୁକ୍ତିନାମା ଅନୁସାରେ ମତ୍ସ୍ୟଜୀବୀମାନେ ୨୦ ହଜାର ଟଙ୍କା ମଧ୍ୟ ଜମା କରିଥିଲେ । କିନ୍ତୁ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ହୋଇ ଉଦଘାଟନ ହେବାର ଦୁଇ ବର୍ଷ ବିତିଯାଇଥିଲେ ମଧ୍ୟ କାର୍ଯ୍ୟକ୍ଷମ ହୋଇ ପାରିଲା ନାହିଁ । ଅପେକ୍ଷା, ସାକ୍ଷାତ, ଲିଖିତ ଓ ନିବେଦନ କରି କରି ଥକି ଗଲେଣି ମତ୍ସ୍ୟଜୀବୀ ବ୍ୟବସାୟୀ । ଯାହାଫଳରେ ମତ୍ସ୍ୟଜୀବୀ ବ୍ୟବସାୟୀମାନେ ରାସ୍ତା ପାର୍ଶ୍ୱରେ ସହରର ଭିନ୍ନ ଭିନ୍ନ ଜାଗାରେ ବ୍ୟବସାୟ କରିବାକୁ ଆରମ୍ଭ କରିଲେ । ସହରର ଯାତ୍ରୀ ବିଶ୍ରାମଗାର ପଛପଟେ ତଥା ନାଳ ନର୍ଦ୍ଦମା ଓ ଅଳିଆ ଆବର୍ଜନା ନିକଟରେ ଖଣ୍ଡିଏ ଖାଲି ସ୍ଥାନ ଦେଖି ମାଛ ବ୍ୟବସାୟୀମାନେ ମାଛ ବିକ୍ରି କରିବା ତମ୍ବୁ ଟାଣିବା ଆରମ୍ଭ କରିଲେ । କିନ୍ତୁ ସେମାନେ ଦୁର୍ଗନ୍ଧରେ ବ୍ୟବସାୟ କରୁଥିବା ବେଳେ ସରୀସୃପଙ୍କ ଦୌରାତ୍ମ୍ୟ ଯୋଗୁଁ ମାଛ ବ୍ୟବସାୟ ପାଇଁ ଉପଯୁକ୍ତ ସ୍ଥାନ ନୁହେଁ ବୋଲି ପ୍ରତିବାଦ କରିଥିଲେ । ଏନଏସି କର୍ତ୍ତୃପକ୍ଷଙ୍କୁ ତୁରନ୍ତ ମାର୍କେଟ କମ୍ପ୍ଲେକ୍ସ କାର୍ଯ୍ୟକ୍ଷମ କରିବା ସହ ସେମାନଙ୍କୁ ଗୃହ ପ୍ରଦାନ ପାଇଁ ନିବେଦନ କରିଥିଲେ ମଧ୍ୟ ପ୍ରଶାସନ ଗୁହାରି ଶୁଣୁନଥିବାରୁ ରାସ୍ତା ରୋକ ଏକମାତ୍ର ବିକଳ୍ପ ବୋଲି ଦୁଃଖ ପ୍ରକାଶ କରିଛନ୍ତି । କିନ୍ତୁ ପ୍ରଶାସନ ଚଞ୍ଚକତା ଦେଖାଇ ପଦାରୁ ଗଣମାଧ୍ୟମ ଓ ଇଲେକ୍ଟ୍ରି ମିଡ଼ିଆ ଆମଦାନୀ କରି ନିଜର ବାହାସପଟ ମରିବାପାଇଁ ଉଦ୍ୟମ ଚଳାଇ ଥିଲେ । ଆଗାମୀ ଦିନରେ ଏହାର ସ୍ଥାୟୀ ସମାଧାନ ନକରାଯାଏ ତାହେଲେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି । ରମ୍ଭା ସହରର ମତ୍ସ୍ୟ ବ୍ୟବସାୟୀ ଅଜିତ କୁମାର ବେହେରା, ଶିବାଜୀ ବେହେରା, ଦୁଲଣା ଦାସ,ବଳମଣୀ ବେହେରା,ପ୍ରଶ୍ନ ବେହେରା,ଜୟ ଶଙ୍କର ବେହେରା, ଯମୁନା ବେହେରା,କାଳିଆ ବେହେରା ସମେତ ୫୦ରୁ ଉର୍ଦ୍ଧ୍ୱ ମତ୍ସ୍ୟଜୀବୀ ଆଗାମୀ ଦିନରେ ପ୍ରଶାସନ ଚୁକ୍ତି ମୁତାବକ ସ୍ଥିରୀକୃତ ଯଦି ନ ହୁଏ ପରବର୍ତ୍ତୀ ସମୟରେ ଘଟଣା ପାଇଁ ପ୍ରଶାସନ ଦାୟୀ ରହିବେ ବୋଲି ଦାବି ଜଣାଇଛନ୍ତି ।

## କଙ୍ଗାରୁକୋର୍ଟର ଭିଡିଓ ଭାଇରାଲ

# ଗଛରେ ବାନ୍ଧି ପ୍ରେମୀଯୁଗଳଙ୍କୁ ମାଡ

**ବାରିପଦା, ନ୍ୟୁଜ ବ୍ୟୁରୋ**



ପ୍ରେମୀ ଯୁଗଳଙ୍କୁ ଗଛରେ ବାନ୍ଧି କଙ୍ଗାରୁ କୋର୍ଟ ଦଣ୍ଡ ଦିଆଯାଇଥିବା ଦେଖିବାକୁ ମିଳିଛି । ପ୍ରେମୀ ଯୁଗଳଙ୍କୁ ଗଛରେ ବନ୍ଧା ହୋଇଥିବାର ଫଟୋ ଏବେ ସୋସି ଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି । ମୟୂରଭଞ୍ଜ ଜିଲ୍ଲା ବାଙ୍ଗିରିପୋଷି ଥାନା ଅନ୍ତର୍ଗତ ଏକ ଗାଁରେ ଏହିପରି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି । ଗଛରେ ବନ୍ଧା ହୋଇଥିବା ଝିଅଟି ଜଣେ ବିବାହିତ ମହିଳା ସେ ତାଙ୍କ ପୁରୁଷ ବନ୍ଧୁଙ୍କ ସହ ଦୁଇଦିନ ଧରି ପଳାଇ ଥିବା ବେଳେ ଗ୍ରାମବାସୀ ତାଙ୍କୁ ଅନ୍ୟ ଗାଁରୁ ଧରିଆଣି ଗାଁରେ ବିଚାର କରିବାକୁ ଉଦ୍ୟମ କରିଥିଲେ । ବାଙ୍ଗିରିପୋଷି ପୁଲିସ ଖବର ପାଇ ତତ୍‌କ୍ଷଣାତ୍ ଘଟଣାସ୍ଥଳରେ ପହଞ୍ଚି ଉଭୟ ପୁରୁଷ ଏବଂ ମହିଳାଙ୍କୁ ଉଦ୍ଧାର କରି ଥାନାକୁ ନେଇ ଆସିଥିଲେ । ପୁଲିସ ପକ୍ଷରୁ ଉଭୟଙ୍କ ପରିବାରକୁ ଥାନାକୁ ଡକାଇ ପଚରାଉଚରା କରାଯାଉଛି । ଥାନାରେ ଉଭୟ ମହିଳା ଏବଂ ପୁରୁଷଙ୍କ ଆଡୁ କୌଣସି ଅଭିଯୋଗ ହୋଇନଥିବା ବାଙ୍ଗିରିପୋଷି ଆଇଆଇସି କହିଛନ୍ତି । ତେବେ ଏହା ସମ୍ପୂର୍ଣ୍ଣ ବେଆଇନ ଘଟଣା ଏହା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ କହିଛନ୍ତି ବାଙ୍ଗିରିପୋଷି ଆଇଆଇସି ବୀରେନ୍ଦ୍ର ସେନାପତି ।

## ବିଦ୍ୟୁତ ତାର ଚୋରି ଅଭିଯୋଗ

# ୭ଲୁଟେରା ଓ ବ୍ୟବସାୟୀ ଗିରଫ : ଗାଡି ଓ ଟଙ୍କା ଜବତ

**ପାଟଣାଗଡ, ନ୍ୟୁଜ ବ୍ୟୁରୋ**



ବଲାଙ୍ଗୀର ଜିଲ୍ଲା ପାଟଣାଗଡ ଉପଖଣ୍ଡ ଖପ୍ରାଖୋଲ ପୋଲିସକୁ ମିଳିଛି ବଡ଼ ସଫଳତା । ଏକ ବିଦ୍ୟୁତ୍ ତାର ଚୋରୀ ଗ୍ୟାଙ୍ଗ କୁ ଗିରଫ କରିବାରେ ସକ୍ଷମ ହେବା ସହିତ ଲକ୍ଷାଧିକ ଟଙ୍କାର ଆଲୁମିନିୟମ ବାସନ ସାମଗ୍ରୀ ଜବତ କରିଥିବା ଜଣାଯାଇଛି । ଏନେଇ ଶୁକ୍ରବାର ଖପ୍ରାଖୋଲ ପୋଲିସ ଗଣମାଧ୍ୟମ କୁ ଜବତ ସାମଗ୍ରୀ ଦେଖାଇବା ସହିତ ସୁଚନା ଦେଇଛି । ଗିରଫ ଅଭିଯୁକ୍ତ ମାନେ ହେଲେ କଣ୍ଟାବାଞ୍ଜି ଥାନା ଅଂଚଳ ର ଅଶୋକ ମଲ୍ଲିକ(୩୧), ନୃପ ବଗର୍ତ୍ତି(୨୫), ପ୍ରଶାନ୍ତ ବଗର୍ତ୍ତି (୨୭), ଭରତ କୁମ୍ଭାର(୨୪), ମୁକେଶ ନାଏକ(୨୬), ସଞ୍ଜୟ ତାଣ୍ଡି(୨୬) ଓ ଚୋରା ଆଲୁମିନିୟମ ବିଦ୍ୟୁତ୍ ତାର କିଣିବା ଅଭିଯୋଗ ରେ କଣ୍ଟାବାଞ୍ଜି , ଆମପଡାର ବାସନ ଫ୍ୟାକ୍ଟ୍ରି ମାଲିକ ପ୍ରକାଶ ବେହେରା (୨୮) କୁ ଗିରଫ କରି ଖପ୍ରାଖୋଲ ପୋଲିସ କୋର୍ଟ ଚାଲାଣ କରିଥିବା ଜଣାଯାଇଛି । ସୁଚନା ଅନୁସାରେ ୧୫ ଦିନ ତଳେ ଖପ୍ରାଖୋଲ ଥାନା ବେଲପଡ଼ା ବ୍ଲକ ମାଟିଖାଇ ଗାଁ ନିକଟରେ ଆଲୁମିନିୟମ ବିଦ୍ୟୁତ୍ ତାର ଚୋରୀ ହୋଇଥିବା ନେଇ ବିଦ୍ୟୁତ୍ ବିଭାଗ ଖପ୍ରାଖୋଲ ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗ କୁ ଭିତ୍ତି କରି ପାଟଣାଗଡ଼ ଉପଖଣ୍ଡ ପୋଲିସ ଅଧିକାରୀ ସଦାନନ୍ଦ ପୁଝାରୀଙ୍କ ନିର୍ଦ୍ଦେଶରେ ଖପ୍ରାଖୋଲ ଥାନା ଅଧିକାରୀ ନରେନ୍ଦ୍ର ଛତର ଙ୍କ ନେତୃତ୍ୱରେ ଏକ ଦଳ ଗଠନ କରି ତଦନ୍ତ ଆରମ୍ଭ ହୋଇଥିଲା । ତଦନ୍ତ ସମୟରେ ବିଭିନ୍ନ ସୁତ୍ରରୁ ତଥ୍ୟ ସଂଗ୍ରହ କରି ପୋଲିସ ଚୋରମାନଙ୍କୁ କଣ୍ଟାବାଞ୍ଜି ସହରରୁ ଗିରଫ କରିବାରେ ସକ୍ଷମ ହୋଇଥିଲା । ଚୋରୀରେ ବ୍ୟବହୃତ ଏକ ଟାଟା ଏସି ଚାରିଚକିଆ ଗାଡ଼ି, ୩ ଦାମୀ ମୋଟର ସାଇକେଲ, ୮ଟି ଦାମି ମୋବାଇଲ୍ ଫୋନ, ନଗଦ ୧୫ ହଜାର ୮୯୦ ଟଙ୍କା ଜବତ ହୋଇଥିବା ବେଳେ, ଦୁଇ ବଣ୍ଡଲ ଆଲୁମିନିୟମ ବିଦ୍ୟୁତ୍ ତାର, ବିଭିନ୍ନ ଚୋରୀ ସାମଗ୍ରୀ ଜବତ କରିଥିବା ଜଣାଯାଇଛି । ସେହି ପରି ଚୋରୀ ସାମଗ୍ରୀ କିଣିବା ଅଭିଯୋଗ ରେ ମଧ୍ୟ ଜଣକୁ ଗିରଫ କରିବା ସହିତ ତାଙ୍କ ବାସନ ତିଆରି କାରଖାନା ଚଢାଉ କରି ଲକ୍ଷାଧିକ ଟଙ୍କାର ଗଞ୍ଜ, ଡେକଚି, କଡ଼େଇ, ହଣ୍ଡା ଆଦି ବିଭିନ୍ନ ପ୍ରକାରର ଆଲୁମିନିୟମ ବାସନ ସାମଗ୍ରୀ ଜବତ କରିଥିବା ଜଣାଯାଇଛି । ଏନେଇ ଖପ୍ରାଖୋଲ ଥାନା କେସ ନମ୍ବର ୨୭୭/୨୫ ରେ ଭାରତୀୟ ନ୍ୟାୟ ସଂହିତାର ବିଭିନ୍ନ ଦଫାରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଖପ୍ରାଖୋଲ ଥାନା ଅଧିକାରୀ ନରେନ୍ଦ୍ର ଛତର ଗଣମାଧ୍ୟମ କୁ ସୁଚନା ଦେଇଛନ୍ତି । ଏହି ଅବସରରେ ଥାନା ଏସ ଆଇ ଲିଙ୍ଗରାଜ କିସାନ୍, ତଦନ୍ତ କରି ଅଧିକାରୀ ନାରାୟଣ ସାହୁ, ଏ ଏସ ଆଇ ନବୀନ ଭୋଇ, ରବୀନ୍ଦ୍ର କୁମ୍ଭାର ପ୍ରମୁଖ ଉପସ୍ଥିତ ଥିଲେ ।

## ........ନ୍ୟାସନାଲ ହେରାଲ୍ଡ ମାମଲା ........

# ବିଜେପିର ଅପପ୍ରଚାର ବିରୋଧରେ କଂଗ୍ରେସର ଆନ୍ଦୋଳନ




**ଜଗତସିଂହପୁର, ନ୍ୟୁଜ ବ୍ୟୁରୋ**

ନ୍ୟାସନାଲ ହେରାଲଡ ମାମଲାରେ କଂଗ୍ରେସ ସଂସଦୀୟ ଦଳର ଚେୟାରମ୍ୟାନ ସୋନିଆ ଗାନ୍ଧୀ ଓ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ଛବିକୁ ମଳିନ କରିବାପାଇଁ ବିଜେପି ସରକାର ଇଡିକୁ ଲଗାଇ ଯେଉଁ ଅପଚେଷ୍ଟା କରିଥିଲା ତାକୁ ନେଇ କଂଗ୍ରେସ ରାଜରାସ୍ତାକୁ ଓହ୍ଲାଇବା ସହ ଆନ୍ଦୋଳନକୁ ଜୋରଦାର କରିଛି । ଓପିସିସି ନିର୍ଦ୍ଦେଶ କ୍ରମେ ଜଗତସିଂହପୁର ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଶତାଧିକ କଂଗ୍ରେସ କର୍ମୀମାନେ ଜିଲ୍ଲା କଂଗ୍ରେସ ସଭାପତି ଦେବ ପ୍ରସାଦ ନାୟକଙ୍କ ନେତୃତ୍ୱରେ ଓ ଓପିସିସି ଉପ ସଭାପତି ଡ଼. ଲଲାଟେନ୍ଦୁ ମହାପାତ୍ରଙ୍କ ଉପସ୍ଥିତିରେ ଜିଲ୍ଲା ବିଜେପି କାର୍ଯ୍ୟାଳୟ ଘେରାଉ କରିବା ପାଇଁ ଟାଉନ ହଲ ଠାରୁ ମଶାଲ ଶୋଭାଯାତ୍ରା ରେ ବାହାରି ସରକାର ବିରୁଦ୍ଧରେ ନାରାବାଜି କରିଥିଲେ । ଜୟବଡ ବାଳିକା ବିଦ୍ୟାଳୟ ନିକଟରେ ପୋଲିସ କଂଗ୍ରେସ କର୍ମୀମାନଙ୍କୁ ଅଟକାଇଥିଲା କିଛି ସମୟ ପୋଲିସ ଓ କଂଗ୍ରେସ କର୍ମୀ ମାନଙ୍କ ମଧ୍ୟରେ ଧସ୍ତାଧସ୍ତି ପରିସ୍ଥିତି ସୃଷ୍ଟି ହୋଇଥିଲା । ଏବଂ ସେଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଗୃହମନ୍ତ୍ରୀ ଅମିତ ଶାହାଙ୍କ କୁଶ ପୁତ୍ତଳିକା ଦାହ କରିଥିଲେ । ଓପିସିସି ଉପ ସଭାପତି ଡ଼. ଲଲାଟେନ୍ଦୁ ମହାପାତ୍ର, ପ୍ରଶାନ୍ତ ମହାପାତ୍ର, ବଲ୍ଲଭାନନ୍ଦ ସ୍ୱାଇଁ, ମହନି ଚରଣ ରାଉତ, ଅଭିଜିତ ସାହୁ, ରାଜେନ୍ଦ୍ର ସ୍ୱାଇଁ, ଇଶ୍ୱର ଚନ୍ଦ୍ର ସ୍ୱାଇଁ , ବୃନ୍ଦାବନ ପ୍ରଧାନ, ହିଫଜୁର ରେହମାନ, ଦେବ ପ୍ରସାଦ ମହାପାତ୍ର, ଅବଦୁଲ ମାଜିଦ୍, ସେକ୍ ହିଦାୟତ ଅଲ୍ଲୀ, ସତ୍ୟବ୍ରତ ଦାସ, ଲକ୍ଷ୍ମୀଧର ମଲ୍ଲିକ, ଦିଲ୍ଲିପ କୁମାର ମାହାର, ସୁଶାନ୍ତ ଦାଲ, ଚିନ୍ମୟ ବିଶ୍ୱାଳ, ପ୍ରିତମ ପରିଜା, ସୁବ୍ରତ ରାୟ, ମନୋଜ ଦାସ , ବ୍ରଜ କିଶୋର ମଲ୍ଲିକ, ମହମ୍ମଦ ଅବଦୁଲ ୱାହିଦ, ମହମ୍ମଦ ଇସମାଇଲି, ନିତ୍ୟାନନ୍ଦ ବେହେରା, ରଘୁନାଥ ସ୍ୱାଇଁ, ସୋରୂପ କାନୁନଗୋ, ଅଭିଷେକ ବଳ, ରିତେଶ କୁମାର ମଲ୍ଲିକ, ଅବିନାଶ ବଳ, ବିଶ୍ୱଜିତ ମହାନ୍ତି, କହ୍ନେୟା କୁମାର ଦାସ, ଅନନ୍ତ ତୃପ୍ତି, କିଶୋର ପଟ୍ଟନାୟକ, ନାରାୟଣ ନାୟକ, ପ୍ରଦୀପ୍ତ ଦାସ, ପ୍ରଦୀପ୍ତ ଶତପଥୀ, ଅମରେଶ ପଟ୍ଟନାୟକ, ଗଗନ ବିହାରୀ ସାହୁ, ଶୁଭାଶିଷ ସ୍ୱାଇଁ, ମୁକ୍ତାର ଅଲ୍ଲୀ, ପ୍ରତ୍ୟୁଷ ନାୟକ, ସାଇ ପ୍ରଭଞ୍ଜନ ମହାପାତ୍ର ଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀ ଯୋଗଦେଇଥିଲେ ।

# ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**




ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ
**ତା୨୧।୧୨।୨୦୨୫, ପୌଷ ଦି୬ନ, ରବିବାର**
**ସୂର୍ଯ୍ୟୋଦୟ- ଘ୬।୧୬।୫୩ ଚନ୍ଦ୍ରୋଦୟ-ପ୍ରାଘ ୭/୧୮/୦୪ ସେକେଣ୍ଡ**
**ପ୍ରତିପଦ-** ଦିଘ ୬/୧୧ ପର୍ଯ୍ୟନ୍ତ । **ପୂର୍ବାଷାଢାନକ୍ଷତ୍ର-** ରାଘ ୩/୩୫ ପର୍ଯ୍ୟନ୍ତ । **ଧନୁଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-**ମେଷ, ମିଥୁନ, କର୍କଟ, ସିଂହ, ବିଛା, ଧନୁ ଓ ମୀନ ରାଶିର । **ଘାତ ଚନ୍ଦ୍ର-**ତୁଳା ଓ କୁମ୍ଭ ରାଶିର । । **ଶ୍ରାଦ୍ଧନିର୍ଣ୍ଣୟ-** ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ପାଣି କଖାରୁ ଦିଘ ୯/୧୧ ପରେ ବୋଇତି କଖାରୁ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୭।୪ ଗତେ ଘ ୯/୧୩ ମଧ୍ୟେ । ଦିଘ ୧/୦୫ ଗତେ ଦିଘ ୨/୫୯ ମଧ୍ୟେ ।
ପର୍ବୋତ୍ସବ-ଦ୍ୱିତୀୟା ଚନ୍ଦ୍ର ଦର୍ଶନ ଓ ପୂଜା ।



**ମେଷ:** ଦେହ କଷ୍ଟର ଶିକାର ହେବେ । ମନରେ ବିରକ୍ତି ପ୍ରକାଶ ପାଇବ । କର୍ମକ୍ଷେତ୍ରରେ ବିଳମ୍ବତା ଯୋଗ । ଅଯଥା ଦୁଶ୍ଚିନ୍ତା ବୃଦ୍ଧି । ରୋଜଗାର ସ୍ଥିର ରହିବ । ପରିବାରରେ ଅସହଯୋଗ ସୃଷ୍ଟି ।



**ବୃଷ:** କର୍ମକ୍ଷେତ୍ରରେ ଦ୍ୱନ୍ଦ୍ୱ ସୃଷ୍ଟି । ଠକାମିର ଶିକାର ହୋଇ ପାରନ୍ତି । ପରିବାରରେ ଜଞ୍ଜାଳ ବଢ଼ିବ । ଅକସ୍ମାତ୍ ରୋଗ ପୀଡାର ସୂଚନା । ଆୟ ଓ ବ୍ୟୟ ସମାନ ରହିବ । ବନ୍ଧୁଙ୍କ ସାହାଯ୍ୟ ପ୍ରାପ୍ତ ହେବ ନାହିଁ ।



**ମିଥୁନ:** ସହଯୋଗ ପାଇ ବାକିଆ ସମାପନ କରି ପାରିବେ । ମିତ୍ର ଲାଭ ହେବ । ଆୟର ପରିମାଣ ସ୍ଥିର ରହିବ । ପାରିବାରିକ ଜଞ୍ଜାଳ ବୃଦ୍ଧି ହେବ । ମହିଳାମାନେ ଗର୍ବୀ ହେବେ ।



**କର୍କଟ:** ଆତ୍ମଭିମାନ ବଢ଼ିବ । ଆଚାର ଓ ବ୍ୟବହାରରେ ଅହଂକାର ବଢ଼ିବ । ଶତ୍ରୁ ସୃଷ୍ଟି ହେବ । ପରିଶ୍ରମ ବୃଦ୍ଧି ପାଇବ । ରୋଜଗାର ଉତ୍ତମ ହେବ । କୁଟମ୍ବେ ବା ସହଯୋଗୀଙ୍କ କଥା ପାଇଁ ବିଚଳିତ ହେବେ ।



**ସିଂହ:**ଭାଷା ସଂଯମ କରିବା ଶ୍ରେୟସ୍କର ହେବ । ନଚେତ୍ ଅସୁବିଧାର ସମ୍ମୁଖୀନ ହେବେ । କର୍ମକ୍ଷେତ୍ରରେ ଆନନ୍ଦ ଲାଗିବ । ଆୟର ପରିମାନ ବଢ଼ିବ । ଗୃହେ ସୁଖ ଶାନ୍ତି ଅକ୍ଷୁର୍ଣ୍ଣ ରହିବ । ମହିଳାମାନେ ସୁଖୀ ହେବେ ।



**କନ୍ୟା:** ଆଜି ଆପଣଙ୍କର ଦିନଟି ଆନନ୍ଦରେ କଟିବ । ବ୍ୟବସାୟରେ ଲାଭବାନ୍ ହେବେ । ରୋଜଗାରର ପରିମାଣ ବଢ଼ିବ । ଘରେ ଆନନ୍ଦ ଦେଖାଦେବ । ବନ୍ଧୁଙ୍କ ସହ ଆମୋଦ ପ୍ରମୋଦରେ ଦିନଟି କଟିପାରେ ।



**ତୁଳା:**ପରିଶ୍ରମ ବଢ଼ିଲେ ମଧ୍ୟ ତଦନୁଯାୟୀ ଫଳ ଲାଭ କରି ଆନନ୍ଦିତ ହେବେ । ପୁରୁଣା କାର୍ଯ୍ୟ ସମାଧାନ ହେବା ମନ ଭଲ ରହିବ । ଆୟ ଓ ବ୍ୟୟ ସମାନ ରହିବ । ପରିବାରରେ ସ୍ୱାସ୍ଥ୍ୟ ଚିନ୍ତାର କାରଣ ।



**ବିଛା:** ପ୍ରତ୍ୟେକ କାର୍ଯ୍ୟରେ ନିଜର ଦୃଢ଼ ଆଶା ସୁଫଳ ପ୍ରଦାନ କରିବେ । ପରିବାରରେ ବନ୍ଧୁ ମତାନ୍ତର ଯୋଗ ରହୁଛି । ଆୟ ଓ ବ୍ୟୟର ପରିମାଣ ମଧ୍ୟମ ଧରଣର ହେବ । ଆଳସ୍ୟତା ପରିହାର କର୍ତ୍ତବ୍ୟ ।



**ଧନୁ:** ଆଜି ଆପଣଙ୍କର ଦିନଟି ଆନନ୍ଦରେ କଟିବ । ଉତ୍ତମ ଭୋଜନ ଓ ବସନ ଭୂଷଣ ପ୍ରାପ୍ତି । କର୍ମକ୍ଷେତ୍ରରେ ଉନ୍ନତି ସାଧନ ହେବ । ରୋଜଗାର ଭଲ ହେବ । ଉଚ୍ଚ ଆଶା ସଫଳ ହେବାର ସମ୍ଭାବନା ।



**ମକର:** ଶତ୍ରୁ ବୃଦ୍ଧି । ନିଜ ଲୋକ ବିପରୀତ ବ୍ୟବହାର କରିବେ । ପଥରୋଧ ଭଳି ପରିସ୍ଥିତର ସାମ୍ନା କରିବାକୁ ହେବ । ଆୟର ପରିମାଣ ସାମାନ୍ୟ ବଢ଼ିବ । ଗୃହରେ ଆନନ୍ଦ ଲାଗିବ ।



**କୁମ୍ଭ:** ଆଜି ଆପଣଙ୍କର ଘାତଚନ୍ଦ୍ର । ଏଣୁ ସାବଧାନ ରହିବା ଶ୍ରେୟସ୍କର । ବ୍ୟୟ ଠାରୁ ଆୟର ପରିମାଣ କମ୍ ହେବ । ପରିବାରରେ ସ୍ତ୍ରୀଙ୍କ କଥା ଗ୍ରହଣୀୟ ।



**ମୀନ:** କର୍ମକ୍ଷେତ୍ରରେ କାର୍ଯ୍ୟ ସାଫଲ୍ୟତା ଯୋଗ । ମାଲିମକଦ୍ଦମାରେ ବିଜୟ ପ୍ରାପ୍ତ ହେବ । ଆୟ ଓ ବ୍ୟୟ ସମାନ ରହିବ । ପରିବାରରେ ଶ୍ରମ ବୃଦ୍ଧି । ଆଶା କରିଥିବା କାର୍ଯ୍ୟ ସଫଳ ହେବ ।

# ଆଗାମୀ କାଲିର ପଞ୍ଜିକା

ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ
**ତା୨୨।୧୨।୨୦୨୫, ମାର୍ଗଶିର ଦି୭ନ, ସୋମବାର**
**ସୂର୍ଯ୍ୟୋଦୟ- ଘ୬।୧୭।୨୪ ଚନ୍ଦ୍ରୋଦୟ-ଦିଘ୮।୦୪।୫୩**
**ଦ୍ୱିତୀୟା-** ଦିଘ୧୦।୫୨ପର୍ଯ୍ୟନ୍ତ । **ଉତ୍ତରାଷାଢାନକ୍ଷତ୍ର-** ନିଘ ୫।୩୩ ପର୍ଯ୍ୟନ୍ତ **ଧନୁଚନ୍ଦ୍ର-** ଦିଘ୧୮।୦୬ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ମେଷ, ମିଥୁନ, କର୍କଟ,ସିଂହ,ବିଛା,ଧନୁ, ମୀନ ରାଶିର ଦିଘ୧୦।୦୭ଗତେ ମେଷ,ବୃଷ, କର୍କଟ,କନ୍ୟା,ବିଛା,ଧନୁ,ମକର ଓ ମୀନ ରାଶୀର ।**ଘାତ ଚନ୍ଦ୍ର-**ତୁଳା ଓକୁମ୍ଭ ରାଶୀର ଦିଘ୧୦।୦୬ପରେ ସିଂହ ରାଶୀର । **ଶ୍ରାଦ୍ଧନିର୍ଣ୍ଣୟ-** ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ବୋଇତି କଖାରୁ ଦିଘ୧୦।୫୬ପରେ ପୋଟଳ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୬।୨୧ ଗତେ ଘ ୭।୪୨ ମଧ୍ୟେ । ଦିଘ ୯।୧୪ ଗତେ ଘ ୧୧।୨୪ ମଧ୍ୟେ । **ପର୍ବୋତ୍ସବ-**ପଲ୍ଲୀକବି ନନ୍ଦକିଶୋର ବଳଙ୍କ ଜୟନ୍ତୀ,ଶାରଦାଦେବୀଙ୍କ ଜନ୍ମଦିବସ,ବିଶ୍ୱ ଗଣିତ ଦିବସ ।

ପ୍ରସଙ୍ଗତଃ
31 YEARS
ସମ୍ବାଦ କଳିକା

# ଭାରତ ସହିତ 'ଗଭୀର ସମ୍ପର୍କ'କୁ ସମର୍ଥନ କରୁଥିବା ପ୍ରତିରକ୍ଷା ନୀତି ବିଲ୍‌ରେ ସ୍ୱାକ୍ଷର କଲେ ଟ୍ରମ୍ପ

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏକ ବାର୍ଷିକ ପ୍ରତିରକ୍ଷା ନୀତି ବିଲ୍‌ରେ ସ୍ୱାକ୍ଷର କରିଛନ୍ତି। ଏହି ବିଲ୍‌ରେ ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳକୁ ଏକ ମୁକ୍ତ ଓ ଖୋଲା ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳର ସହଭାଗୀ ଉଦ୍ଦେଶ୍ୟକୁ ଆଗକୁ ବଢ଼ାଇବା ଏବଂ ଚୀନ୍ ଦ୍ୱାରା ସୃଷ୍ଟ ଆହ୍ୱାନର ମୁକାବିଲା ପାଇଁ କ୍ୱାଡ୍ ସମେତ ଭାରତ ସହ ଆମେରିକାର ସମ୍ପର୍କକୁ ବ୍ୟାପକ କରିବା ଉପରେ ଆଲୋକପାତ କରାଯାଇଛି।

ଗୁରୁବାର ସ୍ୱାକ୍ଷରିତ ୨୦୨୬ ଆର୍ଥିକ ବର୍ଷ ପାଇଁ ଜାତୀୟ ପ୍ରତିରକ୍ଷା ପ୍ରାଧିକରଣ ଆଇନରେ ଏହା ମଧ୍ୟ କୁହାଯାଇଛି ଯେ, ପରମାଣୁ ଦାୟିତ୍ୱବୋଧ ନିୟମ ସମ୍ବନ୍ଧରେ ବୈଦେଶିକ ସଚିବ ଭାରତ ସରକାରଙ୍କ ସହ ମିଳିତ ପରାମର୍ଶଦାତା ବ୍ୟବସ୍ଥା ପ୍ରତିଷ୍ଠା କରିବେ। ଏହା ଯୁଦ୍ଧ ବିଭାଗ, ଶକ୍ତି ବିଭାଗ, ଜାତୀୟ ସୁରକ୍ଷା କାର୍ଯ୍ୟକ୍ରମ, ବୈଦେଶିକ ବିଭାଗ, ହୋମଲ୍ୟାଣ୍ଡ ସୁରକ୍ଷା ବିଭାଗ, ଗୁଇନ୍ଦା ସମ୍ପ୍ରଦାୟ ଓ ଅନ୍ୟାନ୍ୟ କାର୍ଯ୍ୟନିର୍ବାହୀ ବିଭାଗ ଓ ଏଜେନ୍ସି ପାଇଁ ଆର୍ଥିକ ବର୍ଷର ଆବଣ୍ଟନକୁ ଅନୁମତି ଦେଇଥାଏ। ଏହି ଆଇନରେ 'ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ପ୍ରତିରକ୍ଷା ମେଣ୍ଟ ଓ ଭାଗୀଦାରି ଉପରେ କଂଗ୍ରେସର ଭାବନା'ର ରୂପରେଖ ଦିଆଯାଇଛି। ଏହା ଅଧୀନରେ, ପ୍ରତିରକ୍ଷା ସଚିବ ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ଆମେରିକାର ପ୍ରତିରକ୍ଷା ମେଣ୍ଟ ଓ ସହଭାଗିତାକୁ ମଜବୁତ କରିବା ପାଇଁ ଉଦ୍ୟମ ଜାରି ରଖିବ, ଯାହା ଚୀନ୍ ସହିତ ରଣନୀତିକ ପ୍ରତିଦ୍ୱନ୍ଦ୍ୱିତାରେ ଆମେରିକାର ତୁଳନାତ୍ମକ ଲାଭକୁ ଆହୁରି ଆଗକୁ ବଢାଇବ। ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ଚୀନ୍‌ର ଆକ୍ରମଣାତ୍ମକ ଆଚରଣକୁ ପ୍ରତିହତ କରିବା ପାଇଁ ୨୦୧୭ ମସିହାରେ ଭାରତ, ଆମେରିକା, ଜାପାନ ଓ ଅଷ୍ଟ୍ରେଲିଆକୁ ନେଇ କ୍ୱାଡ୍ ବା କ୍ୱାଡ୍ରିଲାଟେରାଲ୍ ସିକ୍ୟୁରିଟି ଡାଏଲଗ ଗଠନ କରାଯାଇଥିଲା। ଏହି ଆଇନରେ କୁହାଯାଇଛି ଯେ, ପ୍ରତିରକ୍ଷା ସଚିବ ବୈଦେଶିକ ସଚିବଙ୍କ ସହ ସମନ୍ୱୟ ରକ୍ଷା କରି ଆମେରିକା ଓ ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ସହଯୋଗୀ ଦେଶମାନଙ୍କ ମଧ୍ୟରେ ସହଯୋଗକୁ ମଜବୁତ କରିବା ପାଇଁ ଏକ ସୁରକ୍ଷା ପଦକ୍ଷେପ ପ୍ରତିଷ୍ଠା କରିବେ। ୨୦୦୮ ମସିହାରେ ୱାସିଂଟନରେ ସ୍ୱାକ୍ଷରିତ ଆଣବିକ ଶକ୍ତିର ଶାନ୍ତିପୂର୍ଣ୍ଣ ବ୍ୟବହାର ସମ୍ବନ୍ଧରେ ଆମେରିକା ଓ ଭାରତ ସରକାରଙ୍କ ମଧ୍ୟରେ ସହଯୋଗ ପାଇଁ ହୋଇଥିବା ଚୁକ୍ତିନାମାର କାର୍ଯ୍ୟକାରିତାକୁ ଆକଳନ କରିବା ପାଇଁ ଏହି ବ୍ୟବସ୍ଥା ନିୟମିତ ଭାବରେ ବୈଠକ କରିବ।

# ଭାରତ ୨୦୨୫: ଏକ ଜାତୀୟ ସମୀକ୍ଷା (୧)



ସୌଭାଗ୍ୟ ରଂଜନ ମହାନ୍ତି(ରାଜା)
ସମ୍ମାନ ଭବନ,
ଗାଙ୍ଗୋତ୍ରୀ ନଗର,ଶିଶୁପାଳଗଡ,
ମୋ-୯୪୩୭୯୯୪୩୭୯

୨୦୨୫ ବର୍ଷ ଭାରତର ଆଧୁନିକ ଇତିହାସରେ ଏକ ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତ। ଏକ ଦଶନ୍ଧିର ସାଂରଚନିକ ସଂସ୍କାର, ଯୁବ ଜନସଂଖ୍ୟା ବୃଦ୍ଧି ଏବଂ ଏକ କ୍ରମଶଃ ଦୃଢ ବୈଦେଶିକ ନୀତି ପରେ, ଦେଶ ନିଜକୁ ବିଶ୍ୱର ଚତୁର୍ଥ ଅର୍ଥନୀତି ହେବା ପାଇଁ ପାଦ ଥାପିଛି। ନୂଆଦିଲ୍ଲୀରେ ଅନୁଷ୍ଠିତ ଇଣ୍ଡିଆ ଇକୋନୋମିକ୍ କନ୍‌କ୍ଲେଭ୍ (IEC ୨୦୨୫)ର ମୁଖ୍ୟ ଖବର, ସର୍ବଶେଷ ଅର୍ଥନୈତିକ ସର୍ଭେ ଏବଂ ଅନେକ ଆଇନଗତ ମାଇଲଖୁଣ୍ଟ ଏପରି ଏକ ଦେଶର ଚିତ୍ର ଆଙ୍କିଥାଏ ଯାହା ଏକାକାଳୀନ 'ଭାଗ୍ୟବାନ' ଏବଂ କଠିନ ପରିଶ୍ରମୀ। ଘରୋଇ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ସହିତ ଭୂରାଜନୈତିକ ଅସ୍ଥିରତାକୁ ପାର କରେ। ପ୍ରତ୍ୟେକ ବିଭାଗ ସବୁଠାରୁ ପ୍ରମୁଖ ତଥ୍ୟକୁ ସଂଶ୍ଳେଷଣ କରେ, ନୀତିଗତ ପଦକ୍ଷେପଗୁଡିକୁ ହାଇଲାଇଟ୍ କରେ ଏବଂ ଭାରତୀୟ ଅର୍ଥନୀତି ଏବଂ ସମାଜ ଉପରେ ସେମାନଙ୍କର ପ୍ରଭାବର ମୂଲ୍ୟାଙ୍କନ କରେ। ସମସ୍ତ ପରିମାଣାତ୍ମକ ବିବୃତି ଅତି କମରେ ଦୁଇଟି ସ୍ୱାଧୀନ ଉତ୍ସ ଦ୍ୱାରା ସମର୍ଥିତ, ଏବଂ ଯେକୌଣସି ବିସଙ୍ଗତି ଉଲ୍ଲେଖ କରାଯାଇଛି। ସ୍ଥୂଳ ଅର୍ଥନୈତିକ ପ୍ରଦର୍ଶନ ୨.୧ ଏଉଚ ଅଭିବୃଦ୍ଧି ଏବଂ କ୍ଷେତ୍ରୀୟ ଅବଦାନ ପରିସଂଖ୍ୟାନ ଏବଂ କାର୍ଯ୍ୟକ୍ରମ କାର୍ଯ୍ୟାନ୍ୱୟନ ମନ୍ତ୍ରଣାଳୟ (MoSP) ଏବଂ ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (IMF) ଦ୍ୱାରା ଅକ୍ଟୋବର ୨୦୨୫ ଆଉଟଲୁକ୍‌ରେ ସମର୍ଥନ ଅନୁଯାୟୀ, ଭାରତର ପ୍ରକୃତ ମୋଟ ଘରୋଇ ଉତ୍ପାଦ GDP ୨୦୨୪-୨୫ ଆର୍ଥିକ ବର୍ଷରେ ୬.୫% ବୃଦ୍ଧି ପାଇଛି। ଏହି ଅଭିବୃଦ୍ଧି ମୁଖ୍ୟତଃ ସେବା କ୍ଷେତ୍ର ଦ୍ୱାରା ପରିଚାଳିତ ହେଉଥିଲା, ଯାହା ଆର୍ଥିକ ବର୍ଷର ପ୍ରଥମାର୍ଦ୍ଧରେ ୯.୩% ବୃଦ୍ଧି ପାଇଥିଲା, ଯେତେବେଳେ ନିର୍ମାଣ ଏକ ସାମାନ୍ୟ ୭.୭% ବୃଦ୍ଧି ପୋଷ୍ଟ କରିଥିଲା। ପ୍ରବଳ ମୌସୁମୀ ପରେ କୃଷି, ସାମଗ୍ରିକ ଅଭିବୃଦ୍ଧିରେ ୩.୫% ଅବଦାନ ଦେଇଥିଲା, ଯାହା ପୂର୍ବ ବର୍ଷର ମାନ୍ଦାବସ୍ଥାରୁ ପୁନରୁଦ୍ଧାରକୁ ଚିହ୍ନିତ କରିଥିଲା। ସେବା କ୍ଷେତ୍ର ବର୍ତ୍ତମାନ GDPର ପ୍ରାୟ ୫୫% ଅଟେ, ଯାହା ଏକ ଦଶନ୍ଧି ପୂର୍ବେ ୫୦% ଥିଲା, ଯାହା ଅର୍ଥ, IT ଏବଂ ବ୍ୟବସାୟ-ପ୍ରକ୍ରିୟା ଆଉଟସୋର୍ସିଂ(BPO)ର ନିରନ୍ତର ଡିଜିଟାଲାଇଜେସନ୍‌କୁ ପ୍ରତିଫଳିତ କରେ। ଉତ୍ପାଦନ କ୍ଷେତ୍ରର ଅଂଶ ୧୭-୧୮% ରହିଛି, ଅଟୋମୋଟିଭ୍ ଶିଳ୍ପ ଜାପାନକୁ ପଛରେ ପକାଇ ବିଶ୍ୱର ତୃତୀୟ ବୃହତ ଯାନବାହାନ ଉତ୍ପାଦକ ହୋଇ ଶିରୋନାମାରେ ସ୍ଥାନ ପାଇଛି। ୨.୨ ମୁଦ୍ରାସ୍ଫୀତି, ମୁଦ୍ରାନୀତି ଏବଂ ଆର୍ଥିକ ସ୍ୱାସ୍ଥ୍ୟ ଖାଦ୍ୟ ଏବଂ ଇନ୍ଧନ ମୂଲ୍ୟ ହ୍ରାସ ଦ୍ୱାରା ଗ୍ରାହକ ମୂଲ୍ୟ ସୂଚକାଙ୍କ (CPI) ମୁଦ୍ରାସ୍ଫୀତି ଆର୍ଥିକ ବର୍ଷରେ ୪.୯% କୁ ହ୍ରାସ ପାଇଛି, ଯାହା ପୂର୍ବ ବର୍ଷର ୫.୪% ଥିଲା। ଭାରତୀୟ ରିଜର୍ଭ ବ୍ୟାଙ୍କ (RBI) ଏକ ସହନଶୀଳ ମନୋଭାବ ବଜାୟ ରଖିଛି, ନିବେଶକୁ ସମର୍ଥନ କରିବା ପାଇଁ ରେପୋ ହାରକୁ ୬.୫% ରଖିଛି ଏବଂ ମୁଦ୍ରାସ୍ଫୀତିକୁ ଧୀରେ ଧୀରେ ଏହାର ମଧ୍ୟମକାଳୀନ ଲକ୍ଷ୍ୟ ୪% ସହିତ ସମାନ କରୁଛି। ଆର୍ଥିକ କ୍ଷେତ୍ରରେ ଆର୍ଥିକ ବର୍ଷ ୨୦୨୫-୨୬ ପାଇଁ କେନ୍ଦ୍ର ବଜେଟ ପୁଞ୍ଜି ବ୍ୟୟ ୧୦% ବୃଦ୍ଧି କରିବ ୧୧.୨୧ ଲକ୍ଷ କୋଟି (ପ୍ରାୟ ଆମେରିକୀୟ ଡଲାର ୧୩୧ ବିଲିୟନ) କରିଛି, ଯାହା ଭିତ୍ତିଭୂମି-ନେତୃତ୍ୱାଧୀନ ଅଭିବୃଦ୍ଧି ପ୍ରତି ସରକାରଙ୍କ ପ୍ରତିବଦ୍ଧତାକୁ ସ୍ପଷ୍ଟ କରିଥାଏ। ଘରୋଇ ଚାହିଦା ବୃଦ୍ଧି ଏବଂ ଉଚ୍ଚ ଆମଦାନୀ ଶୁଳ୍କ ଯୋଗୁଁ ମୋଟ ଟିକସ ସଂଗ୍ରହ ବର୍ଷ ବର୍ଷ ୧୨.୬% ବୃଦ୍ଧି ପାଇଛି। ୨.୩ ବାହ୍ୟ କ୍ଷେତ୍ର ଏବଂ ବିଦେଶୀ ନିବେଶ ୨୦୨୪ ଶେଷରେ ଭାରତର ବୈଦେଶିକ ମୁଦ୍ରା ଭଣ୍ଡାର ୬୪୦ ବିଲିୟନ ଆମେରିକୀୟ ଡଲାର ଥିଲା, ଯାହା ୧୦.୯ ମାସର ଆମଦାନୀ ପୂରଣ କରିବା ପାଇଁ ଯଥେଷ୍ଟ ଥିଲା। ଚଳିତ ଆକାଉଣ୍ଟ ନିଅଣ୍ଟ GDPର ୧.୨% କୁ ସଙ୍କୁଚିତ ହୋଇଛି, ଯାହା ଏକ ସୁସ୍ଥ ବାଣିଜ୍ୟ ସନ୍ତୁଳନ ଏବଂ ସୁଦୃଢ ସେବା ରପ୍ତାନୀକୁ ପ୍ରତିଫଳିତ କରୁଛି। ୨୦୨୫ ଆର୍ଥିକ ବର୍ଷରେ ବିଦେଶୀ ପ୍ରତ୍ୟକ୍ଷ ନିବେଶ (FDI) ପ୍ରବାହ ପୁନର୍ବାର ବୃଦ୍ଧି ପାଇଁ ୧୭.୯% ବୃଦ୍ଧି ପାଇ ୫୫.୬ ବିଲିୟନ ଆମେରିକୀୟ ଡଲାର ହୋଇଛି, ସିଙ୍ଗାପୁର, ମରିସସ୍ ଏବଂ ଯୁକ୍ତରାଷ୍ଟ୍ର ପ୍ରମୁଖ ଉତ୍ସ ଭାବରେ ରହିଛନ୍ତି। ଉଲ୍ଲେଖନୀୟ ଯେ ସଂସଦ ବୀମା କ୍ଷେତ୍ରରେ (FDI) ସୀମାକୁ ୧୦୦% ବୃଦ୍ଧି କରିବା ପାଇଁ ଏକ ବିଲ୍ ଅନୁମୋଦନ କରିଛି, ଯାହା ଦ୍ୱାରା ୩୦-୪୦ ବିଲିୟନ ଆମେରୀକୀୟ ଡଲାରର ନୂତନ ପୁଞ୍ଜି ଆକର୍ଷିତ ହେବ ଏବଂ ୨୦୨୪ରେ GDP ର ୩.୮% ରୁ ୨୦୨୭ ସୁଦ୍ଧା ବୀମା ପ୍ରବେଶକୁ ଆନୁମାନିକ ୫%କୁ ବୃଦ୍ଧି କରିବ ବୋଲି ଆଶା କରାଯାଉଛି। ଭିତ୍ତିଭୂମି ଏବଂ ଲଜିଷ୍ଟିକ। ରାସ୍ତା ଏବଂ ରାଜପଥ ନିର୍ମାଣ ସଡକ ପରିବହନ ଏବଂ ରାଜପଥ ମନ୍ତ୍ରଣାଳୟ ରିପୋର୍ଟ କରିଛି ଯେ ୨୦୨୫ ଏପ୍ରିଲ ଏବଂ ଡିସେମ୍ବର ମଧ୍ୟରେ ୫,୮୫୩ କିଲୋମିଟର ଜାତୀୟ ରାଜପଥ ନିର୍ମାଣ କରାଯାଇଥିଲା, ଯାହା ପୂର୍ବ ବର୍ଷ ତୁଳନାରେ ୬% ବୃଦ୍ଧି ଏସିଆର ସର୍ବବୃହତ ସୁଡଙ୍ଗ ପ୍ରକଳ୍ପର ଏକ ଅଂଶ, ଲଦାଖର ପ୍ରମୁଖ ଜୋଜି-ଲା ସୁଡଙ୍ଗ ୪୦% ସମାପ୍ତିରେ ପହଂଚିଛି, ଯେତେବେଳେ ସଞ୍ଜୟ ଗାନ୍ଧୀଙ୍କ (ଜେଡ୍-ମୋର୍ହ) ସୁଡଙ୍ଗ ଉଦଘାଟନ ନିକଟତର ହୋଇଛି। ସମ୍ପ୍ରତି ମୁଦ୍ରୀକରଣ ଏବଂ ପାଣ୍ଠି ମଡେଲ ଅର୍ଥ ମନ୍ତ୍ରୀ ନିର୍ମଳା ସୀତାରମଣ ଜାତୀୟ ମୁଦ୍ରୀକରଣ ପାଇପଲାଇନ୍ (NMP) ଉପରେ ଆଲୋକପାତ କରିଥିଲେ, ଯାହାର ଲକ୍ଷ୍ୟ ୨୦୨୨-୨୫ ଆର୍ଥିକ ବର୍ଷ ମଧ୍ୟରେ ସମ୍ପତ୍ତି ବିକ୍ରୟରୁ ୬ଲକ୍ଷ କୋଟି (US$୭୫ବିଲିୟନ) ସଂଗ୍ରହ କରିବା। ୨୦୨୫ ଶେଷ ସୁଦ୍ଧା ୩.୮୬ ଲକ୍ଷ କୋଟି ମୂଲ୍ୟର କାରବାର ସମାପ୍ତ ହୋଇଛି, ମୁଖ୍ୟତଃ ଇନଫ୍ରାଷ୍ଟ୍ରକ୍‌ଚର ଇନଭେଷ୍ଟମେଣ୍ଟ ଟ୍ରଷ୍ଟ (InVITs) ଏବଂ ଟୋଲ୍-ଅପରେଟ୍-ଟ୍ରାନ୍ସଫର (TOT) ମଡେଲ ମାଧ୍ୟମରେ। ଲଜିଷ୍ଟିକ୍ସ ଖର୍ଚ୍ଚ ହ୍ରାସ ଭାରତୀୟ ପରିଚାଳନା ସଂସ୍ଥାନ (ଆଇଆଇଏମ୍) ବାଙ୍ଗାଲୋର, ଆଇଆଇଟି କାନପୁର ଏବଂ ଆଇଆଇଟି ଚେନ୍ନାଇର ଏକ ମିଳିତ ଅଧ୍ୟୟନ ସୂଚିତ କରିଛି ଯେ ସଡକ ପରିବହନ ଲଜିଷ୍ଟିକ୍ସ ଖର୍ଚ୍ଚ ୬% ହ୍ରାସ ପାଇଛି। ଏହି ହ୍ରାସ ଡିସେମ୍ବର ୨୬/୨୦୨୫ରୁ ଶୂନ୍ୟ ସମୟ ଟୋଲିଂ (ସ୍ୱୟଂଚାଳିତ ଟୋଲ୍ ଡିଡକ୍ସନ୍) ଲାଗୁ ହେବା ଦ୍ୱାରା ହୋଇଛି, ଯାହା ଟୋଲ୍ ପ୍ଲାଜାରେ ଅପେକ୍ଷା ସମୟ ୩୦% ପର୍ଯ୍ୟନ୍ତ ହ୍ରାସ କରିବ ବୋଲି ଆଶା କରାଯାଉଛି। ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳ ସଂଯୋଗୀକରଣ ଦିଲ୍ଲୀ-ଏନସିଆର ଅଞ୍ଚଳରେ, ସରକାର ଟ୍ରାଫିକ ଭିଡ କମ କରିବା ଏବଂ ବାୟୁ ପ୍ରଦୂଷଣ ହ୍ରାସ କରିବା ପାଇଁ ଏକ ଉତ୍ସର୍ଗୀକୃତ ଭିତ୍ତିଭୂମି କାର୍ଯ୍ୟକ୍ରମ ପାଇଁ ୧.୫ଲକ୍ଷ କୋଟି (ଯୁକ୍ତରାଷ୍ଟ୍ରୀୟ ୧୯ ବିଲିୟନ) ସ୍ଥିର କରିଛନ୍ତି। ଏହି ସମୟରେ ପ୍ରଧାନମନ୍ତ୍ରୀ ଗତିଶକ୍ତି ପଦକ୍ଷେପ ଏପ୍ରିଲ ଏବଂ ନଭେମ୍ବର ୨୦୨୫ ମଧ୍ୟରେ ୨,୦୩୧ କିଲୋମିଟର ନୂତନ ରେଳ ଲାଇନ ଯୋଡିଛି ଏବଂ ୧୭ଟି ନୂତନ ବନ୍ଦେ ଭାରତ ଟ୍ରେନ ପ୍ରଚଳନ କରିଛି, ଯାହା ସାରା ଦେଶରେ ଯାତ୍ରୀ ସଂଯୋଗୀକରଣକୁ ଉନ୍ନତ କରୁଛି। ଭୂରାଜନୀତି, ବାଣିଜ୍ୟ ଏବଂ ରଣନୈତିକ ସ୍ୱାୟତ୍ତତା। ଆମେରିକା-ଚୀନ ପ୍ରତିଦ୍ୱନ୍ଦ୍ୱିତାକୁ ଭେଦିବା ୨୦୨୫ ବର୍ଷ, ରଣନୈତିକ ସ୍ୱାୟତ୍ତତା ସିଦ୍ଧାନ୍ତ ଦ୍ୱାରା ପ୍ରାଧାନ୍ୟ ବିସ୍ତାର କରିଥିଲା, କାରଣ ଭାରତ ଏକ ଭଗ୍ନ ବିଶ୍ୱ କ୍ରମ ମଧ୍ୟରେ ଯୁକ୍ତରାଷ୍ଟ୍ର ଚୀନ୍ ଏବଂ ରୁଷ ସହିତ ସମ୍ପର୍କ ସନ୍ତୁଳିତ କରିବାକୁ ଚେଷ୍ଟା କରିଥିଲା। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦ୍ୱିତୀୟ କାର୍ଯ୍ୟକାଳରେ ଯୁକ୍ତରାଷ୍ଟ୍ର ଅଧିକାଂଶ ଭାରତୀୟ ସାମଗ୍ରୀ ଉପରେ ୫୦% ଆମଦାନୀ ଶୁଳ୍କ ଲାଗୁ କରିଥିଲା, ଯେଉଁଥିରେ ରିହାତିପ୍ରାପ୍ତ ରୁଷୀୟ ତେଲ କ୍ରୟ ପାଇଁ ୨୫% ଦଣ୍ଡ ମଧ୍ୟ ଅନ୍ତର୍ଭୁକ୍ତ ଥିଲା। ଜବାବରେ ଭାରତ ୟୁରୋପୀୟ ମୁକ୍ତ ବାଣିଜ୍ୟ ସଂଘ (EFTA) ସହିତ ଏକ ମୁକ୍ତ ବାଣିଜ୍ୟ ଚୁକ୍ତିନାମା (FTA) ସ୍ୱାକ୍ଷର କରି ଏବଂ ଯୁକ୍ତରାଜ୍ୟ, ୟୁରୋପୀୟ ସଂଘ, ଚିଲି, ନ୍ୟୁଜିଲ୍ୟାଣ୍ଡ ଏବଂ କାନାଡା ସହିତ ଆଲୋଚନାକୁ ଆଗକୁ ବଢାଇ ଏହାର ରପ୍ତାନୀ ବଜାରକୁ ବିବିଧ କରିଥିଲା। ଶୁଳ୍କ ମଧ୍ୟରେ ବାଣିଜ୍ୟ ପ୍ରଦର୍ଶନ ଶୁଳ୍କ ଆଘାତ ସତ୍ତ୍ୱେ, ଭାରତର ସାମଗ୍ରିକ ସାମଗ୍ରୀ ରପ୍ତାନୀ ଏପ୍ରିଲ-ନଭେମ୍ବର ୨୦୨୫ ଅବଧିରେ ୨.୬% ବୃଦ୍ଧି ପାଇଁ ୨୯୨ ବିଲିୟନ ଆମେରକୀୟ ଡଲାରରେ ପହଞ୍ଚିଛି। ରପ୍ତାନୀ ପ୍ରୋତ୍ସାହନ ମିଶନ ସୁଧ ସମୀକରଣ ଯୋଜନା ଏବଂ ବଜାର ପ୍ରବେଶ ପଦକ୍ଷେପ ପୁନଃ ପ୍ରଚଳନ କରିଛି, ଯାହା ରପ୍ତାନୀକାରୀମାନଙ୍କୁ ଅତ୍ୟନ୍ତ ଆବଶ୍ୟକ ସହାୟତା ପ୍ରଦାନ କରୁଛି। ସେବା ରପ୍ତାନୀ ବୃଦ୍ଧି ପାଇବା ଜାରି ରଖିଛି, ସେହି ସମୟ ମଧ୍ୟରେ ୧୨.୮% ବୃଦ୍ଧି ପାଇଛି, ଟେଲିକମ୍ ଯୋଗାଯୋଗ, କମ୍ପ୍ୟୁଟର ଏବଂ ସୂଚନା ସେବା ଦ୍ୱାରା ପରିଚାଳିତ। କୂଟନୈତିକ ସନ୍ତୁଳନ ଆଇନ ଭାରତ ଇସ୍ରାଏଲ ପାଲେଷ୍ଟାଇନ ବିବାଦ ଉପରେ ଏକ ନିରପେକ୍ଷ ମନୋଭବ ବଜାୟ ରଖିଛି, ଇସ୍ରାଏଲ ଏବଂ ଉପସାଗରୀୟ ରାଷ୍ଟ୍ର ଉଭୟ ସହିତ ସମ୍ପର୍କ ସଂରକ୍ଷଣ କରି ଦୁଇ ରାଷ୍ଟ୍ର ସମାଧାନକୁ ସମର୍ଥନ କରୁଛି। ଭାରତ-ଓମାନ FTA ସ୍ୱାକ୍ଷରର ନିକଟତର ହେଲା ଏବଂ ଇସ୍ରାଏଲ ସହିତ ଅନୁସନ୍ଧାନମୂଳକ ଆଲୋଚନ ଆରମ୍ଭ ହେଲା, ଯାହା ମଧ୍ୟ-ପୂର୍ବ କୂଟନୀତି ପ୍ରତି ଏକ କ୍ରମିତ ଆଭିମୁଖ୍ୟକୁ ପ୍ରତିଫଳିତ କରେ। ପ୍ରତିରକ୍ଷା ଏବଂ ସୁରକ୍ଷା ଯେତେବେଳେ ଲେଖାଟି ଅର୍ଥନୈତିକ ଦିଗ ଉପରେ ଧ୍ୟାନ ଦିଏ, ଏହା ଉଲ୍ଲେଖନୀୟ ଯେ ଭାରତର ପ୍ରତିରକ୍ଷା ବଜେଟ୍ ୨୦୨୫ ଆର୍ଥିକ ବର୍ଷରେ ୫.୫ ଲକ୍ଷ କୋଟି ଟଙ୍କା (US$୭୦ ବିଲିୟନ)ରେ ପହଞ୍ଚିଛି, ଯାହା ପୂର୍ବ ବର୍ଷ ତୁଳନାରେ ୧୨% ବୃଦ୍ଧି, ଯାହାର ଲକ୍ଷ୍ୟ ସଶସ୍ତ୍ର ବାହିନର ଆଧୁନିକୀକରଣ ଏବଂ ମେକ୍ ଇନ୍ ଇଣ୍ଡିଆ ପ୍ରତିରକ୍ଷା କାର୍ଯ୍ୟକ୍ରମ। ସ୍ରୋତ ସିଧାସଳଖ ଉଦ୍ଧୃତ ନୁହେଁ କିନ୍ତୁ ବ୍ୟାପକ ଜାତୀୟ ଆଲୋଚନାର ଅଂଶ। ଅଧୀନରେ ସ୍ୱଦେଶୀ ଉତ୍ପାଦନ ବୃଦ୍ଧି କରିବା। ଶକ୍ତି, ପରିବେଶ ଏବଂ ପରମାଣୁ କ୍ଷେତ୍ର ନବୀକରଣୀୟ ଶକ୍ତି ବିସ୍ତାର ୨୦୨୫ ଆର୍ଥିକ ବର୍ଷରେ ନବୀକରଣୀୟ କ୍ଷମତା ୧୫.୮% ବୃଦ୍ଧି ପାଇଛି, ଯାହା ମୋଟ ଶକ୍ତି ମିଶ୍ରଣରେ ନବୀକରଣୀୟ ଶକ୍ତିର ଅଂଶ ୪୭% କୁ ଆଣିଛି, ଯାହା ୨୦୨୪ରେ ୪୧% ଥିଲା। ସରକାରଙ୍କ ପ୍ରଧାନମନ୍ତ୍ରୀ ସୂର୍ଯ୍ୟୋଦୟ ଯୋଜନା। ୧କୋଟି ପରିବାରରେ ଛାତ ଉପରେ ସୌରଶକ୍ତି ସ୍ଥାପନ କରିଛି, ଯାହା ୭.୭ ଲକ୍ଷରୁ ଅଧିକ ପରିବାରକୁ ଶୂନ୍ୟ ବିଦ୍ୟୁତ୍ ବିଲ୍ ପ୍ରଦାନ କରିଛି। ଜୈବ ଇନ୍ଧନ ଏବଂ ଶକ୍ତି ସୁରକ୍ଷା କେନ୍ଦ୍ର ମନ୍ତ୍ରୀ ନୀତିନ ଗଡକାରୀ ଭାରତର ଆମଦାନୀ ବିଲ୍ ହ୍ରାସ କରିବା ପାଇଁ ଏକ ଦୃଢ ଜୈବ ଇନ୍ଧନ ନୀତିର ଗୁରୁତ୍ୱକୁ ପୁନର୍ବାର ଦୋହରାଇଛନ୍ତି। ବିଶେଷକରି ଇନ୍ଧନ ଏବଂ ଶକ୍ତି ପାଇଁ। (କ୍ରମଶଃ...)

# ଜୀବନଶୈଳୀ



ଦାଶରଥୀ ଶତପଥୀ
ଭା.ପ୍ର.ସେ.(ଅବସରପ୍ରାପ୍ତ)
ପ୍ରାକ୍ତନ ଆୟୁକ୍ତ ଓ ସଚିବ
ଓଡ଼ିଶା ବିଧାନସଭା
ମୋ-୯୩୩୭୪୪୯୩୭୩

ଜୀବନକୁ ସୁଖରେ ଉପଭୋଗ କରିବାକୁ ଗଲେ ଏବଂ ଶାନ୍ତିରେ ବଂଚି ରହିବାକୁ ହେଲେ ଆପଣଙ୍କୁକିଛି ଶୈଳୀ ବା କୌଶଳ ଅବଲମ୍ବନ କରିବାକୁ ପଡ଼ିବ । ମନୁଷ୍ୟ ଜନ୍ମ ଏକ ଅମୂଲ୍ୟ ସମ୍ପଦ ଏବଂ ଜୀବନରେ କଳା ଏବଂ କୌଶଳ ମଧ୍ୟ ଅନୁରୂପଭାବେ କରଣୀୟ, ସେଥିପାଇଁ ସବୁବେଳେ ଅର୍ଥବଳ ବା ଧନବଳର ଆବଶ୍ୟକତା ନଥାଏ । ତେଣୁ ଆଗକୁ ଆମ ରଚି, ଚିନ୍ତାଧାରା ନେଇ ଜୀବନ ଅତିବାହିତ କରିବାକୁ ପଡ଼ିବ । ସର୍ବପ୍ରଥମେ ଈଶ୍ୱର ବିଶ୍ୱାସ ଏବଂ ସବୁ ସମୟରେ ସକରାତ୍ମକ ଚିନ୍ତାଧାରା । ଜୀବନ ଅଛିମାନେ ସୁଖ ଅଛି, ଶାନ୍ତି ଅଛି, ଦୁଃଖ ଅଛି, ଅନୁଶୋଚନା ଅଛି । ତାହାରି ମଧ୍ୟରେ ଶାନ୍ତି ଆମ ମନରେ ଅଛି, ପ୍ରାଣରେ ଅଛି, ହୃଦୟରେ ଅଛି । ତେଣୁ ଆମେ ଯେଉଁଭଳି ଭାବରେ ଏହାକୁ ବିନିଯୋଗ କରିପାରିବା, ଏହା ଆମର ଦୈନନ୍ଦିନ କର୍ମଶୈଳୀ ଓ ବିଚାରଧାରା ଉପରେ ନିର୍ଭର କରୁଛି । ଆମର ବ୍ୟବହାରିକ ଜୀବନରେ ଏହାକୁ ବିନିଯୋଗ କରିପାରିଲେ ମନୁଷ୍ୟ ସଦାସର୍ବଦା କର୍ମତତ୍ପର, ଚଳଚଞ୍ଚଳ, ସୁସ୍ଥ ଓ ନିରୋଗ ରହିପାରିବ। ।

ଜୀବନରେ ସବୁବେଳେ ନୂଆ ନୂଆ କଥା ଶିଖିବା ଏବଂ ଏହାକୁ ଦୈନନ୍ଦିନ କାର୍ଯ୍ୟରେ ବିନିଯୋଗକରିବା ଶିଖିବାର କେବେ ଶେଷ ନଥାଏ, ପରନ୍ତୁ ଏହା ଏକ ନିରନ୍ତର ପ୍ରକ୍ରିୟା ଏବଂ ନିରନ୍ତର ପ୍ରଚେଷ୍ଟା । ସବୁ ସମୟରେ ଲୋକମାନଙ୍କ ସହିତ ମିଶିବା ଏବଂ ଯଦି ପାରୁଛେ, କିଏ ସୁବିଧା ଅସୁବିଧାରେ ଅଛି ଯଦି ଆମ ଦ୍ୱାରା କିଛି କାର୍ଯ୍ୟ ସାଧିତ ହୋଇପାରୁଛି ତାଙ୍କୁ ଯଥୋଚିତ ସାହାଯ୍ୟ ସହଯୋଗ ଯୋଗାଇଦେବା, ପରନିନ୍ଦା ପରଚର୍ଚ୍ଚାଠାରୁ ସବୁବେଳେ ଦୂରେଇ ରହିବା । ଆମମାନଙ୍କ କଥାକୁ ସମ୍ମାନଦେବ। ଏବଂ ଧୀରଚିତ୍ତ ଏବଂ ଶାନ୍ତଚିତ୍ତରେ ଶୁଣିବା ଏବଂ ଅଯଥା ଯୁକ୍ତିତର୍କଠାରୁ ଦୂରେଇ ରହିବା । ଲଗାତାର ପ୍ରୟାସ କରିବା, ଶରୀରକୁ ସୁସ୍ଥ ରଖିବା ପାଇଁ ନିୟମିତ ଯୋଗ, ବ୍ୟାୟାମ ଏବଂ ପ୍ରାଣାୟମକରିବା, ଯେଉଁ କାର୍ଯ୍ୟରେ ରଚି ରହୁଛି ସେହି କାମକୁ ଅଧିକ ଗୁରୁତ୍ୱଦେବା, ଏହା ଚାଲିବା ହେଉ, ବଗିଚାହେଉ, ଅଥବା ନାଚ ଗୀତ ଜୀବନରେ ସବୁବେଳେ ପ୍ରକୃତି ଏବଂ ପୁସ୍ତକ ସହିତ ମିତ୍ରତା କରିବା, ପ୍ରୟୋଗାତ୍ମକବିଦ୍ୟାରେ ରଚିରଖି ଦେଶ ବିଦେଶରେ ଏବଂ ବିଶେଷକରି ବିଭିନ୍ନ ସମାଜରେ ଘଟୁଥିବା ଘଟଣାବଳୀ ସମ୍ପର୍କରେ ହେବା ଯେଉଁ କାର୍ଯ୍ୟଟି କରିବା ତାକୁ ଏକ ନିର୍ଦ୍ଦିଷ୍ଟ ଲକ୍ଷ୍ୟରଖି ଚେଷ୍ଟା କରିବା । ସଫଳତା ସେଇମାନଙ୍କୁ ମିଳେ ଯେଉଁମାନେ ଅକ୍ଳାନ୍ତ ପରିଶ୍ରମ କରନ୍ତି। ପରିଶ୍ରମର ଫଳ କେବେବି ବୃଥା ଯାଏନାହିଁ । ସର୍ବଶେଷରେ ଏହା କୁହାଯାଇପାରେ, ସମୟ ବଡ଼ ବଳବାନ । ସମୟର ମୁଲ୍ୟ ବୁଝିବା ଏବଂ ସମୟର ସଦୁପଯୋଗ କରିବା। ଯଦି ସମୟର ସଫଳ ସଦୁପଯୋଗ ହୋଇପାରିବ ତେବେ ଆହାର, ନିଦ୍ରା ଏବଂ କର୍ମଶୈଳୀ ଠିକ ମାର୍ଗରେ ଗତିକରିବ ।

ତେଣୁ ଆମର ପୂର୍ବପୁରୁଷମାନେ ଯେଉଁ ମାର୍ଗ ଆପଣଙ୍କୁ ଦେଖାଇଥିଲେ ତାଙ୍କୁ ଆମ ସହିତ ନେଇ ସମାଜର ପରିବର୍ତ୍ତନ ସହ ଆମକୁ ଆଗକୁ ଚାଲିବାକୁ ହେବ । ମନୁଷ୍ୟର କର୍ମ ଆମକୁ ଅମର କରି ରଖେ । ଆମର ଜୀବନଶୈଳୀ, ଆଚରଣ, ଉଚ୍ଚାରଣ ଆମମାନଙ୍କଠାରୁ ଉଦାହରଣ ହେବ ଏବଂ ଏକ ନିୟମିତ ଜୀବଶୈଳୀକୁ ଆପଣାଇଲେ ମଣିଷ ସଦାସର୍ବଦା ସୁଖ ଶାନ୍ତିରେ ରହିପାରିବ । ଆସନ୍ତୁ ଆଜି ଆମେ ସଂକଳ୍ପ ନେବା ଜୀବନରୁ ବଞ୍ଚିବାର ଶୈଳୀକୁ ସୁନିୟମିତ କରି ଏକ ସୁନ୍ଦର, ସରସ, ସୁଖମୟ, ଜୀବନ ଅତିବାହିତ କରିବା ।

# ସୃଷ୍ଟି ସମ୍ବନ୍ଧୀୟ ବିବିଧ ମତ



ଅଧ୍ୟାପକ ଗୋପବନ୍ଧୁ
(ଅବସରପ୍ରାପ୍ତ), ଦର୍ଶନ ବିଭାଗ
ବାରିପଦା, ମୟୁରଭଞ୍ଜ,
ମୋ. ୭୦୦୮୯୭୬୧୮୦

ମନୁଷ୍ୟର ଉଚ୍ଚତର ଚେତନଶୀଳତା ତାକୁ ବାଧ୍ୟ କରିଛି ଏ ବିଶ୍ୱବ୍ରହ୍ମାଣ୍ଡ ସୃଷ୍ଟିର ରହସ୍ୟ ଉପରେ ପ୍ରଶ୍ନ ଉତଥାପନ କରିବା ପାଇଁ। ଏ ଜଗତର ସୃଷ୍ଟି କିପରି ହୋଇଛି, କେହି ଜଣେ ସୃଷ୍ଟି କରିଛନ୍ତି ଅଥବା ଅନ୍ୟ କୌଣସି କାରଣ ରହିଛି ଏହି ସୃଷ୍ଟିର ତା ଉପରେ ବହୁ ତର୍ଜମା ହୋଇଛି। ଏହାକୁ ନେଇ ଅନେକ ପ୍ରକାରର ମତ ମଧ୍ୟ ଆସିଛି। ଅନେକ ଦାର୍ଶନିକ ଓ ଅନେକ ଚିନ୍ତକ ଏହାର ସମାଧାନର ସୂତ୍ର ବାହାର କରିବାକୁ ଚେଷ୍ଟା କରିଛନ୍ତି। ଏପରିକି ବିଭିନ୍ନ ଧର୍ମରେ ମଧ୍ୟ ଏ ବିଷୟରେ ଚର୍ଚ୍ଚା କରାଯାଇଛି। କାରଣ ଧର୍ମ ପ୍ରଚାରକମାନେ ଏହି ସମାନ ପ୍ରଶ୍ନର ସମ୍ମୁଖୀନ ହୋଇଛନ୍ତି ତାଙ୍କ ଅନୁଗାମୀଙ୍କ ନିକଟରୁ। ମନୁଷ୍ୟର ଜଗତ ସହିତ ସମ୍ବନ୍ଧ ଓ ଜଗତ ତାର ସୃଷ୍ଟି ସହିତ କିପରିଭାବେ ସମ୍ବନ୍ଧିତ ତାହାର ପ୍ରାଞ୍ଜଳ ବ୍ୟାଖ୍ୟା ବିନା କୌଣସି ଧର୍ମ ସ୍ୱୟଂସମ୍ପୂର୍ଣ୍ଣ ହୋଇପାରେ ନାହିଁ। ଜଣେ ଧର୍ମଗୁରୁ ଶିଷ୍ୟମାନଙ୍କ ଜିଜ୍ଞାସାର ସନ୍ତୋଷଜନକ ଉତ୍ତର ଦେବାକୁ ଚେଷ୍ଟା କରିଛନ୍ତି। ଉତ୍ତର କେତେ ଯୁକ୍ତିସଙ୍ଗତ ଓ ବିଜ୍ଞାନସମ୍ମତ ତାହା ଭିନ୍ନ କଥା।

ଜଗତର ସୃଷ୍ଟିତତ୍ତ୍ୱ ସମ୍ବନ୍ଧରେ ଆଲୋଚନା କଲାବେଳେ ଏ ସମ୍ବନ୍ଧରେ ଚିନ୍ତା କରିଥିବା ଦାର୍ଶନିକମାନଙ୍କୁ ଦୁଇ ଭାଗରେ ବିଭକ୍ତ କରାଯାଇ ପାରେ। ଗୋଟିଏ ହେଉଛି ଭାରତୀୟ ଦାର୍ଶନିକ ଓ ଅନ୍ୟଟି ହେଉଛି ପାଶ୍ଚାତ୍ୟ ଦାର୍ଶନିକ। ଏଠାରେ ଉଲ୍ଲେଖଯୋଗ୍ୟ ଯେ ଭାରତୀୟ ଦର୍ଶନ ଧର୍ମଭିତ୍ତିକ ହୋଇଥିବା ବେଳେ ପାଶ୍ଚାତ୍ୟ ଦର୍ଶନ ଧର୍ମଭିତ୍ତିକ ନୁହେଁ। ଅର୍ଥାତ୍ ଭାରତୀୟ ଦାର୍ଶନିକମାନଙ୍କ ବିଚାର ଧର୍ମର ରୂପ ନେଇଥିବା ବେଳେ ପାଶ୍ଚାତ୍ୟ ଦାର୍ଶନିକମାନଙ୍କ ବିଚାର ଧର୍ମରରୂପ ନେଇ ନାହିଁ। ତେବେ ପ୍ରାୟ ସମସ୍ତ ଦାର୍ଶନିକଙ୍କ ସୃଷ୍ଟି ସମ୍ବନ୍ଧୀୟ ମତକୁ ତିନି ପ୍ରକାରରେ ସୂଚୀବଦ୍ଧ କରାଯାଏ। ଅର୍ଥାତ୍ ଏମାନଙ୍କ ମଧ୍ୟରୁ କେତେକେ ଏକାନ୍ତବାଦରେ, ଆଉ କେତେକେ ଦ୍ୱୈତବାଦରେ ଓ ଅନ୍ୟ କେତେକେ ଅନେକାନ୍ତବାଦରେ ବିଶ୍ୱାସ କରନ୍ତି। ହୁଏତ ବିଶ୍ୱବ୍ରହ୍ମାଣ୍ଡ ସୃଷ୍ଟିର ଆଧାର ଗୋଟିଏ କିମ୍ବା ଦୁଇଟି କିମ୍ବା ଅନେକ। ଏହାକୁ ନେଇ ଦାର୍ଶନିକମାନଙ୍କ ମଧ୍ୟରେ ଅନେକ ମତ ପାର୍ଥକ୍ୟ ରହିଛି। ସମସ୍ତେ ନିଜ ନିଜ ମତରେ ଅଟଳ ରହିଛନ୍ତି ଓ ସୃଷ୍ଟିତତ୍ତ୍ୱକୁ ବ୍ୟାଖ୍ୟା କରିବାକୁ ଚେଷ୍ଟା କରିଛନ୍ତି।

ଯେଉଁମାନେ ଏକାନ୍ତବାଦୀ ସେମାନେ ବିଶ୍ୱାସ କରନ୍ତି ଏ ବିଶ୍ୱବ୍ରହ୍ମାଣ୍ଡର ସୃଷ୍ଟି ଗୋଟିଏ ମୂଳଆଧାରରୁ ହୋଇଛି। ପାଶ୍ଚାତ୍ୟ ଦର୍ଶନରେ ଏହାକୁ ମୋନିଜିମ୍ ବୋଲି କୁହାଯାଇଛି। ଏହି ଏକାନ୍ତବାଦୀମାନେ ପ୍ରାୟତଃ ଆସ୍ତିକ ହୋଇଥାନ୍ତି। ସୃଷ୍ଟିର ଏହି ମୂଳ ଆଧାର ହେଉଛନ୍ତି ଭଗବାନ। ଭାରତୀୟ ଦର୍ଶନରେ ବେଦାନ୍ତିକମାନେ ଏକାନ୍ତବାଦୀ ଅଟନ୍ତି। ଏମାନଙ୍କ ମତରେ ବ୍ରହ୍ମ ବା ଭଗବାନ ହେଉଛନ୍ତି ସକଳ ସୃଷ୍ଟିର ମୂଳ ଆଧାର। ସକଳ ସୃଷ୍ଟିର ମୂଳ କାରଣ ଓ ଶେଷ କାରଣ ମଧ୍ୟ। ଭଗବାନ ହେଉଛନ୍ତି ସୃଷ୍ଟିକାରୀ, ପାଳନକାରୀ ଓ ଧ୍ୱଂସକାରୀ। ବ୍ରହ୍ମ ସମସ୍ତଙ୍କ କାରଣ, କିନ୍ତୁ ତାଙ୍କ ସୃଷ୍ଟିର କୌଣସି କାରଣ ନାହିଁ। ସେ ହେଉଛନ୍ତି ଅଜାତ। ସେ ଚିରନ୍ତନ। ସେ ହେଉଛନ୍ତି ଜଗତର ଏକମାତ୍ର ସତ୍ୟ ଉପାଦାନ। ଭାରତବର୍ଷରେ ହିନ୍ଦୁ ଦର୍ଶନ କହିଲେ ବେଦାନ୍ତିକ ଦର୍ଶନକୁ ବୁଝାଇଥାଏ। ଆଦିଗୁରୁ ଶଙ୍କରାଚାର୍ଯ୍ୟ ଏହି ଏକାନ୍ତବାଦର ସମର୍ଥକ ଓ ଆଦିପ୍ରବର୍ତ୍ତକ କହିଲେ ଅତ୍ୟୁକ୍ତି ହେବ ନାହିଁ। ହିନ୍ଦୁଧର୍ମ ସମର୍ଥିତ ସମସ୍ତ ଦାର୍ଶନିକ ଏକାନ୍ତବାଦୀ ଅଟନ୍ତି। ପାଶ୍ଚାତ୍ୟ ଦର୍ଶନରେ ସ୍ପିନୋଜା, ହେଗେଲ, ବାରକ୍ଲେ ପ୍ରଭୃତି ଦାର୍ଶନିକମାନେ ମୋନିଜିମ୍ ବା ଏକାନ୍ତବାଦରେ ବିଶ୍ୱାସ କରନ୍ତି। ଇସାଇ ଧର୍ମାବଲମ୍ବୀମାନେ ଏକାନ୍ତବାଦୀ ଅଟନ୍ତି। ସୃଷ୍ଟିକର୍ତ୍ତାଭାବେ ସେମାନେ ଈଶ୍ୱରଙ୍କୁ ବିଶ୍ୱାସ କରନ୍ତି। ଇସଲାମ୍ ଧର୍ମାବଲମ୍ବୀମାନେ ମଧ୍ୟ ଏକାନ୍ତବାଦୀ ଅଟନ୍ତି। ଏମାନେ ଆଲ୍ଲାଙ୍କୁ ସୃଷ୍ଟିର ମୂଳ କାରଣ ବୋଲି ଗ୍ରହଣ କରନ୍ତି। ସମସ୍ତ ଆସ୍ତିକ ଏକାନ୍ତବାଦୀ ଅଟନ୍ତି।

ଦ୍ୱୈତବାଦ ଦୁଇଟି ତତ୍ତ୍ୱରେ ବିଶ୍ୱାସ କରେ। ଦ୍ୱୈତବାଦୀମାନେ ଜଗତ ସୃଷ୍ଟିର ଦୁଇଟି କାରଣ ରହିଛି ବୋଲି କହନ୍ତି। ପଶ୍ଚାତ୍ୟ ଦର୍ଶନରେ ଏହାକୁ ଡୁଆଲିଜିମ୍ ବୋଲି କୁହାଯାଇଛି, ତାହା ହେଉଛି ମନ ଓ ଶରୀର। ଭାରତୀୟ ଦର୍ଶନରେ ଏହି ଦୁଇ ତତ୍ତ୍ୱ ହେଉଛି 'ପ୍ରକୃତି' ଓ 'ପୁରୁଷ'। ଶାଂଖ୍ୟ ଓ ଯୋଗ ଦର୍ଶନ ସୃଷ୍ଟିର ଏହି ଦୁଇ ମୂଳ ଉପାଦାନକୁ ସ୍ୱୀକୃତି ଦିଅନ୍ତି। ଏମାନଙ୍କ ସଂଯୋଗରେ ସୃଷ୍ଟିର ସଂରଚନା ହୁଏ। ଏହି ଦୁଇ ଉପାଦାନ ଚିରନ୍ତନ। ଏମାନେ ଅଜାତ ମଧ୍ୟ। ସଦାସର୍ବଦା ଏମାନେ ବିଦ୍ୟମାନ। ଏହି ଦୁଇଟି ଉପାଦାନକୁ ବସ୍ତୁ ଓ ଚେତନ ବୋଲି ମଧ୍ୟ କୁହାଯାଏ। ପ୍ରକୃତି ହେଉଛି ବସ୍ତୁ ଓ ପୁରୁଷ ହେଉଛି ଚେତନ। ଦୁଇଟିଯାକ ହେଉଛି ମୂଳକାରଣ। ଏମାନଙ୍କ ସଂଯୋଗ ବିନା ଜଗତରେ ସୃଷ୍ଟି ସମ୍ଭବପର ନୁହେଁ। ପଶ୍ଚାତ୍ୟ ଦର୍ଶନରେ ଡେକାର୍ଟ୍ସ ହେଉଛନ୍ତି ଦ୍ୱୈତବାଦର ଦୃଢ଼ ସମର୍ଥକ। ସେ ମାଇଣ୍ଡ ଓ ବଡି ବା ମନ ଓ ଶରୀରକୁ ଦୁଇଟି ସ୍ୱତନ୍ତ୍ର ଉପାଦାନଭାବେ ସ୍ୱୀକୃତି ଦେଇଛନ୍ତି। ଏହାରି ମାଧ୍ୟମରେ ସେ ସୃଷ୍ଟିତତ୍ତ୍ୱକୁ ବୁଝାଇବାକୁ ଚେଷ୍ଟା କରିଛନ୍ତି। ତାଙ୍କ ପୂର୍ବରୁ ପ୍ଲାଟୋ ଓ ଆରିଷ୍ଟୋଟଲ ଦ୍ୱୈତବାଦର ପ୍ରଚାର କରିଛନ୍ତି। ତାଙ୍କ ପରେବି ଅନେକ ଦାର୍ଶନିକ ଆସିଛନ୍ତି ଯେଉଁମାନେ ସମାନ ବିଚାରକୁ ସମର୍ଥନ କରିଛନ୍ତି। ଦ୍ୱୈତବାଦୀମାନଙ୍କ ମଧ୍ୟରୁ ଅଧିକାଂଶ ନାସ୍ତିକ। ସାଂଖ୍ୟ-ଯୋଗରେ ପୁରୁଷକୁ ସୃଷ୍ଟିକର୍ତ୍ତାଭାବେ ନୁହେଁ, ବରଂ ସର୍ବୋଚ୍ଚ ସତ୍ତାଭାବେ ବର୍ଣ୍ଣନା କରାଯାଇଛି। କିନ୍ତୁ ପୁରୁଷ ପ୍ରକୃତିର ସଂସ୍ପର୍ଶରେ ଆସିଲା ପରେ ହିଁ ସୃଷ୍ଟି ସମ୍ଭବପର ହୁଏ। ବେଦାନ୍ତିକ ଦାର୍ଶନିକମାନେ ଦ୍ୱୈତବାଦକୁ ଅସ୍ୱୀକାର କରୁଥିବା ଯୋଗୁଁ ତାଙ୍କ ପ୍ରଦତ୍ତ ଏକାନ୍ତବାଦକୁ ଅଦ୍ୱୈତ ବେଦାନ୍ତ ବୋଲି କହନ୍ତି। କାରଣ ବେଦାନ୍ତବାଦର ଉତଥାନ କାଳରେ ଦ୍ୱୈତବାଦୀ ବିଚାର ମୁଖ୍ୟ ପ୍ରତିବନ୍ଧକ ଥିଲା, ମୁଖ୍ୟ ପ୍ରତିରୋଧି ଥିଲା।

ଅନେକାନ୍ତବାଦ ସୃଷ୍ଟିର ଅନେକ ଉପାଦାନରେ ବିଶ୍ୱାସ କରେ। ଏହାକୁ ବିଶେଷବାଦ ବୋଲି ମଧ୍ୟ କୁହାଯାଏ। ପାଶ୍ଚାତ୍ୟ ଦର୍ଶନରେ ଏହାକୁ ପ୍ଲୁରାଲିଜିମ୍ ବୋଲି କୁହାଯାଇଛି। ଏହି ମତବାଦର ସମର୍ଥକମାନେ ଜଗତ ସୃଷ୍ଟିର ମୂଳରେ ଅନେକ ଉପାଦାନ ରହିଛି ବୋଲି କହନ୍ତି। କୌଣସି ଗୋଟିଏ ବା ଦୁଇଟି ଉପାଦାନରେ ଜଗତ ସୃଷ୍ଟି ହୋଇନାହିଁ। ଏହି ଉପାଦାନଗୁଡିକ ଅମର। ଏହି କ୍ଷୁଦ୍ରତମ ଉପାଦାନଗୁଡ଼ିକୁ ଅଣୁ ବା ଏଟମ୍, ମୋନାଡ୍, ସାବଷ୍ଟେନ୍ସ ଇତ୍ୟାଦି ବୋଲି କୁହାଯାଇଛି। ଏଗୁଡିକ ଜନ୍ମ ଓ ମୃତ୍ୟୁର ଉର୍ଦ୍ଧ୍ୱରେ। ଭାରତୀୟ ଦର୍ଶନରେ ଜୈନ, ଚାର୍ବାକ୍, ନ୍ୟାୟ ଓ ବୈଶେଷିକମାନେ ଏହି ତତ୍ତ୍ୱରେ ବିଶ୍ୱାସ କରନ୍ତି। ଅନେକାନ୍ତବାଦୀମାନେ ସାଧାରଣତଃ ନାସ୍ତିକ ହୋଇଥାନ୍ତି। ଜୈନମାନଙ୍କ ମତରେ ଅସଂଖ୍ୟ ଅଣୁ ଓ ଆତ୍ମାକୁ ନେଇ ଜଗତ ସୃଷ୍ଟି ହୋଇଛି। ଏଗୁଡିକ ଅମର। ପ୍ରତ୍ୟେକ ସୃଷ୍ଟି ଏମାନଙ୍କ ସମ୍ମିଶ୍ରଣରେ ସଂଗଠିତ ହୁଏ। ଚାର୍ବାକ୍ ମାନେ ଚାରୋଟି ଅନୁଭୂତିସିଦ୍ଧ ଉପାଦାନକୁ ଅମର ବୋଲି ସ୍ୱୀକାର କରନ୍ତି। ସେଗୁଡିକ ହେଉଛି ମାଟି, ଜଳ, ଅଗ୍ନି ଓ ବାୟୁ। ଏମାନଙ୍କ ସଂଯୋଗରେ ଜଗତ ସୃଷ୍ଟି ହୋଇଛି। ନ୍ୟାୟ-ବୈଶେଷିକମାନେ ମଧ୍ୟ ଅସଂଖ୍ୟ ଉପାଦାନରେ ଜଗତ ସୃଷ୍ଟି ହୋଇଛି ବୋଲି ଯୁକ୍ତି ରଖନ୍ତି। ଅସଂଖ୍ୟ 'ବିଶେଷ କଣା' ଦ୍ୱାରା ଜଗତର ସୃଷ୍ଟି ହୋଇଛି। ପାଶ୍ଚାତ୍ୟ ଦର୍ଶନରେ ଯେଉଁମାନେ ଅନେକାନ୍ତବାଦରେ ବିଶ୍ୱାସ କରନ୍ତି ସେମାନେ ହେଲେ ଅନକ୍ସାଗୋରସ, ଆରକୁଲେସ୍, ଜନ ହିକ୍ସ ପ୍ରମୁଖ। ବିଜ୍ଞାନକୁ ବସ୍ତୁର କ୍ଷୁଦ୍ରତମ ଉପାଦାନ ଅଣୁର ଅବଧାରଣା ଏମାନଙ୍କ ନିକଟରୁ ଆସିଛି। ଅଣୁମାନଙ୍କ ସଂଯୋଗରେ ବସ୍ତୁର ସୃଷ୍ଟି ହୁଏ ଓ ଏମାନଙ୍କ ବିଘଟନରେ ବସ୍ତୁର ବିନାଶ।

ଜଗତ ସୃଷ୍ଟିର ମୂଳକାରଣ କଣ, ତାହାର ବାସ୍ତବବାଦୀ ସମାଧନ ଏଯାଏଁ ମିଳିନାହିଁ। ଅବଶ୍ୟ ଯେଉଁମାନେ ଆଧାତ୍ମିକବାଦୀ ଓ ଧର୍ମୀୟ ଅନୁଗାମୀ ସେମାନେ ଜଗତ ସୃଷ୍ଟିର ମୂଳକାରଣ ଜଣେ ସର୍ବୋଚ୍ଚ ବ୍ୟକ୍ତି ବୋଲି କହି ବିତର୍କ ଓ ଜିଜ୍ଞାସାର ସମାପ୍ତ କରନ୍ତି। ଯେକି ଈଶ୍ୱର, ଗଡ, ଆଲ୍ଲା, ବ୍ରହ୍ମ, ଭଗବାନ ଇତ୍ୟାଦି ନାମରେ ସମ୍ବୋଧିତ ହୁଅନ୍ତି। ଏହାସତ୍ତ୍ୱେ ସୃଷ୍ଟିତତ୍ତ୍ୱ ଉପରେ ଜିଜ୍ଞାସା ଓ ବିତର୍କ ଏଯାଏଁ ସମାପ୍ତ ହୋଇନାହିଁ ପରି ମନେହୁଏ। କାରଣ ଏପରି ଧର୍ମୀୟ ମତବାଦକୁ ଅନେକେ ଗ୍ରହଣ କରନ୍ତି ନାହିଁ। ବିଶ୍ୱବ୍ରହ୍ମାଣ୍ଡର ମୂଳସତ୍ୟକୁ ନେଇ ତାଙ୍କ ମନରେ ଅନେକ ପ୍ରଶ୍ନ ଏବେବି ଅଙ୍କୁରିତ ହେଉଛି।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ





# ୨୭ରୁ ଜାତୀୟସ୍ତରୀୟ ବୟନ ଶିଳ୍ପ ସମ୍ମିଳନୀ 'ଟେକ୍‌ନୋଭା ଓଡ଼ିଶା




ଭୁବନେଶ୍ୱର,ନ୍ୟୁଜ ବ୍ୟୁରୋ : ରାଜ୍ୟର ଅଗ୍ରଣୀ ଶିଳ୍ପ ଓ ବାଣିଜ୍ୟ ସଂଗଠନ 'ଉତ୍କଳ ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି ଲିମିଟେଡ' (ୟୁସିସିଆଇଏଲ୍) ସହଯୋଗରେ ଭୁବନେଶ୍ୱରଭିତ୍ତିକ ଗଣମାଧ୍ୟମ ଅନୁଷ୍ଠାନ ତଥା ଅଗ୍ରଣୀ ପ୍ରକାଶନୀ ସଂସ୍ଥା 'ମାରୁତି ମିଡିଆ' ପକ୍ଷରୁ ଚଳିତ ମାସ ୨୭ ଓ ୨୮ ତାରିଖ ଦୁଇଦିନ ଧରି ଭୁବନେଶ୍ୱରରେ ବୟନ ଶିଳ୍ପ ସହିତ ସଂପୃକ୍ତ ବ୍ୟକ୍ତିବିଶେଷ, ଅନୁଷ୍ଠାନ ଏବଂ ବୟନ ଶିଳ୍ପୋଦ୍ୟୋଗୀମାନଙ୍କୁ ନେଇ ଜାତୀୟସ୍ତରୀୟ ସମ୍ମିଳନୀ 'ଟେକ୍ସନୋଭା ଓଡ଼ିଶା' ଅନୁଷ୍ଠିତ ହେବାକୁ ଯାଉଛି । ଡିସେମ୍ବର ୧୮ ତାରିଖ ଦିନ ଆଇଆରସି ଭିଲେଜସ୍ଥିତ ୟୁସିସିଆଇଏଲ୍ ସମ୍ମିଳନୀ କକ୍ଷରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ୟୁସିସିଆଇଏଲ୍ ସଭାପତି ତଥା ବିଶିଷ୍ଟ ଶିଳ୍ପପତି ଡକ୍ଟର ପ୍ରବୋଧ କୁମାର ମହାନ୍ତି ଏବଂ ଆୟୋଜକ ମାରୁତି ମିଡିଆର ନିର୍ଦ୍ଦେଶକ ତଥା ଟେକ୍ସନୋଭା ଓଡ଼ିଶାର ଆବାହକ ମନୋଜ ପୃଷ୍ଟି ଏକ ମିଳିତ ସାମ୍ବାଦିକ ସମ୍ମିଳନୀରେ ଏ ସଂପର୍କରେ ବିସ୍ତୃତ ସୂଚନା ଦେଇ କହିଛନ୍ତି ଯେ, ଭୁବନେଶ୍ୱରର ୟୁନିଟ୍-୪ ସ୍ଥିତ ଇନଷ୍ଟିଚ୍ୟୁସନ୍ ଅଫ୍ ଇଞ୍ଜିନିୟର୍ସ (ଇଣ୍ଡିଆ) ପରିସରରେ ଏହି ଦୁଇଦିନିଆ ସମ୍ମିଳନୀ ଅନୁଷ୍ଠିତ ହେବ । ସମ୍ମିଳନୀ ଅବସରରେ ପାରମ୍ପରିକ ହସ୍ତତନ୍ତ କ୍ଷେତ୍ର ଓ ଆଧୁନିକ ବୟନ ଉଦ୍ୟୋଗର ବିଭିନ୍ନ ଦିଗ ସମ୍ପର୍କରେ ଚାରିଟି ବୈଷୟିକ ଅଧିବେଶନ ଅନୁଷ୍ଠିତ ହେବ । ପ୍ରଥମ ଦିନର ପୂର୍ବାହ୍ନରେ ସମ୍ମିଳନୀ ଉଦ୍ଘାଟିତ ହେବାପରେ ପ୍ରଥମ ଅଧିବେଶନରେ ହସ୍ତତନ୍ତ ଓ ହସ୍ତତନ୍ତ ପର୍ଯ୍ୟଟନ, ଅପରାହ୍ଣରେ ଦ୍ୱିତୀୟ ଅଧିବେଶନରେ ଟେକ୍ନୋ ଟେକ୍ସଟାଇଲ ଉପରେ ଆଲୋଚନା କରାଯିବ ।

# ଖାଲଖମାରେ ଭର୍ତ୍ତି ରାସ୍ତା, ବିଲରୁ ଆସିପାରୁନି ଧାନ

କନ୍ଦ୍ରାପଡା,ନ୍ୟୁଜ ବ୍ୟୁରୋ : କେନ୍ଦ୍ରାପଡା ଜିଲ୍ଲା ଡେରାବିଶ ତହସିଲ ଅନ୍ତର୍ଗତ ୮ନଂ କୋନାଲ ଠାରୁ ସେତୁଆ ନାଳୀ ପର୍ଯ୍ୟନ୍ତ ପ୍ରାୟ ୨ କିମି ରାସ୍ତା ଖାଲଖମାରେ ଭର୍ତ୍ତି ହୋଇଥିବାରୁ ଚାଷୀମାନେ ସେମାନଙ୍କର ବିଲକୁ ଯାଇ ସେମାନଙ୍କର ଧାନ ଆଣିପାରୁ ନାହାଁନ୍ତି । ଏଥିପାଇଁ ଜିଲ୍ଲାପାଳଙ୍କ ନିକଟେର ଅଭିଯୋଗ ହୋଇଛି । ଏହି ରାସ୍ତା ଦେଇ ଟ୍ରାକ୍ଟର, ପାୱାର ଟିଲର ଯାତାୟତ କରିଥାଏ । ସ୍ଥାନୀୟ ଚାଷୀ ମାନଙ୍କର ପ୍ରାୟ ୩୦୦ ରୁ ଉର୍ଦ୍ଧ୍ୱ ଏକର ଚାଷ ଜମିରେ ଧାନ ହୋଇଥିଲେ ମଧ୍ୟ ରାସ୍ତା ଯୋଗୁଁ ଏମାନେ ଧାନ ଘରକୁ ଆଣିପାରୁ ନାହାଁନ୍ତି । ଏ ବିଷୟରେ ବାରମ୍ବାର ଚାଷୀମାନେ ସ୍ଥାନୀୟ ସରପଂଚ, ବିଡିଓ, ଜିଲ୍ଲା ପରିଷଦ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ଜଣାଇଥିଲେ ମଧ୍ୟ ଏହାର କୌଣସି ବ୍ୟବସ୍ଥା ନ ହେବାରୁ ବିଲେର ଧାନ ପଡିରହିଛି । ଏନେଇ ସନ୍ଥପୁରା, ରାୟପୁର, ବିଷ୍ଣୁଦାସପୁରର ଶତାଧିକ ଚାଷୀ ଅତିରିକ୍ତ ଜିଲ୍ଲାପାଳ ରବିନ୍ଦ୍ର କୁମାର ମଲିକ ଓ ଜିଲ୍ଲାପାଳ ରଘୁରାମ ଆୟ ଆୟାରଙ୍କୁ ଭେଟି ଦାବିପତ୍ର ପ୍ରଦାନ କରି ତୁରନ୍ତ ଏହି ରାସ୍ତା ନିର୍ମାଣ କରିବା ପାଇଁ ଗଣେଶ୍ୱର ବେହେରା, ରଜେନ୍ଦ୍ର ନାୟକ, ଖଗେଶ୍ୱର ପରିଡା, ଉପନ୍ଦ୍ରେ ବେହେରା ପ୍ରମୁଖ ଦାବି କରିଛନ୍ତି ।



# ଜିଲ୍ଲାପାଳଙ୍କ ରାଜସ୍ୱ ଜନ ଅଭିଯୋଗ ଶୁଣାଣି



କନ୍ଦ୍ରାପଡା,ନ୍ୟୁଜ ବ୍ୟୁରୋ : କେନ୍ଦ୍ରାପଡ଼ା ତହସିଲରେ ଆଜି ଜିଲ୍ଲାପାଳ ରଘୁରାମ ଆୟର ରାଜସ୍ୱ ସଂକ୍ରାନ୍ତୀୟ ବିଭିନ୍ନ ଅଭିଯୋଗ ଗୁଡିକର ଶୁଣାଣି କରିଛନ୍ତି । ଆଜି ମୋଟ ୨୧ ଟି ଅଭିଯୋଗ ମଧ୍ୟରୁ ୨୦ଟି ବ୍ୟକ୍ତିଗତ ଏବଂ ଗୋଟିଏ ସାମୂହିକ ରାଜସ୍ୱ ଅଭିଯୋଗ ଅଭିଯୋଗ ପଞ୍ଜିକୃତ ହୋଇଥିଲା । ପ୍ରକାଶଥାଉ କି ୨୦ ତାରିଖରେ ପଟ୍ଟାମୁଣ୍ଡାଇ ତହସିଲ ୨୪ ତାରିଖରେ ଡେରାବିଶ ଏବଂ ୨୬ ତାରିଖ ଦିନ ମାର୍ଶାଘାଇ ତହସିଲରେ ପୂର୍ବାହ୍ନ ୧୦.୩୦ରୁ ଦିନ ୧ ଘଟିକା ପର୍ଯ୍ୟନ୍ତ ରାଜସ୍ୱ ଜନଶୁଣାଣି ଶିବିର ଅନୁଷ୍ଠିତ ହେବ । ଯଦି କୌଣସି ଜନସାଧାରଣଙ୍କ ରାଜସ୍ୱ ସଂକ୍ରାନ୍ତୀୟ କୌଣସି ଅଭିଯୋଗ ଥିଲେ ଧାର୍ଯ୍ୟ ଦିନ ଏବଂ ସମୟରେ ତହସିଲରେ ଉପସ୍ଥିତ ରହି ଅଭିଯୋଗ କରିପାରିବେ । ଅଭିଯୋଗ ଶୁଣାଣିରେ ଅନ୍ୟ ମାନଙ୍କ ମଧ୍ୟରେ ତହସିଲଦାର କୁଇନି ଜେନାଙ୍କ ସମେତ ତହସିଲ କର୍ମଚାରୀ ପ୍ରଦୀପ କୁମାର ଦାସ, ସୌଭାଗ୍ୟ ଦାସ, ଉମେଶ କୁମାର ବେହେରା ପ୍ରମୁଖ ସହଯୋଗ କରିଥିଲେ ।

# ଡୁଙ୍ଗୁରିପାଲି ବ୍ଲକ ସ୍ତରୀୟ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ କୁଇଜ




ସୁବର୍ଣ୍ଣପୁର,ନ୍ୟୁଜ ବ୍ୟୁରୋ : ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ସ୍ତରୀୟ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ କୁଇଜ ପ୍ରତିଯୋଗିତା ଗୋଷ୍ଠୀ ସହ ଶିକ୍ଷା ଅଧିକାରୀ ଗଞ୍ଜାଲୁ ମିର୍ଦ୍ଧାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଥିବା ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ସ୍ତର କୁଇଜ ପ୍ରତିଯୋଗିତାରେ ଶିକ୍ଷକ ଯୋଗାନନ୍ଦ ପଧାନ, ମୃତ୍ୟୁଞ୍ଜୟ ଉଦୁରକୁଲିଆ, ବ୍ୟାସଦେବ ଖମାରୀ ବିଚାରକ ଭାବେ ଯୋଗଦେଇ ମୂଲ୍ୟାୟନ କରିଥିବା ବେଳେ ଡୁଙ୍ଗୁରିପାଲି ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଉଚ୍ଚ ବିଦ୍ୟାଳୟ ସ୍ତର ବା ବରିଷ୍ଠ ବର୍ଗ ର କୁଇଜ ପ୍ରତିଯୋଗିତାରେ ଶିକ୍ଷୟିତ୍ରୀ ମଞ୍ଜୁଲତା ମିଶ୍ର,ଶିକ୍ଷକ ଚନ୍ଦନ ମେହେର, କୁମୁଦ ମଟାରୀ କୃଷ୍ଣଚନ୍ଦ୍ର ତଣ୍ଡକାର, ଆଲୋକ ପଧାନ ଓ ଅମ୍ଳାନ ପାଣ୍ଡିଆ ବିଚାରକ ଭାବେ ଯୋଗଦେଇ ମୂଲ୍ୟାୟନ କରିଥିଲେ । ଉଦଯାପନୀ ଉତ୍ସବରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଗଣେଶ କିଷାନ ମୁଖ୍ୟ ଅତିଥି, ଗୋଷ୍ଠୀ ସହ ଶିକ୍ଷା ଅଧିକାରୀ ଜଗତ ମଲ୍ଲିକ ମୁଖ୍ୟବକ୍ତା, ପ୍ରଧାନ ଶିକ୍ଷକ କରମ ଚନ୍ଦ୍ର ବାରିକ ସମ୍ମାନିତ ଅତିଥିଭାବେ ଯୋଗଦେଇ ବରିଷ୍ଠ, କନିଷ୍ଠ, ଉପ କନିଷ୍ଠ ବର୍ଗ ରେ ପ୍ରଥମ ଦ୍ୱିତୀୟ, ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀଙ୍କୁ ଟ୍ରଫି ଓ ପ୍ରମାଣପତ୍ର ସହ ପୁରସ୍କୃତ କରିଥିଲେ । ସ୍ଥାନୀୟ ସିଆରସିସି ପ୍ରବୀର ଭୋଇ,ଚିତ୍ତରଞ୍ଜନ ଠାକୁର, ସୁରେଶ ନାୟକ, ଦିଲୀପ ପଧାନ, ନରେନ୍ଦ୍ର ପୁରୋହିତ ଓ ଅନ୍ୟ ସିଆରସିସି ତଥା ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ । ସମସ୍ତ ପ୍ରତିଯୋଗୀଙ୍କୁ ଅଂଶଗ୍ରହଣକାରୀ ପ୍ରମାଣପତ୍ର ଓ ଉପହାର ପ୍ରଦାନ କରାଯାଇଥିଲା । ସ୍ଥାନୀୟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ର ଶିକ୍ଷକ ବରିଷ୍ଠ ଶିକ୍ଷକ ଥବିର ଦୋରା ଧନ୍ୟବାଦ ଅର୍ପଣ କରିଥିଲେ ।

# ସାଇବର ଠକେଇ ରୁ ସୁରକ୍ଷା ପାଇଁ ଶିଶୁ ବିକାଶ ପ୍ରକଳ୍ପ ପକ୍ଷରୁ ସଚେତନତା




ସୁବର୍ଣ୍ଣପୁର,ନ୍ୟୁଜ ବ୍ୟୁରୋ : ସୋନପୁର ବ୍ଲକ ମିସନ୍ ଶକ୍ତି ଭବନ ସୋନପୁର ଠାରେ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ସୋନପୁରଙ୍କ ଅଧ୍ୟକ୍ଷତାରେ ସାଇବର ଠକେଇରୁ ସୁରକ୍ଷା ନିମନ୍ତେ ବ୍ଲକ ସ୍ତରୀୟ ସଚେତନତା ବା ପ୍ରଶିକ୍ଷଣ କର୍ମଶାଳକ୍ଷ ଅନୁଷ୍ଠିତ ହୋଇଥିଲା । ଏହି କର୍ମଶାଳାରେ ସୋନପୁର ବିଡ଼ିଓ ପ୍ରତିକ କୁମାର କର ମୁଖ୍ୟ ଅତିଥି ଓ ବାସନ୍ତୀ ଭୋଇ ପ୍ରୋଟେକ୍ସନ ଅଫିସର ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ । କର୍ମଶାଳାରେ ସୋନପୁର ଡିଏସପି ରେଣୁକା ସୁନା, ସଞ୍ଜୀବ ଅଗ୍ରୱାଲ, କମ୍ପ୍ୟୁଟର ସାଇନ୍ସ ଏଚ ଓ ଡି ସଞ୍ଜୀବ ଅଗ୍ରୱାଲ ଓ ଆଇନଜୀବୀ ମନୋଜ ବିଶି, ସନ୍ଧ୍ୟା ରାଣୀ ମିଶ୍ର ତାଲିମ୍ ଶିବିରରେ ଅଂଶ ଗ୍ରହଣ କରିଥିଲେ । କର୍ମଶାଳାରେ ଡିଏସପି ସୁନା ଏବଂ ଶ୍ରୀ ଅଗ୍ରୱାଲ ଉପସ୍ଥିତ ଏସ ଏଚ୍ ଜି ଗ୍ରୁପ୍, ଆଙ୍ଗନ୍ ୱାଡି କର୍ମୀ, କିଶୋରୀ ବାଳିକାମାନଙ୍କୁ ପି ପି ଟି ଓ ଭିଡ଼ିଓ ମାଧ୍ୟମରେ ଶିକ୍ଷାଦାନ କରିଥିଲେ କ୍ଷ ଅନଲାଇନ ଠକେଇ କିପରି ହୋଇ ଥାଏ ଓ କିପରି ଆମେ ଏହି ଠକକ୍ଷମି ରୁ ସୁରକ୍ଷା ପାଇବା ସେହି ବିଷୟରେ କହିଥିଲେ । ଏହା ସହିତ ଲବଙ୍ଗମରଭକ୍ଟକ୍ଟଳ, ସଭସ୍ୱପ୍ୱବଶକ୍ୱବଙ୍କ, ଉବଭଳ ଭରସ୍ୱଙ୍ଗକ୍ଟକ୍ୱଳସଭଶ, ଉଷବସ୍ୱପ୍ୱ ଇବକ୍ଟ, ବିଭିନ୍ନ ଆପର୍ ବ୍ୟବହାର ବିଷୟ ରେ ତାଲିମ୍ ଦେଇ ଥିଲେ । ଆଇନ ରେ ଥିବା ଧାରକ୍ଷ ଏବଂ ଦଣ୍ଡ ବିଧାନ ବିଷୟ ରେ କହିଥିଲେ । ବ୍ଲକ ଉନ୍ନୟନ ଅଧିକାରୀ ନାରୀ ମାନଙ୍କର ସମସ୍ତ ପ୍ରକାର ସୁରକ୍ଷା ଉପରେ ଆଲୋଚନା କରିଥିଲେ । ଏହି ତାଲିମ୍ ଶିବିରକୁ ସମନ୍ୱିତ ଶିଶୁ ବିକାଶ ଅଧିକାରୀ ସାଗରିକା ସ୍ୱାଇଁ ପରିଚାଳନା କରିବା ସହିତ ତାଲିମ୍ ରେ ଉପସ୍ଥିତ ବିଭିନ୍ନ ଗ୍ରାମରୁ ଆସିଥିବା ଅଙ୍ଗନୱାଡି କର୍ମୀ, କିଶୋରୀ ବାଳିକା, ଏସଏଚଜି ଏବଂ ଉପସ୍ଥିତ ସମସ୍ତ କର୍ମକର୍ତ୍ତାଙ୍କୁ ଧନ୍ୟବାଦ ଅର୍ପଣ କରି ସଭା ସମାପ୍ତ କରିଥିଲେ ।

# ବିଜେପିର ବାଲେଶ୍ୱର ଜିଲ୍ଲାସ୍ତରୀୟ ସାଙ୍ଗଠନିକ ବୈଠକ



ବାଲେଶ୍ୱର,ନ୍ୟୁଜ ବ୍ୟୁରୋ : ଭାରତୀୟ ଜନତା ପାର୍ଟିର ଜିଲ୍ଲା ସଭାପତି ଈଶ୍ୱର ଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ଜିଲ୍ଲା କାର୍ଯ୍ୟାଳୟ ପରିସରରେ ଏକ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ସାଂସଦ ଖେଳ ମହୋତ୍ସବ, ପ୍ରଧାନମନ୍ତ୍ରୀଙ୍କ ମନ କି ବାତ, ମଣ୍ଡଳ ସାଂଗଠନିକ ସଂରଚନା, ବୁଥ୍ କମିଟି ଗଠନ ଇତ୍ୟାଦି ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା । ବୈଠକକୁ ଚନ୍ଦ୍ରଶେଖର ନନ୍ଦ ପରିଚାଳନା କରିଥିଲେ । ପୁର୍ବତନ ଜିଲ୍ଲା ସଭାପତି ଲମ୍ବୋଦର ନାୟକ ଓ ଉମାକାନ୍ତ ମହାପାତ୍ର, ଜିଲ୍ଲା ଉପସଭାପତି କମଳା ବିନ୍ଧାଣି ଓ କରୁଣାକର ପଣ୍ଡା, ଜିଲ୍ଲା ସମ୍ପାଦିକା ସସ୍ମିତା ଚାନ୍ଦ ଓ ମହିଳା ମୋର୍ଚ୍ଚା ସଭାନେତ୍ରୀ ସିପ୍ରାରେଖା ମହାପାତ୍ର ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଜିଲ୍ଲାର ସମସ୍ତ ମଣ୍ଡଳ ସଭାପତି ଓ ପୁର୍ବତନ ମଣ୍ଡଳ ସଭାପତି ବୈଠକରେ ଅଂଶଗ୍ରହଣ କରିଥିଲେ ।

# ମହରାପଦର ହାଇସ୍କୁଲରେ ସଂସ୍କୃତ ଭାଷାରେ ପ୍ରଶିକ୍ଷଣ



ପାଟଣାଗଡ,ନ୍ୟୁଜ ବ୍ୟୁରୋ : ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକ ମହରାପଦର ହାଇସ୍କୁଲ ଠାରେ ସଂସ୍କୃତ ଭାଷାରେ ଦୀର୍ଘ ଦଶଦିନ ଧରି ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା । ଏହି ଶିବିରକୁ ପରିଚାଳନା କରିଥିଲେ ହାଇସ୍କୁଲର ପ୍ରଧାନ ଶିକ୍ଷକ ନବକିଶୋର ନନ୍ଦ ମୁଖ୍ୟବକ୍ତା ଫୁଲକିମୁଣ୍ଡା ହାଇସ୍କୁଲର ପ୍ରଧାନଶିକ୍ଷକ ଗୋପାଳଚନ୍ଦ୍ର ବେହେରା ସମ୍ମାନିତ ଅତିଥି ତେଲେନପାଲି ହାଇସ୍କୁଲର ପ୍ରଧାନ ଶିକ୍ଷକ ଶୁଶାନ୍ତ କୁମାର ଦାଶ, ସିଆରସିସି ବିନ୍ଦୁ ସୁନା, ଏମିସ୍କୁଲର ଶିକ୍ଷକ ସୁରେନ୍ଦ୍ର ବଡ଼ଗୁଛିଆ ଓ ସଂସ୍କୃତ ଭାଷାର ପ୍ରଶିକ୍ଷଣ ଶିକ୍ଷକ ଜୟପ୍ରକାଶ ଶସ୍ତ୍ରୀ ଯୋଗଦେଇଥିଲେ । ପ୍ରଶିକ୍ଷଣକୁ ଦିର୍ଘ୍ୟ ୮ ଡିସେମ୍ବର ରୁ ୧୮ ରିଖ, ୧୦ ଦିନ ପର୍ଯ୍ୟନ୍ତ ନାଚ, ଗିତ କରିବା ସହିତ ସଂସ୍କୃତ ଭାଷା କଥା କହିବା ପାଇ ଛାତ୍ରଛାତ୍ରି ମାନଙ୍କୁ ଶାସ୍ତ୍ରୀ ବାବୁ ପ୍ରଶିକ୍ଷଣ ଦେଇଥିଲେ । ଆଜି ଉଯାପନି ଦିବସରେ ଶୁଶାନ୍ତ ଦାଶ ସଂସ୍କୃତ ଭାଷା ଉପରେ ଛାତ୍ରଛାତ୍ରି ମାନଙ୍କୁ ଉପଦେଶ ଦେଇଥିଲେ ଓ ଗୋପାଳ ଚନ୍ଦ୍ର ବେହେରା ମଧ୍ୟ ସଂସ୍କୃତ ଭାଷା ଉପରେ ଉପଦେଶ ଦେଇଥିଲେ । ସୁଦୁର ବାଲେଶ୍ୱର ଜିଲ୍ଲାରୁ ଆସି ହାଇସ୍କୁଲର ଛାତ୍ରଛାତ୍ରି ମାନଙ୍କୁ ଜୟ ପ୍ରକାଶ ବାବୁଙ୍କ ପ୍ରଶିକ୍ଷଣରେ , ରାମାୟଣ , ମହାଭାରତ ଭାଗବତ, ଗୀତା ଉପରେ କାର୍ଯ୍ୟକ୍ରମ କରାଯାଇଥିଲା । ସମସ୍ତ ପଞ୍ଚାୟତ ବାସି ସମସ୍ତେ ସଂସ୍କୃତ ଭାଷାରେ ସୁଗଧ । ନବକିଶୋର ବାବୁ କହିଥିଲେ ଦେଶ ସଂସ୍କୃତ ଭାଷା ପ୍ରଧାନ୍ୟ ଦିଆଯାଇଛି ଓ କିନ୍ତୁ ଆମ ଠାରେ ସଂସ୍କୃତ ଭାଷା ବୁଝିବା କଷ୍ଟକର ହେଉଛି । ଏଠାରେ ଛାତ୍ରଛାତ୍ରି ସଂସ୍କୃତ ଭାଷା କୁ ଠିକ୍ ରୁପେ ପ୍ରଶିକ୍ଷଣ ନେଇ ଶିକ୍ଷାକଲେ ଆମ ଭାଷା ସଂସ୍କୃତ ରାଷ୍ଟ୍ରିୟ ଭାଷା ଠିକରୁପେ କାର୍ଯ୍ୟକାରି ହୋଇପାରିବ । ପ୍ରଶିକ୍ଷଣ ଶିବିରକୁ କୃପାସିନ୍ଧୁ ସାହା, ଉମାକାନ୍ତ ମାଝି, ଧନଞ୍ଜୟ ପୁରୋହିତ, ରବିନ୍ଦ୍ର ପୁରୋହିତ, ଲକ୍ଷ୍ମିଧରୁଆ, ଅକ୍ତର ଧରୁଆ ବିଦ୍ୟାଳୟ ପ୍ରମୁଖ ଶିକ୍ଷକ ସହଯୋଗ କରିଥିଲେ । ଶେଷରେ ସ୍କୁଲର ସଂସ୍କୃତ ଶିକ୍ଷକ କୃପାସିନ୍ଧୁ ସାହା ଧନ୍ୟବାଦ ଅର୍ପଣ କରିଥିଲେ ।

# ଆଚାର୍ଯ୍ୟ ହରିହର କ୍ୟାନସର ହସ୍ପିଟାଲରେ କର୍ମଚାରୀଙ୍କ ଆନ୍ଦୋଳନ

କଟକ, ଆଚାର୍ଯ୍ୟ ହରିହର କ୍ୟାନସର ହସ୍ପିଟାଲରେ ନିୟୋଜିତ ଘରୋଇ ଠିକା ସଂସ୍ଥା କର୍ମଚାରୀମାନଙ୍କୁ ମାସିକ ବେତନ ପ୍ରଦାନରେ ଅବହେଳା ହେଉଛି । ମାସର ଅଧାରୁ ଅଧିକ ସମୟ ବିତିଯାଇଥିଲେ ସୁଦ୍ଧା ଅଦ୍ୟାବଧି କର୍ମଚାରୀମାନେ ଦରମା ପାଇନାହାନ୍ତି । ଏହାର ପ୍ରତିବାଦରେ କର୍ମଚାରୀମାନେ ଆଜି ହସ୍ପିଟାଲ ପରିସରରେ ଧାରଣାରେ ବସି ପ୍ରତିବାଦ କରିଥିଲେ । ଫଳରେ କର୍ମଚାରୀଙ୍କ ଆନ୍ଦୋଳନ ଯୋଗୁଁ ହସ୍ପିଟାଲରେ କ୍ୟାନସର ରୋଗୀଙ୍କ ଚିକିତ୍ସା ପ୍ରଭାବିତ ହୋଇଥିଲା । ଘରୋଇ ଠିକା ସଂସ୍ଥାର ମନମାନି ଯୋଗୁଁ ପ୍ରତିମାସରେ କର୍ମଚାରୀମାନେ ଦରମା ପାଇବାରେ ବିଳମ୍ବ ହେଉଛି ଅଭିଯୋଗ କରି ନାରାବାଜି ଚଳାଇଥିଲେ । ଦରମା କେବେ ମିଳିବ ଲିଖିତ ପ୍ରତିଶ୍ରୁତି ନଦେଲେ ଧାରଣାରୁ ଉଠୁି ନାହିଁ ବୋଲି କର୍ମଚାରୀମାନେ ଜିଦରେ ଅଟଳ ରହିବାରୁ କର୍ତ୍ତୃପକ୍ଷ ଅଡୁଆରେ ପଡ଼ିଥିଲେ । ବୁଝାସୁଝା କରିବା ସହ ଖୁବଶୀଘ୍ର ଦରମା ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା ।

# ଜିଲ୍ଲାସ୍ତରୀୟ କଳା ଉତ୍ସବ ସମୃଦ୍ଧି ପ୍ରତିଯୋଗିତା ୨୦୨୫




ବରଗଡ଼,ନ୍ୟୁଜ ବ୍ୟୁରୋ : ବରଗଡ଼ ଶିକ୍ଷା ଜିଲ୍ଲା ବିଭାଗ ଓ ସମଗ୍ର ଶିକ୍ଷା ଆନୁକୁଲ୍ୟରେ ଜିଲ୍ଲା ସ୍ତରୀୟ କଳା ଉତ୍ସବ ସମୃଦ୍ଧି ପ୍ରତିଯୋଗିତା ସ୍ଥାନୀୟ ରାଣା ପ୍ରତାପ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇ ଯାଇଅଛି । ଅନୁସୂଚିତ ଜାତି ଜନ ଜାତି ସଂଯୋଜକ ମିଥୁନ ପ୍ରଧାନଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ପ୍ରତିଯୋଗିତାକୁ ଜିଲ୍ଲା ଶିକ୍ଷା ଅଧିକାରୀ ଜ୍ୟୋତି କାନ୍ତ ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶୁଭ ଉଦ୍ଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ବିନୟ କୁମାର ସୟ, ବରଗଡ଼ ବିଇଓ ଡ ସୁରେନ୍ଦ୍ର କୁମାର ସାହୁ, ପ୍ରଧାନ ଶିକ୍ଷକ ସୁଦୀପ କୁମାର ରଥ, ଅଧ୍ୟାପିକା ସସ୍ମିତା ସାହୁ ଅଧ୍ୟାପକ ଡ ହୃଦାନନ୍ଦ ଭୁଏ, ଅବସର ପ୍ରାପ୍ତ ଶିକ୍ଷକ କପିଳ ବାଗ ପ୍ରମୁଖ ଯୋଗ ଦେଇ ଥିଲେ ।ଏହି ଅବସର ରେ ଜିଲ୍ଲା ର ୧୨ ବ୍ଲକ ରୁ ୨୪ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ପ୍ରତିଯୋଗିତାରେ ଯୋଗ ଦେଇ ଅଭିନବ କଳାତ୍ମକ ଶୈଳୀ ରେ ଶ୍ରେଣୀ ଗୃହ ଶିକ୍ଷାଦାନ ଉପସ୍ଥାପନ କରିଥିଲେ । ତେବେ ଏହି ପ୍ରତିଯୋଗିତା ରେ ସୋହେଲା ବ୍ଲକ ର ପୁସ୍ତମ ବିଶି ଓ ହର୍ଷେନ୍ଦୁ ଭୋଇ ପ୍ରଥମ ସ୍ଥାନ ଅଧିକାର କରି ରାଜ୍ୟ ସ୍ତରୀୟ ପ୍ରତିଯୋଗିତା ରେ ଅଂଶ ଗ୍ରହଣ ପାଇଁ ମନୋନୀତ ହୋଇଥିବା ବେଳେ ଅତାବିରା ବ୍ଲକ ଶିକ୍ଷକ ଯତୀନ୍ଦ୍ର ମେହେର ଓ ଜିତୁ ମହାନନ୍ଦ ଦ୍ୱିତୀୟ ଝାରବନ୍ଧ ବ୍ଲକ ଅରିନ୍ଦମ ମହାନ୍ତି ଓ ପ୍ରତାପ କୁମାର ପଟେଲ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇ ଥିଲେ । ପ୍ରତିଯୋଗିତା ରେ ଅଂଶ ଗ୍ରହଣ କରିଥିବା ସମସ୍ତ ପ୍ରତିଯୋଗୀ ଙ୍କୁ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା । ପ୍ରତିଯୋଗିତା ରେ ବିଚାରକ ଭାବେ ପଞ୍ଚାୟତ ମହା ବିଦ୍ୟାଳୟର ସଂସ୍କୃତ ଅଧ୍ୟାପିକା ସସ୍ମିତା ସାହୁ ଓ ରାଜନୀତି ବିଜ୍ଞାନ ଅଧ୍ୟାପକ ଡ. ହୃଦାନନ୍ଦ ଭୁଏ ଯୋଗ ଦେଇ ମୂଲ୍ୟାଙ୍କନ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ବିଜ୍ଞାନ ଶିକ୍ଷକ ସଞ୍ଜୟ ଖମାରୀ, ସ୍ୱପ୍ନା ସାହୁ,ବିନତି ପାଣିଗ୍ରାହୀ, ଅଗସ୍ତି ପ୍ରଧାନ, ଯତିନ୍ଦ୍ର ମେହେର ପ୍ରମୁଖ ସ୍ମାର୍ଟ ବୋର୍ଡ ରେ ସୃଜନଶୀଳ ଓ କଳାତ୍ମକ ଶିକ୍ଷାଦାନ ପ୍ରଦାନ କରିଥିଲେ ।

# ମାଇକ୍ରୋ ୱେଭ୍ ଅଫିସ ପରିସର ପାଲଟିଛି ଗୋରୁ, ନିଶାଡି ଓ ଅପରାଧୀଙ୍କ ଆଡ୍ଡାସ୍ଥଳୀ



କନ୍ଦ୍ରାପଡ.ନ୍ୟୁଜ ବ୍ୟୁରୋ : କେନ୍ଦ୍ରାପଡା ପୌରାଂଚଳ ଅନ୍ତର୍ଗତ ଜଇପୁରା (ଖଡିଅଙ୍ଗ) ଗ୍ରାମେର ଥିବା ମାଇକ୍ରୋ ୱେଭ ଅଫିସ ଏବେ ଗୁହାଳ ଘର, ନିଶାଡି ଓ ଅପରାଧୀଙ୍କ ଆଡ୍ଡାସ୍ଥଳ ପାଲଟିଛି । ୧୯୯୮ ମସିହାରେ ପ୍ରାୟ ୨୦ ଲକ୍ଷ ଟଙ୍କା ବ୍ୟୟରେ ୱାକଫ ସମ୍ପତିର ତିଆରି ହୋଇଥିବା ଏହି ଅଫିସଟି କାଳକ୍ରମେ ବନ୍ଦ ହୋଇଯିବା ପରେ ଏହାର ଉଭୟ ପାର୍ଶ୍ୱରେ ୯୦ ଫୁଟ ଉଚ୍ଚର ଉଚ୍ଚ ସମ୍ପନ୍ନ ଟେଲିଫୋନ ଟାୱାର ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇ ଥିଲା । ଫଳେର ଟେଲିଫୋନ (ଲ୍ୟାଣ୍ଡ ଫୋନ) ଯୋଗାଯୋଗରେ ସୁବିଧା ହୋଇଥାନ୍ତା । କିନ୍ତୁ ଏହା କାର୍ଯ୍ୟକାରୀ ନହେବାରୁ ବିଭାଗ ଏହାକୁ ଟେଲିଫୋନ ବିଭାଗକୁ ହସ୍ତାନ୍ତର କରି ଦେଇଛି । ଦୀର୍ଘ ୨୦ ବର୍ଷ ହେବ ଟେଲିଫୋନ ବିଭାଗ ଏଥିପ୍ରତି ଦୃଷ୍ଟି ନଦେବାରୁ ଏହା ଭିତରେ ଥିବା ମୂଲ୍ୟବାନ ସାମଗ୍ରୀକୁ ଅପରାଧୀ ମନେ ଲୁଟି ନେଇଥିବା ବେଳେ ଝରକା କବାଟ ସବୁ ଭାଙ୍ଗି ଅଫିସ ଭିତରେ ମଦୁଆ ଓ ଗଞ୍ଜେଡିଆ ନିଶାଡି ଅପରାଧୀ ମାନେ ମାନଙ୍କ ଆଡ୍ଡା ପାଲଟିଛି । ଏହା ପାଖରେ ଥିବା କାର୍ଯ୍ୟାଳୟ ଘର ମଧ୍ୟରେ ଗୁହାଳ କରି ସ୍ଥାନୀୟ ଲୋକ ଗାଇ, ଛେଳି, ମେଣ୍ଢା ଆଦି ବାନ୍ଧୁଛନ୍ତି । ବଡ ବଡ ଅପରାଧ ଘଟାଇ ଅପରାଧୀ ମନେ ଏହା ଭିତରେ ରାତିରେ ଆଶ୍ରୟ ନେଉଥିବା ବେଳେ ନୈତିକ କାର୍ଯ୍ୟରେ ଲିପ୍ତ ରହିଥାନ୍ତି । ଏହି ବାଟ ଦେଇ ଯିବା ଆସିବା କରୁଥିବା ଗ୍ରାମବାସୀ ଏମାନଙ୍କର ଆକ୍ରୋଶର ମଧ୍ୟ ଶିକାର ହେଉଛନ୍ତି । ତୁରନ୍ତ ଏହି ପରିତ୍ୟକ୍ତ ମାଇକ୍ରୋ ୱେଭ ଅଫିସକୁ କାର୍ଯ୍ୟରେ ଲଗାଇବା ପାଇଁ ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

# ସୁବର୍ଣ୍ଣପୁର ବନଖଣ୍ଡରେ ଜଙ୍ଗଲ ନିଆଁ ପରିଚାଳନା ନିମନ୍ତେ କାର୍ଯ୍ୟ ଖସଡା ପ୍ରସ୍ତୁତ






ସୁବର୍ଣ୍ଣପୁର,ନ୍ୟୁଜ ବ୍ୟୁରୋ : ସୁବର୍ଣ୍ଣପୁର ବନଖଣ୍ଡ କାର୍ଯ୍ୟାଳୟ ସ୍ଥିତ ସମ୍ମିଳନୀ କକ୍ଷଠାରେ ଜିଲ୍ଲାପାଳ, ସୁବର୍ଣ୍ଣପୁର ଡ଼ ନୃପରାଜ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଏହି ବୈଠକର ବନଖଣ୍ଡ ଅଧିକାରୀ, ସୁବର୍ଣ୍ଣପୁର, ମଦନ ଲାଲ ଶର୍ମା, ଅତିରିକ୍ତ ବନ ସଂରକ୍ଷକ, ସୁବର୍ଣ୍ଣପୁର, ଜିଲ୍ଲା ଅଗ୍ନିଶମ ଅଧିକାରୀ, ସୁବର୍ଣ୍ଣପୁର, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ, ସୁବର୍ଣ୍ଣପୁର, ଜିଲ୍ଲା ପଞ୍ଚାୟତ ଅଧିକାରୀ ତଥା ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ଅର୍ଜୁନ ମାଝୀଙ୍କ ସମେତ ବନଖଣ୍ଡ ଅନେକ ବନ ଅଧିକାରୀ ଓ କର୍ମଚାରୀମାନେ ଥିଲେ । ସହକାରୀ ବନ ସଂରକ୍ଷକ, ସୁବର୍ଣ୍ଣପୁର, ସୁବର୍ଣ୍ଣପୁର ବନଖଣ୍ଡରେ ଆଗାମୀ ୨୦୨୬ ବର୍ଷରେ ଜଙ୍ଗଲ ନିଆଁ କୁ ନିୟନ୍ତ୍ରଣ ଓ ନିର୍ବାପନ ନିମନ୍ତେ ପ୍ରସ୍ତୁତ କରାଯାଇଥିବା ବାର୍ଷିକ କାର୍ଯ୍ୟ ଖସଡ଼ାକୁ ସହକାରୀ ବନ ସଂରକ୍ଷକ, ସୁବର୍ଣ୍ଣପୁର ପି.ପି.ଟି. ମାଧ୍ୟମରେ ଉପସ୍ଥାପନ କରି ସମସ୍ତଙ୍କୁ ଅବଗତ କରାଇ ଥିଲେ । ଏହି ସଭାରେ ଜିଲ୍ଲାପାଳ, ସୁବର୍ଣ୍ଣପୁର ମଣିଷ ଦ୍ୱାରା ଯେପରି ଜଙ୍ଗଲରେ ନିଆଁ ଲଗା ନ ଯିବ, ସେଥିପାଇଁ ଜଙ୍ଗଲ ଭିତରେ ଜଙ୍ଗଲ ପାର୍ଶ୍ୱରେ ବସବାସ କରୁଥିବା ଜଙ୍ଗଲ ଓ ରାଜସ୍ୱ ଗ୍ରାମ,ପଡା ଓ ଗ୍ରାମ ପଞ୍ଚାୟତ ମାନଙ୍କରେ ଯଥେଷ୍ଟ ପୂର୍ବରୁ ବ୍ୟାପକ ଜନସଚେତନତା ସୃଷ୍ଟି କରିବା ସହିତ ଜଙ୍ଗଲରେ ନିଆଁ ଲାଗିବା ସଙ୍ଗେ ସଙ୍ଗେ ତୁରନ୍ତ ଲାଗିଥିବା ନିଆଁ କୁ ନିୟନ୍ତ୍ରଣ ଓ ନିର୍ବାପନ କରିବା ପାଇଁ ବାର୍ଷିକ କାର୍ଯ୍ୟ ଖସଡ଼ାରେ ବ୍ୟବସ୍ଥା କରିବା ପାଇଁ ଜିଲ୍ଲାପାଳ, ସୁବର୍ଣ୍ଣପୁର ଗୁରୁତ୍ୱାରୋପ କରିଥିଲେ । ଜିଲ୍ଲା ଅଗ୍ନିଶମ ଅଧିକାରୀ, ସୁବର୍ଣ୍ଣପୁର ଜଙ୍ଗଲ ନିଆଁର ନିୟନ୍ତ୍ରଣ ଓ ନିବାପନ୍ ଉପରେ ସମସ୍ତଙ୍କୁ ଅବଗତ କରାଇଥିଲେ । ସୁବର୍ଣ୍ଣପୁର ବନଖଣ୍ଡ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ବାର୍ଷିକ କାର୍ଯ୍ୟ ଖସଡ଼ା ଉପରେ ବିଶଦ ଭାବରେ ଆଲୋଚନା ହୋଇ ଅନୁମୋଦନ କରାଗଲା

# ୨୦୨୬ ଟି-୨୦ ବିଶ୍ୱକପ ପାଇଁ ୧୫ ଜଣିଆ ଭାରତୀୟ ଦଳ ଘୋଷଣା କଲା ବିସିସିଆଇ



**ନୂଆଦିଲ୍ଲୀ**

ବିସିସିଆଇ ୨୦୨୬ ଟି-୨୦ ବିଶ୍ୱକପ ପାଇଁ ୧୫ ଜଣିଆ ଭାରତୀୟ ଦଳ ଘୋଷଣା କରିଛି। ଶୁବମନ ଗିଲ ଏବଂ ରିଷଭ ପନ୍ତଙ୍କ ସମେତ ଅନେକ ପ୍ରମୁଖ ତାରକା ଏହି ଦଳରୁ ଅନୁପସ୍ଥିତ ଅଛନ୍ତି। ଏହି ଦଳରେ ଆଉ ଏକ ଆଶ୍ଚର୍ଯ୍ୟଜନକ ଦିଗ ହେଉଛି ଯେ ବିସିସିଆଇ ରିଜର୍ଭ କିମ୍ବା ଷ୍ଟାଣ୍ଡ-ବାଏ ଖେଳାଳିଙ୍କ ବିକଳ୍ପ ଖୋଲା ରଖିନାହିଁ। ବିସିସିଆଇ ସଚିବ ଦେବଜିତ ସାଇକିଆ ନିଜେ ବ୍ୟାଖ୍ୟା କରିଛନ୍ତି ଯେ ଟିମ ଇଣ୍ଡିଆ ବିଶ୍ୱକପ ପାଇଁ ଷ୍ଟାଣ୍ଡ-ବାଏ ଖେଳାଳିଙ୍କ ଘୋଷଣା କାହିଁକି କରିନାହିଁ।

୨୦୨୬ ଟି-୨୦ ବିଶ୍ୱକପ ପାଇଁ କୌଣସି ଷ୍ଟାଣ୍ଡ-ବାଏ ଖେଳାଳିଙ୍କ ଅନୁପସ୍ଥିତି ସମ୍ପର୍କରେ, ବିସିସିଆଇ ସଚିବ ଦେବଜିତ ସାଇକିଆ କହିଛନ୍ତି, 'ଯେହେତୁ ଟୁର୍ଣ୍ଣାମେଣ୍ଟ ଆମ ଦେଶରେ ଅନୁଷ୍ଠିତ ହେଉଛି, ଆବଶ୍ୟକ ହେଲେ ଆମେ ଯେକୌଣସି ଖେଳାଳିଙ୍କ ବଦଳ ଘୋଷଣା କରିପାରିବା। ସେଥିପାଇଁ ଆମେ କୌଣସି ରିଜର୍ଭ ଖେଳାଳିଙ୍କ ଘୋଷଣା କରିନାହୁଁ।' ବିସିସିଆଇ ସାଧାରଣତଃ ପ୍ରମୁଖ ଟୁର୍ଣ୍ଣାମେଣ୍ଟ ପାଇଁ ରିଜର୍ଭ କିମ୍ବା ଷ୍ଟାଣ୍ଡ-ବାଏ ଖେଳାଳିଙ୍କ ଘୋଷଣା କରିଥାଏ। ଏହାର ଉଦ୍ଦେଶ୍ୟ ହେଉଛି ଯଦି କୌଣସି ଖେଳାଳି ଆଘାତ କିମ୍ବା ଅନ୍ୟ କୌଣସି କାରଣରୁ ଟୁର୍ଣ୍ଣାମେଣ୍ଟ ସମୟରେ ଖେଳିବା ଜାରି ରଖିପାରିବେ ନାହିଁ, ତେବେ ରିଜର୍ଭ ଖେଳାଳିଙ୍କ ମଧ୍ୟରୁ ଜଣେ ବଦଳ ଚୟନ କରାଯାଇପାରିବ। ଯଦି ବିଶ୍ୱକପ ବିଦେଶରେ ଆୟୋଜିତ ହେଉଥିଲା, ତେବେ ଯାତ୍ରା ସମସ୍ୟାକୁ ଏଡାଇବା ପାଇଁ ବିସିସିଆଇ ରିଜର୍ଭ ଖେଳାଳି ଘୋଷଣା କରିପାରିଥାନ୍ତା, କିନ୍ତୁ ଆସନ୍ତା ବର୍ଷ ଭାରତ ଏବଂ ଶ୍ରୀଲଙ୍କା ଦ୍ୱାରା ଟି-୨୦ ବିଶ୍ୱକପ ଆୟୋଜନ କରାଯିବ।

# ଶେଷ ହେଲା ବନବାସ : ଟିମ୍ ଇଣ୍ଡିଆ ପାଇଁ ଚୟନ ହେଲେ ଇଶାନ କିଶାନ



**ନୂଆଦିଲ୍ଲୀ**

୨୦୨୬ ଆଇସିସି ଟି୨୦ ବିଶ୍ୱକପ ପାଇଁ ଭାରତୀୟ ଦଳ ଘୋଷଣା କରାଯାଇଛି। ୱିକେଟକିପର-ବ୍ୟାଟ୍ସମ୍ୟାନ ଇଶାନ କିଶାନ ଦୁଇ ବର୍ଷ ପରେ ଦଳକୁ ଫେରିଛନ୍ତି। ଇଶାନ ଶେଷ ଥର ପାଇଁ ୨୮ ନଭେମ୍ବର, ୨୦୨୩ ରେ ଟିମ ଇଣ୍ଡିଆ ପାଇଁ ଖେଳିଥିଲେ। ପରବର୍ତ୍ତୀ ସମୟରେ, ଦୁର୍ବଳ ଶୃଙ୍ଖଳା ଯୋଗୁ ଇଶାନଙ୍କୁ ଭାରତୀୟ ଦଳରୁ ବାହାର କରାଯାଇଥିଲା। ତାଙ୍କୁ କେବଳ ଦଳରୁ ବାହାର କରାଯାଇଥିଲା ତାହା ନୁହେଁ, ବରଂ ତାଙ୍କର ସେଣ୍ଟ୍ରାଲ କଣ୍ଟ୍ରାକ୍ଟ ବା କେନ୍ଦ୍ରୀୟ ଚୁକ୍ତିନାମା ମଧ୍ୟ ଛଡ଼ାଇ ନିଆଯାଇଥିଲା। ବହିଷ୍କାର ହେବା ପରେ, ଇଶାନ ହାର ମାନିନଥିଲେ ଏବଂ ଘରୋଇ କ୍ରିକେଟ ଖେଳିବା ଜାରି ରଖିଥିଲେ।

ଝାଡ଼ଖଣ୍ଡ ପାଇଁ ବିଭିନ୍ନ ଘରୋଇ ପ୍ରତିଯୋଗିତାରେ ଇଶାନଙ୍କ ପ୍ରଭାବଶାଳୀ ରନ ସ୍କୋରିଂ ପ୍ରଦର୍ଶନର ଫଳ ମିଳିଥିଲା ଏବଂ ୭୫୩ ଦିନ ପରେ, ଚୟନକର୍ତ୍ତାମାନେ ତାଙ୍କୁ ଟିମ ଇଣ୍ଡିଆକୁ ଫେରାଇ ଆଣିବାକୁ ନିଷ୍ପତ୍ତି ନେଇଥିଲେ। ଇଶାନ ସମ୍ପ୍ରତି ଝାଡ଼ଖଣ୍ଡକୁ ସୟଦ ମୁସ୍ତାକି ଅଲି ଟ୍ରଫି ଟାଇଟଲ ଜିତିଥିଲେ। ହରିୟାଣା ବିପକ୍ଷ ଫାଇନାଲରେ, ସେ ଏକ ଜ୍ୱଳନ୍ତ ଶତକ ସହିତ ବୋଲରମାନଙ୍କୁ ଧୂଳି ଚଟାଇଥିଲେ।

ଟିମ ଇଣ୍ଡିଆରୁ ବାହାର ହେବା ପରେ, ଇଶାନ କିଶାନ ଏପରି କୌଣସି ସୁଯୋଗ ହାତଛଡ଼ା କରିନଥିଲେ ଯାହା ତାଙ୍କୁ ଭାରତୀୟ ଦଳକୁ ଫେରିବାକୁ ନେଇଥାନ୍ତା। ପ୍ରଥମେ, ଇଶାନ କିଶାନ ୨୦୨୪ବୁଚି ବାବୁ ଟୁର୍ଣ୍ଣାମେଣ୍ଟରେ ଝାଡ଼ଖଣ୍ଡ ପାଇଁ ତାଙ୍କର ପ୍ରଥମ ମ୍ୟାଚରେ ଶତକ ହାସଲ କରି ଏକ ସଞ୍ଚାର ସୃଷ୍ଟି କରିଥିଲେ। ଏହା ପରେ, ଇଶାନ ୨୦୨୪ ରଣଜୀ ଟ୍ରଫିରେ ଚମତ୍କାର ପ୍ରଦର୍ଶନ କରିଥିଲେ। ଯେତେବେଳେ ତାଙ୍କୁ ଦୁଲୀପ ଟ୍ରଫିରେ ସୁଯୋଗ ମିଳିଥିଲା, ସେ ଇଣ୍ଡିଆ ଡ ପାଇଁ ଖେଳିଥିଲେ ଏବଂ ଇଣ୍ଡିଆ ଇ ବିପକ୍ଷରେ ଏକ ଶକ୍ତିଶାଳୀ ୧୧୧ ରନ କରିଥିଲେ।

ଇଶାନ ସେଠାରେ ଅଟକିନଥିଲେ ଏବଂ କାଉଣ୍ଟି ଦଳରେ ଖେଳିବାକୁ ନିଷ୍ପତ୍ତି ନେଇଥିଲେ। ସମ୍ପ୍ରତି, ଇଶାନ ସୟଦ ମୁସ୍ତାକ ଅଲି ଟ୍ରଫିରେ ବିପର୍ଯ୍ୟୟ ଘଟାଇଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ଝାଡ଼ଖଣ୍ଡର ଅଧିନାୟକତ୍ୱ କରି, ଇଶାନ ୧୦ ମ୍ୟାଚରେ ୧୯୭.୩୨ ଷ୍ଟ୍ରାଇକ ରେଟରେ ୫୧୭ ରନ କରିଥିଲେ, ଯେଉଁଥିରେ ଦୁଇଟି ଶତକ ଏବଂ ଦୁଇଟି ଅର୍ଦ୍ଧଶତକ ଅନ୍ତର୍ଭୁକ୍ତ। ଏହି ବିସ୍ଫୋରକ ପ୍ରଦର୍ଶନ ତାଙ୍କୁ ଟିମ ଇଣ୍ଡିଆକୁ ଫେରିବାର ସୁଯୋଗ ଦେଇଛି।

ଇଶାନ କିଶାନଙ୍କୁ ବ୍ୟାକଅପ ୱିକେଟକିପର ଏବଂ ଓପନର୍ ଭାବରେ ଟିମ ଇଣ୍ଡିଆରେ ସାମିଲ କରାଯାଇଛି। ସଞ୍ଜୁ ସାମସନ ପ୍ରାଥମିକ ୱିକେଟକିପର ରହିବେ। ସଞ୍ଜୁ ଏବେ ଅଭିଷେକ ଶର୍ମାଙ୍କ ସହ ଓପନିଂ କରିବେ, କାରଣ ଶୁବମନ ଗିଲ ଦଳରେ ସାମିଲ ହୋଇନାହାଁନ୍ତି। ଏହା ବ୍ୟତୀତ, ଦକ୍ଷିଣ ଆଫ୍ରିକା ବିପକ୍ଷରେ ପାଞ୍ଚ ମ୍ୟାଚ ବିଶିଷ୍ଟ ଟି-୨୦ ସିରିଜରେ ଖେଳିଥିବା ଜିତେଶଙ୍କୁ ଦଳରୁ ବାଦ ଦିଆଯାଇଛି। ଏହି କାରଣରୁ ଇଶାନ କିଶାନଙ୍କୁ ଟିମ ଇଣ୍ଡିଆରେ ସାମିଲ କରାଯାଇଛି।

# କାହିଁକି ବାଦ୍ ପଡ଼ିଲେ ଗିଲ୍ ମୁହଁ ଖୋଲିଲେ ଅଗରକର



**ମୁମ୍ବାଇ**

୨୦୨୬ ଫେବୃଆରୀ-ମାର୍ଚ୍ଚରେ ହେବାକୁ ଥିବା ଟି୨୦ କ୍ରିକେଟ୍ ବିଶ୍ୱକପ୍ ଲାଗି ଶନିବାର ଭାରତୀୟ ଦଳ ଘୋଷିତ ହୋଇଛି। ଦିନିକିଆ ଓ ଟେଷ୍ଟ ଦଳର ଅଧିନାୟକ ଶୁବମନ ଗିଲ୍‌ଙ୍କୁ ଦଳରୁ ବାଦ୍ ଦିଆଯାଇଛି। ଅନ୍ୟପକ୍ଷେ ଚୟନ କମିଟି ମୁଖ୍ୟ ଅଜିତ୍ ଅଗରକର ବାଦ ପଡିଥିବା ଗିଲ୍‌ଙ୍କୁ ନେଇ ମୁହଁ ଖୋଲିଛନ୍ତି।

ଅଗରକର କହିଛନ୍ତି, ଟେଷ୍ଟ ଏବଂ ଦିନିକିଆରେ ସ୍ଥିର ପ୍ରଦର୍ଶନ କରିଆସୁଥିବା ଗିଲ୍ ଟି୨୦ରେ ସଂଘର୍ଷ କରୁଥିବା ପରିଲକ୍ଷିତ ହୋଇଛି। ବିଶେଷକରି ଓପନିଂ ସ୍ଥାନରେ ସେ ଭାରତକୁ ଉପଯୁକ୍ତ ଆରମ୍ଭ ଦେବାରେ ଅସଫଳ ରହିଛନ୍ତି। ପାୱାରପ୍ଲେରେ ତାଙ୍କ ଷ୍ଟ୍ରାଇକ୍ ହାର ମଧ୍ୟ ଭଲ ନାହିଁ। ଦକ୍ଷିଣ ଆଫ୍ରିକା ବିପକ୍ଷରେ ସେ ୩ଟି ଟି୨୦ ମ୍ୟାଚ୍ ଖେଳିଥିବା ବେଳେ ଯଥାକ୍ରମେ ୪, ୦ ଓ ୨୮ ରନ୍ କରିବାକୁ ସକ୍ଷମ ହୋଇଛନ୍ତି। "ସାମ୍ପ୍ରତିକ ସମୟରେ ଗିଲ୍ ରନ୍ ସ୍କୋର କରିବାରେ ବିଫଳ ହୋଇଛନ୍ତି। ତେଣୁ ତାଙ୍କୁ ବିଶ୍ୱକପ୍ ଦଳରେ ସାମିଲ କରାଯାଇନାହିଁ" ବୋଲି ଅଗରକର ପ୍ରକାଶ କରିଛନ୍ତି।

# ନ୍ୟୁଜିଲାଣ୍ଡ ବିପକ୍ଷ ଦିନିକିଆ ସିରିଜରେ ଖେଳିବେନି ବୁମ୍ରା-ହାର୍ଦ୍ଦିକ!



**ନୂଆଦିଲ୍ଲୀ**

ଭାରତ ଏବଂ ନ୍ୟୁଜିଲାଣ୍ଡ ମଧ୍ୟରେ ଜାନୁଆରୀ ୧୧ ତାରିଖରୁ ଆରମ୍ଭ ହେଉଛି ଦିନିକିଆ ସିରିଜ। ଏହି ସିରିଜରେ ତିନୋଟି ଦିନିକିଆ ଖେଳାଯିବ, କିନ୍ତୁ ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ଟିମ ଇଣ୍ଡିଆ ଏକ ବଡ଼ ବିପର୍ଯ୍ୟୟର ସମ୍ମୁଖୀନ ହେଉଛି। ଖବର ମିଳିଛି ଯେ ଜସପ୍ରିତ ବୁମ୍ରା ଏବଂ ହାର୍ଦ୍ଦିକ ପାଣ୍ଡ୍ୟା ଦିନିକିଆ ସିରିଜରୁ ବଞ୍ଚିତ ହୋଇପାରନ୍ତି। ଏକ ରିପୋର୍ଟ ଅନୁଯାୟୀ, ୨୦୨୬ ଟି୨୦ ବିଶ୍ୱକପ ପାଇଁ ପ୍ରସ୍ତୁତି ପାଇଁ ବୁମ୍ରା ଏବଂ ପାଣ୍ଡ୍ୟା ନ୍ୟୁଜିଲାଣ୍ଡ ବିପକ୍ଷ ଦିନିକିଆ ସିରିଜରୁ ବଞ୍ଚିତ ହୋଇପାରନ୍ତି।

ଅନ୍ୟପକ୍ଷରେ, ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ସମ୍ପର୍କରେ ଦଳ ପରିଚାଳନାର ସମାନ ମତ ରହିଛି। ସେ ଏସିଆ କପରେ ହୋଇଥିବା ଆଘାତରୁ ଫେରି ଆସୁଛନ୍ତି ଏବଂ ଟି୨୦ ବିଶ୍ୱକପ ପାଇଁ ତାଙ୍କର ଫିଟନେସ ବଜାୟ ରଖିବା ପାଇଁ, ସେ ବିଜୟ ହଜାରେ ଟ୍ରଫିରେ ବରୋଦା ପାଇଁ କିଛି ମ୍ୟାଚ ମଧ୍ୟ ହରାଇପାରନ୍ତି।

# ଶୁବମନ ଗିଲ ଆଉଟ ହେବା ପରେ ବଡ଼ ସମସ୍ୟାର ହେଲା ସମାଧାନ!

**ନୂଆଦିଲ୍ଲୀ**

ଶନିବାର ୨୦୨୬ ଟି-୨୦ ବିଶ୍ୱକପ ପାଇଁ ଭାରତୀୟ ଦଳ ଘୋଷଣା କରାଯାଇଛି। ଜାନୁଆରୀରେ ନ୍ୟୁଜିଲାଣ୍ଡ ବିପକ୍ଷରେ ପାଞ୍ଚ ମ୍ୟାଚ ବିଶିଷ୍ଟ ଟି-୨୦ ସିରିଜ ଖେଳି ୧୫ ଜଣିଆ ଦଳ ଏହାର ପ୍ରସ୍ତୁତିକୁ ଆହୁରି ମଜବୁତ କରିବ।

ଜାନୁଆରୀ ୨୧, ୨୦୨୬ ରେ ଟି-୨୦ ସିରିଜ ଆରମ୍ଭ ହେବ, ଯେତେବେଳେ ୨୦୨୬ ଟି-୨୦ ବିଶ୍ୱକପ ଫେବୃଆରୀ ୭ ରେ ଆରମ୍ଭ ହେବ। ବିଶ୍ୱକପ ଏବଂ ନ୍ୟୁଜିଲାଣ୍ଡ ବିପକ୍ଷ ସିରିଜ ପାଇଁ ଭାରତର ଆଦର୍ଶ ପ୍ଲେଇଂ ଇଲେଭେନ କ'ଣ ହୋଇପାରେ ?

ଖରାପ ଫର୍ମ ସହିତ ସଂଘର୍ଷ କରୁଥିବା ଶୁବମନ ଗିଲଙ୍କୁ ଭାରତୀୟ ଦଳରେ ସାମିଲ କରାଯାଇ ନାହିଁ। ଏହା ଭାରତର ଓପନିଂ ଯୋଡି ସମସ୍ୟାର ସମାଧାନ କରିଛି। ଅଭିଷେକ ଶର୍ମା ଏବଂ ସଞ୍ଜୁ ସାମସନ ଏବେ ଇନିଂସ ଓପନ କରିପାରିବେ। ଉଭୟ ଦଳ ପାଇଁ ଶୀଘ୍ର ଆରମ୍ଭ



କରିବେ। ତିଲକ ବର୍ମା ୩ ନମ୍ବରରେ ଏବଂ ସୂର୍ଯ୍ୟକୁମାର ଯାଦବ ୪ ନମ୍ବରରେ ଆସିବାର ଆଶା କରାଯାଉଛି। ତଥାପି, ସୂର୍ଯ୍ୟଙ୍କ ଫର୍ମ ଭାରତ ପାଇଁ ଚିନ୍ତାର ବିଷୟ ପାଲଟିଛି। ଭାରତୀୟ ଟି-୨୦ ଅଧିନାୟକ ବହୁତ ଦିନ ଧରି ନୀରବ ଅଛନ୍ତି।

ଫର୍ମରେ ଥିବା ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ନମ୍ବର୫ରେ ପଠାଯାଇପାରେ। ହାର୍ଦ୍ଦିକ ମଧ୍ୟ ବଲ ସହିତ ଯୋଗଦାନ ଦେବାକୁ ସକ୍ଷମ। ଉପ-ଅଧିନାୟକ ଅକ୍ଷର ପଟେଲ ୬ ନମ୍ବରରେ ବ୍ୟାଟିଂ କରିପାରନ୍ତି। ପଟେଲ ଉପ-ଅଧିନାୟକ ଭାବରେ ଫେରିଛନ୍ତି। ଦଳ ପରିଚାଳନା ଫିନିସର୍ ଭାବରେ ଶିବମ ଦୁବେ କିମ୍ବା ରିଙ୍କୁ ସିଂହଙ୍କ ଉପରେ ଭରସା କରିପାରେ। କୁଲଦୀପ ଯାଦବ ଏବଂ ବରୁଣ ଚକ୍ରବର୍ତ୍ତୀ ସ୍ପିନ ବୋଲିଂକୁ ସମ୍ଭାଳି ପାରିବେ। ଦ୍ରୁତ ବୋଲିଂ ପାଇଁ ଜସପ୍ରିତ ବୁମରାହ ଏବଂ ଅର୍ଶଦୀପ ସିଂହଙ୍କ ଉପରେ ଭରସା କରାଯାଇପାରେ।

# ଚୌଦ୍ୱାର କଲେଜରେ ବାର୍ଷିକ କ୍ରୀଡ଼ାଉତ୍ସବ ଉଦ୍‌ଯାପିତ

**ଚୌଦ୍ୱାର : ନ୍ୟୁଜ୍ ବ୍ୟୁରୋ**

ଚୌଦ୍ୱାର କଲେଜର ୪୪ତମ ବାର୍ଷିକ କ୍ରୀଡା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଅଧକ୍ଷା ତଥା କ୍ରୀଡା ପରିଷଦର ମୁଖ୍ୟ ପ୍ରଫେସର ରଶ୍ମୀ ରାଉତରାୟ କ୍ରୀଡା ଉତ୍ସବକୁ ଉଦ୍‌ଘାଟନ କରିଥିଲେ। କଲେଜର ସମର ଶିକ୍ଷାର୍ଥୀ ବାହିନୀ, ରୋଭର୍ସ ରେଞ୍ଜର, ଜାତୀୟ ସେବା ଯୋଜନାର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଏକ ମଶାଲ ଶୋଭାଯାତ୍ରା ସହିତ ମିଳିତ ପ୍ୟାରେଡ ପ୍ରଦର୍ଶନ କରାଯାଇଥିଲା। ଦୁଇ ଦିନ ଧରି ଦୌଡ, ଲଙ୍ଗଜମ୍ପ, ହାଇଜମ୍ପ, ବ୍ୟାଡମିଟନ, ଭଲିବଲ ପ୍ରତିଯୋଗିତା ସହିତ ଶିକ୍ଷକ ଓ କର୍ମଚାରୀ ମାନଙ୍କ ମଧ୍ୟରେ କ୍ରିକେଟ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ସ୍ଥାନୀୟ ବାଲି ଏସ୍‌ଏସ୍‌ଡି ବିଜ୍ଞାନ ଓ ବୈଷୟିକ କଲେଜର ଅଧକ୍ଷ ପ୍ରଦୀପ କୁମାର ସାହୁ ଓ ଓଡିଶା ଆରକ୍ଷୀ ବିଭାଗର ନୀରିକ୍ଷକ ପ୍ରମିଳାପ୍ରଭା ମିଞ୍ଜି ପ୍ରମୁଖ ଯୋଗଦେଇ କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ବଣ୍ଟନ କରିଥିଲେ। କ୍ରୀଡା ପରିଷଦର ଉପସଭାପତି ପ୍ରଫେସର ଲକ୍ଷ୍ମଣ କରଣଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉତ୍ସବରେ କ୍ରୀଡ଼ା ପରିଷଦ ସଦସ୍ୟ ଡ.ସଂଗ୍ରାମ ବେହେରା, ସରୀତା ମିଶ୍ର, ଡ.ଦୀପକ ବେହେରା, ଅନୁପମା ତ୍ରିପାଠୀ, ଚିତ୍ତରଞ୍ଜନ ଦାସ, ସୁମନ୍ତ କୁମାର ସାହୁ,ଆଶୋକ କୁମାର ଦାସ, କ୍ରୀଡା ଶିକ୍ଷକ ଅନିଲ ସାର ଓ ନାରାୟଣ ସାରଙ୍କ ସମେତ ସମସ୍ତ ଅଧାପକ ଅଧାପିକା କର୍ମଚାରୀ ଓ ଛାତ୍ରୀଛାତ୍ର ମାନେ ସହଯୋଗ କରିଥିଲେ। ଅନୁରୁପ ଭାବେ ସ୍ଥାନୀୟ କଖଡି ନୋଡାଲ ଉଚ୍ଚବିଦ୍ୟାଳୟର ୬୫ତମ ବାର୍ଷିକ କ୍ରୀଡାତ୍ସୋବ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ କଖଡି ଗ୍ରାମ ପଞ୍ଚାୟତ ସରପଞ୍ଚ କଳ୍ପନା ଛତାର, ସାମ୍ବାଦିକ ଶ୍ୱେତକାନ୍ତ ବେହେରା,ବିଦ୍ୟାଳୟ ପରିଚାଳନା କମିଟି ସଭାପତି ନାରାୟଣ ସାହୁ, ପ୍ରଧାନ ଶିକ୍ଷକ ରଞ୍ଜିତ କୁମାର ନାୟକ ପ୍ରମୁଖ ଅତିଥି ଭାବେ ଯୋଗଦାନ କରି ବିଜୟୀ ପ୍ରତିଯୋଗୀ ମାନଙ୍କୁ ପରସ୍କୃତ କରିଥିଲେ।

# ଟି-୨୦ ବିଶ୍ୱକପ୍ ଟିମ୍‌ରୁ ଗିଲ୍ ଆଉଟ୍

**ନୂଆଦିଲ୍ଲୀ**



ଭାରତୀୟ ଦଳର ଷ୍ଟାର ବ୍ୟାଟ୍ସମ୍ୟାନ ଶୁବମନ ଗିଲ କିଛି ଦିନ ହେବ ଖରାପ ଫର୍ମରେ ଅଛନ୍ତି। ଆଘାତ ଯୋଗୁ ଗିଲ ଦକ୍ଷିଣ ଆଫ୍ରିକା ବିପକ୍ଷରେ ପଞ୍ଚମ ଟି-୨୦ ମ୍ୟାଚ ଖେଳିପାରି ନ ଥିଲେ ଏବଂ ତାଙ୍କ ସ୍ଥାନରେ ସଞ୍ଜୁ ସାମସନଙ୍କୁ ପ୍ଲେଇଂ ଇଲେଭେନରେ ସ୍ଥାନ ଦିଆଯାଇଥିଲା। ସାମସନ ଅଭିଷେକ ଶର୍ମାଙ୍କ ସହିତ ଇନିଂସ ଓପନ କରିଥିଲେ ଏବଂ ପୁଣି ଥରେ ଦଳ ପାଇଁ ନିଜର ଯୋଗ୍ୟତା ପ୍ରମାଣ କରିଥିଲେ। ଫଳସ୍ୱରୂପ, ତାଙ୍କୁ ଟି-୨୦ ବିଶ୍ୱକପ ଏବଂ ନ୍ୟୁଜିଲାଣ୍ଡ ବିପକ୍ଷରେ ପାଞ୍ଚ ମ୍ୟାଚ ବିଶିଷ୍ଟ ଟି-୨୦ ସିରିଜ ପାଇଁ ମନୋନୀତ ଦଳରେ ସାମିଲ କରାଯାଇ ନ ଥିଲା।

ଟି-୨୦ ବିଶ୍ୱକପ ଦଳ ଘୋଷଣା କରିବା ସମୟରେ, ଚୟନ କମିଟି ଅଧକ୍ଷ ଅଜିତ ଅଗରକର କହିଥିଲେ ଯେ ମିଶ୍ରଣ ଚିନ୍ତାଧାରା ଯୋଗୁ ଗିଲଙ୍କୁ ବାଦ ଦିଆଯାଇଥିଲା। ଦଳ ପରିଚାଳନା ଶୀର୍ଷ କ୍ରମରେ ଜଣେ ଉଇକେଟକିପରଙ୍କୁ ଖେଳାଇବାକୁ ଚାହୁଁଥିଲା, ଯେଉଁଥିପାଇଁ ଗିଲ୍‌ଙ୍କୁ ବାଦ ଦିଆଯାଇଥିଲା ଏବଂ ସଞ୍ଜୁ ସାମସନଙ୍କୁ ସୁଯୋଗ ଦିଆଯାଇଥିଲା। ଇଶାନ କିଶାନଙ୍କୁ ମଧ୍ୟ ବ୍ୟାକଅପ ଉଇକେଟକିପର-ବ୍ୟାଟସମ୍ୟାନ ଭାବରେ ସାମିଲ କରାଯାଇଥିଲା।

ଦକ୍ଷିଣ ଆଫ୍ରିକା ବିପକ୍ଷରେ ସଦ୍ୟ ସମାପ୍ତ ପାଞ୍ଚ ମ୍ୟାଚ ବିଶିଷ୍ଟ ଟି-୨୦ ସିରିଜର ଶେଷ ଦୁଇଟି ମ୍ୟାଚ ପୂର୍ବରୁ ଗିଲ ଆହତ ହୋଇଥିଲେ। ଲକ୍ଷ୍ନୌରେ ନେଟ ସେସନ ସମୟରେ ଗିଲଙ୍କ ଆଙ୍ଗୁଠିରେ ଆଘାତ ଲାଗିଥିଲା। ସାମସନ ସିରିଜ୍ର ପଞ୍ଚମ ଏବଂ ଶେଷ ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍ରେ ୨୨ ବଲ୍ରେ ୩୭ ରନ କରି ଓପନର୍ ଭାବରେ ଫେରିଥିଲେ। ତାଙ୍କୁ ବର୍ତ୍ତମାନ ଚୟନ କମିଟି ଦ୍ୱାରା ପୁରସ୍କୃତ କରାଯାଇଛି। ତାଙ୍କୁ ଉଇକେଟକିପର-ବ୍ୟାଟ୍ସମ୍ୟାନ ଭାବରେ ଟି-୨୦ ବିଶ୍ୱକପ ଦଳରେ ସାମିଲ କରାଯାଇଛି।

# ରାତ୍ରୀ କାଳୀନ କ୍ରିକେଟ ମ୍ୟାଚ୍ : ଟ୍ୟାକ୍ସ କପ୍ ଚମ୍ପିୟାନ ହେଲା ଜିଏସଟି ବିଭାଗ

**ବ୍ୟାସନଗର : ନ୍ୟୁଜ୍ ବ୍ୟୁରୋ**

ଯାଜପୁର ଜିଲ୍ଲା ଟ୍ୟାକ୍ସ ବାର୍ ଏବଂ ସିଟି ଏଣ୍ଡ ଜିଏସଟି ଯାଜପୁର ରେଞ୍ଜ ମଧ୍ୟରେ ଏକ ରାତ୍ରୀକାଳୀନ ବନ୍ଧୁତ୍ୱ ପୂର୍ଣ୍ଣ କ୍ରିକେଟ ମ୍ୟାଚ୍ ଗତ କାଲି ଧବଳ ଗିରି ସ୍ଥ କାର୍ଯ୍ୟଳୟ ପଡିଆ ରେ ଅନୁଷ୍ଠିତ ହୋଇ ଯାଇଛି। ପ୍ରଥମ କରି 'ଟ୍ୟାକ୍ସ କପ୍' ହେଉଥିବା ମ୍ୟାଚ୍‌କୁ ବିଭାଗର ଅତିରିକ୍ତ କମିସନର ସତ୍ୟ ନାରାୟଣ ପଣ୍ଡା ଉଦଘାଟନ କରିଥିଲାବେଳେ ଓକିଲ ଦଳ କ୍ୟାପଟେନ ସଭାପତି ବିବେକାନନ୍ଦ ମହାନ୍ତି ଏବଂ ଜିଏସଟି ବିଭାଗ କ୍ୟାପଟେନ ଯୁଗ୍ମ କମିସନର ଲାଲ ବାହାଦୁର ବିଶ୍ୱାଳ ଙ୍କ ନେତୃତ୍ୱ ରେ ଏକ ସୁନ୍ଦର ଓ ମନୋଲୋଭା ପଡ଼ିଆରେ ସଭ୍ୟ ମାନେ ଖେଳିଥିଲେ। ୧୫ ଓଭର୍ ମ୍ୟାଚ ବିଶିଷ୍ଟ ଖେଳରେ ପ୍ରଥମେ ଜିଏସଟି ବିଭାଗ ଟସ୍ ଜିଣି ବ୍ୟାଟିଂ କରିଥିବାବେଳେ ଆଠ ୱିକେଟ ହରାଇ ସତ୍ୟ ରଞ୍ଜନ ପରିଡ଼ାଙ୍କ ବ୍ୟକ୍ତିଗତ ୮୨ ରନ ସହାୟତା ରେ ୨୨୨ ରନ କରି ଏକ ବିଶାଳ ସ୍କୋର କରିଥିଲେ। ଓକିଲ ସଙ୍ଘ ତରଫରୁ ସର୍ବାଧିକ ମହାମାୟା ପ୍ରତାପ ସ୍ୱାଇଁ ତିନି ୱିକେଟ ହାସଲ କରିଥିଲେ ଏବଂ ସମୀର ମାହାନ୍ତି, ସତ୍ୟମ୍ ମହାପାତ୍ର। ଉତ୍ତର ରେ ଟିକସ ଓକିଲ ସଂଘ ପ୍ରାରମ୍ଭରୁ ବିପର୍ଯ୍ୟୟ ସମ୍ମୁଖୀନ ହୋଇ ୯ୱିକେଟ ହରାଇ ସମୁଦାୟ ୧୨୬ ରନ କରିବାରେ ସକ୍ଷମ ହୋଇ ରନର୍ସ କପ୍ ରେ ସନ୍ତୁଷ୍ଟ ହୋଇଥିଲେ। ଚାମ୍ପିଅନ ସିଟି ଏଣ୍ଡ ଜିଏସଟି ପ୍ରଥମ ଟ୍ୟାକ୍ସ କପ୍ ହାସଲ କରି ଅତିଥିଙ୍କ ଠାରୁ କପ୍ ଗ୍ରହଣ କରିଥଲେ। ସୁନ୍ଦର ବ୍ୟାଟିଂ ନିମନ୍ତେ ସତ୍ୟ ରଞ୍ଜନ ପରିଡ଼ାଙ୍କୁ ସୁନ୍ଦର ବୋଲିଂ ନିମନ୍ତେ ମହାମାୟା ପ୍ରତାପ ସ୍ୱାଇଁ ଏବଂ ଅଲ୍ ରାଉଣ୍ଡର ଖେଳାଳୀ ନିମନ୍ତେ ସୌମ୍ୟ ରଞ୍ଜନ ସ୍ୱାଇଁଙ୍କୁ ଟ୍ରଫି ଦିଆହେଇଥିଲା। ଖେଳ ରେ ବିଦ୍ୟାଧର ମହାନ୍ତି ଏବଂ ସୁରଜ୍ କୁମାର୍ ଜେନା ଅମ୍ପିଏୟାର ଏବଂ ଅମ୍ରିତା ପଟ୍ଟନାୟକ ଓ ବିଶ୍ୱ ଭୋଇ ପରିଚାଳନା କରିଥଲେ। ଓକିଲ ସଂଘ ପକ୍ଷରୁ ବରିଷ୍ଠ ସଭ୍ୟ ପ୍ରଫୁଲ୍ଲ କୁମାର ସାମଲ, ସମ୍ପାଦକ ଧନେଶ୍ୱର ବାରିକ, ଉପସଭାପତି ସସ୍ମିତା ସ୍ୱାଇଁ, ଅଶୋକ କୁମାର ଶର୍ମା, ଅଜୟ କୁମାର ବିଶ୍ୱାଳ, ଦିପୁ ବାରିକ, ହେମନ୍ତ କୁମାର ପଥାଳ, ଦୂର୍ବଦଳ ବସୁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥଲେ। ଏଇଭଳି ବନ୍ଧୁତ୍ୱ ପୂର୍ଣ୍ଣ ଖେଳ ପ୍ରଥମ କରି ଆୟୋଜନ କରିଥିବାରୁ ଅତିରିକ୍ତ ଆୟୁକ୍ତ ସତ୍ୟନାରାୟଣ ପଣ୍ଡାଙ୍କୁ ସମସ୍ତେ ଭୂୟସୀ ପ୍ରଶଂସା କରିଥିଲେ।



# ଋଦ୍ଧିମାନ ସାହାଙ୍କୁ ଭାରତର ସର୍ବଶ୍ରେଷ୍ଠ ୱିକେଟକିପର କହିଲେ ରୋହିତ

**ମୁମ୍ବାଇ**

ଭାରତର ସର୍ବଶ୍ରେଷ୍ଠ ୱିକେଟ କିପର କିଏ ? ଏହି ପ୍ରଶ୍ନ ଆସିଲେ ସାଧାରଣତଃ ମହେନ୍ଦ୍ର ସିଂ ଧୋନି କିମ୍ବା ଋଷଭ ପନ୍ତଙ୍କ ନାମ ପ୍ରଥମେ ଆସିଥାଏ। ମାତ୍ର ଭାରତୀୟ କ୍ରିକେଟ ଦଳର ପୂର୍ବତନ ଅଧିନାୟକ ରୋହିତ ଶର୍ମା ଏକ ଭିନ୍ନ ମତ ଦେଇଛନ୍ତି। ରୋହିତଙ୍କ ଅନୁଯାୟୀ, ବେଙ୍ଗଲର ଅଭିଜ୍ଞ ୱିକେଟକିପର ଋଦ୍ଧିମାନ ସାହା ହେଉଛନ୍ତି ଭାରତର ସର୍ବକାଳୀନ ସର୍ବଶ୍ରେଷ୍ଠ ୱିକେଟକିପର।

ସୋସିଆଲ ମିଡିଆରେ ଭାଇରାଲ ହେଉଥିବା ଏକ ଭିଡିଓରେ ରୋହିତ ଶର୍ମା ସାହାଙ୍କ କୌଶଳର ଖୁବ୍ ପ୍ରଶଂସା କରିଛନ୍ତି। ସେ କହିଛନ୍ତି, "ମୁଁ ସାହାଙ୍କ ସହ ଅନେକ ଟେଷ୍ଟ ମ୍ୟାଚ୍ ଖେଳିଛି ଏବଂ ସ୍ଲିପରେ ଛିଡ଼ା ହୋଇ ତାଙ୍କର କିପିଂ ଦେଖିଛି। ସାହାଙ୍କ ଭଳି ୱିକେଟକିପର ମୁଁ କେବେ ଦେଖିନାହିଁ। ସେ ନିଃସନ୍ଦେହରେ ଭାରତର ସର୍ବଶ୍ରେଷ୍ଠ ୱିକେଟକିପର।"

ରୋହିତଙ୍କ ଅନୁଯାୟୀ, ଭାରତୀୟ ପିଚ୍‌ରେ ବଲ୍ ଅଧିକ ଟର୍ଣ୍ଣ ହେଉଥିବା ବେଳେ ଏବଂ ତଳୁଆ ରହୁଥିବା ସମୟରେ ୱିକେଟ ପଛରେ ସଜାଗ ରହିବା ଅତ୍ୟନ୍ତ କଷ୍ଟକର। ବିଶେଷକରି ରବିଚନ୍ଦ୍ରନ ଅଶ୍ୱିନ ଏବଂ ରବୀନ୍ଦ୍ର ଜାଡେଜାଙ୍କ ଭଳି ସ୍ପିନରଙ୍କ ବିଭିନ୍ନ ପ୍ରକାର ବଲକୁ ଯେଉଁଭଳି ଭାବେ ସାହା ଆୟତ୍ତ କରନ୍ତି, ତାହା ପ୍ରଶଂସନୀୟ।

ଋଦ୍ଧିମାନ ୪୦ଟି ମ୍ୟାଚ୍‌ରେ ସାହା ୯୨ଟି କ୍ୟାଚ୍ ଏବଂ ୧୨ଟି ଷ୍ଟମ୍ପିଂ କରିଛନ୍ତି ଏବଂ ୯ଟି ମ୍ୟାଚ୍‌ରେ ୧୭ଟି କ୍ୟାଚ୍ ଏବଂ ୧ଟି ଷ୍ଟମ୍ପିଂ କରିଛନ୍ତି।

ସାହାଙ୍କ କ୍ୟାରିଅର୍ ସମୟରେ ଧୋନିଙ୍କ ଉପସ୍ଥିତି ଏବଂ ପରବର୍ତ୍ତୀ ସମୟରେ ପନ୍ତଙ୍କ ଆକ୍ରମଣାତ୍ମକ ବ୍ୟାଟିଂ କାରଣରୁ ସେ ହୁଏତ ଅନେକ ସମୟରେ ଚୟନରୁ ବାଦ ପଡ଼ିଥିଲେ, ମାତ୍ର 'ପିଓର ୱିକେଟକିପିଂ' କ୍ଷେତ୍ରରେ ରୋହିତ ଶର୍ମା ତାଙ୍କୁ ସର୍ବଶ୍ରେଷ୍ଠ ବୋଲି ମାନ୍ୟତା ଦେଇଛନ୍ତି।

# ବାର୍ଷିକ କ୍ରୀଡା ଓ ପୁରସ୍କାର ବିତରଣ ଉତ୍ସବ

**ବ୍ୟାସନଗର : ନ୍ୟୁଜ୍ ବ୍ୟୁରୋ**

ଯାଜପୁରଜିଲ୍ଲାର କୋରେଇ ବ୍ଲକ ପଛିକୋଟ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡା ଓ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଛି। ବୁଧବାର ଓ ଗୁରୁବାର ଦୁଇଦିନ ଧରି ଚାଲିଥିବା କ୍ରୀଡା ପ୍ରତିଯୋଗିତାକୁ ପ୍ରଧାନ ଶିକ୍ଷକ ଅଜୟ କୁମାର ବେହେରା ଉଦଘାଟନ କରିଥିଲେ। ଗତ ଶୁକ୍ରବାର ପ୍ରଧାନ ଶିକ୍ଷକ ଶ୍ରୀ ବେହେରାଙ୍କ ସଭାପତିତ୍ୱରେ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ ମୃତ୍ୟୁଞ୍ଜୟ ସିଂହ, ମୁଖ୍ୟବକ୍ତା ଅନ୍ଧାରୀ ସରପଞ୍ଚ ରାଜେନ୍ଦ୍ର କୁମାର ରାଉତ ରାୟ ଓ ସମ୍ମାନିତ ଅତିଥି ସମାଜସେବୀ ପୂର୍ଣ୍ଣଚନ୍ଦ୍ର ସାହୁ ଯୋଗଦେଇ କୃତି ପ୍ରତିଯୋଗୀ ଙ୍କୁ ପୁରସ୍କାର ବଣ୍ଟନ କରିଥିଲେ। ମୁଖ୍ୟ ଅତିଥି ଶ୍ରୀ ସିଂହ ତାଙ୍କ ବକ୍ତବ୍ୟରେ ପାଠପଢା ସହିତ ଖେଳକୁଦର ଆବଶ୍ୟକତା ରହିଛି ବୋଲି କହିଥିଲେ। ଶିକ୍ଷକ ଗୁଣନିଧି ଦେହୁରୀ ଓ ମଙ୍ଗୁଳି ଚରଣ ପଣ୍ଡା ସଭା ପରିଚାଳନା କରିଥିଲେ। ଛାତ୍ରଛାତ୍ରୀ ଙ୍କ ମଧ୍ୟରେ ନୃତ୍ୟ ଓ ଏକକ ଅଭିନୟ ଅନୁଷ୍ଠିତ ହୋଇଥିଲା। କ୍ରୀଡା ଶିକ୍ଷୟିତ୍ରୀ ଲୀଳାବତୀ ନାୟକ ଖେଳ ପରିଚାଳନା କରିଥିବା ବେଳେ ସତ୍ୟଭାମା ନାୟକ, ଜ୍ୟୋତିର୍ମୟୀ ନାୟକ, ରଶ୍ମି ରେଖା ସାହୁ ଓ ତୋଫାନ କୁମାର ଦେହୁରୀ ସହଯୋଗ କରିଥିଲେ। ଋତୁପର୍ଣ୍ଣା ପଣ୍ଡା, ମୋନାଲିସା ପାତ୍ର, ଚନ୍ଦନ କୁମାର ଜେନା, ଅନିରୁଦ୍ଧ ଜେନା, ସୁବ୍ରତ କର, ଦିପ୍ତୀପ୍ରଭା ମାଝି, ରମେଶ ଚନ୍ଦ୍ର ଓଝା ଓ କର୍ମଚାରୀ ନିରାକାର ସେଠୀ କାର୍ଯ୍ୟକ୍ରମ ରେ ସହଯୋଗ କରିଥିଲେ। ଶିକ୍ଷକ ଜିତେନ୍ଦ୍ର କୁମାର ରାଉତ ଧନ୍ୟବାଦ ଦେଇଥିଲେ।

# ଜାନୁଆରୀ ୯ରୁ କେନ୍ଦ୍ରାପଡା ଜିଲ୍ଲା ମହୋତ୍ସବ

**କେନ୍ଦ୍ରାପଡା : ନ୍ୟୁଜ୍ ବ୍ୟୁରୋ**



ଜିଲ୍ଲା ମୁଖ୍ୟାଳୟରେ ପଲ୍ଲିଶ୍ରୀ ମେଳା ଏବଂ ଜିଲ୍ଲା ମହୋତ୍ସବ ନିମନ୍ତେ ଦ୍ୱିତୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଜିଲ୍ଲାପାଳ ଅଧକ୍ଷତା କରିଥିଲେ। ବୈଠକରେ ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ରବୀନ୍ଦ୍ର କୁମାର ମଲ୍ଲିକ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ନବକ୍ରିଷ୍ଣ ଜେନା, ଉପଜିଲ୍ଲାପାଳ ଅରୁଣ କୁମାର ନାୟକ, କେନ୍ଦ୍ରାପଡ଼ା ମୁନିସିପାଲିଟି ନିର୍ବାହୀ ଅଧିକାରୀ ଅଜିତ ନାରାୟଣ ଗିରି, ଜିଲ୍ଲା ସଂସ୍କୃତି ଅଧିକାରୀ ତ୍ରିଭୁବନ ଜୟସିଂ, ଡେପୁଟି ସିଇଓ ଓରମାସ ନିରୋଧ ଜେନା, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସୁଷମା ମହାନ୍ତି, ଜିଲ୍ଲା କୃଷି ଅଧିକାରୀ, ସୁରେଶ ଚନ୍ଦ୍ର ମଲ୍ଲିକ, ଜିଲ୍ଲା ମଙ୍ଗଳ ଅଧିକାରୀ ଅରବିନ୍ଦ ରୟ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବିଜୟ କେତନ ସାହୁ, ଜିଲ୍ଲା କ୍ରୀଡା ଅଧିକାରୀ ଲୋକନାଥ ପାଣିଗ୍ରାହୀ, ଡିପିସି ମିଶନ ଶକ୍ତି ଆରତୀ ସାହୁ, ସିଡିଭିଓ ମନୋଜ ପଟ୍ଟନାୟକ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଫକିର ମୋହନ ମାଝୀ, ଜିଲ୍ଲା ଶ୍ରମ ଅଧିକାରୀ ଅନନ୍ତ ପଦ୍ମନାଭ ମହମନସିଂ ସମେତ ଅନ୍ୟ ସମସ୍ତ ଲାଇନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ପ୍ରକାଶଥାଉ କି ପଲ୍ଲିଶ୍ରୀ ମେଳା, ଆତ୍ମ ନିର୍ଭର ସ୍ୱଦେଶ ମେଳା ଏବଂ ଜିଲ୍ଲା ମହୋତ୍ସବ ଆସନ୍ତା ୯ ଜାନୁଆରୀ ରୁ ୧୫ ତାରିଖ ପର୍ଯ୍ୟନ୍ତ କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ପଡିଆ ଠାରେ ଅନୁଷ୍ଠିତ ହେବ।





# ଭିଜିଲାନ୍ସ ପଞ୍ଝାରେ ଫରେଷ୍ଟ ରେଞ୍ଜର ରାଜେନ୍ଦ୍ର କୁମାର ସାମନ୍ତରାୟ

**ଜଗତସିଂହପୁର, ନ୍ୟୁଜ ବ୍ୟୁରୋ**

ଦୀର୍ଘ ବର୍ଷ ବର୍ଷ ଧରି କାଠ ମାଫିଆ, ଜଙ୍ଗଲ ମାଫିଆଙ୍କ ଠାରୁ ମୋଟା ଅଙ୍କର ଟଙ୍କା ଖାଇ ଆସୁଥିବା ଜଙ୍ଗଲ ଅଫିସର ଏବେ ଓଡ଼ିଶା ଭିଜିଲାନ୍ସ ଯନ୍ତାରେ ପଡିଛି। ସେ ଜଙ୍ଗଲ ଅଫିସର ହେଉଛନ୍ତି ରାହାମା ଫରେଷ୍ଟ ଡିଭିଜନ, ଜଗତସିଂହପୁର ର ରେଞ୍ଜର ରାଜେନ୍ଦ୍ର କୁମାର ସାମନ୍ତରାୟ । ରେଞ୍ଜର ବାବୁ ରାଜେନ୍ଦ୍ର ସାମନ୍ତରାୟ ଜଗତସିଂହପୁର ଜ଼ିଲ୍ଲାରେ ଥିବା ପ୍ରତ୍ୟେକ କାଠ ମିଲ୍ ଠାରୁ ମାସିକିଆ ଚାନ୍ଦା ନେଉଥିବା ଏବେ ଆଲୋଚନା ହେଉଥିବା ଶୁଣିବାକୁ ମିଳିଛି । ଓଡିଶା ଭିଜିଲାନ୍ସ କଟକ ଏକା ଦିନକେ ତାଙ୍କର ସରକାରୀ ଅଫିସ, ସରକାରୀ ବାସଗୃହ, ଜଗତସିଂହପୁର ଚାଟରାରେ ଥିବା ତିନି ମହଲା ବିଶିଷ୍ଟ ବାସଗୃହ, ନିଜଜନ୍ମ ସ୍ଥାନ ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ସାମନ୍ତରାପୁରରେ ଛାପା ମାରି ବହୁ ଆୟ ବହିର୍ଭୁତ ସମ୍ପତି ଠାବ କରିଛି । ଭିଜିଲାନ୍ସକୁ ରେଡ ବେଳେ ଜଗତସିଂହପୁର ଚାଟରା ଗ୍ରାମରେ ୫ ହଜାର ୫ ସହ ସ୍କୋୟାର ବର୍ଗଫୁଟର ତିନି ମହଲା ବିଶିଷ୍ଟ ବିଳାସପୂର୍ଣ୍ଣ କୋଠା, ନିଜ ଜନ୍ମ ସ୍ଥାନ ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ସାମନ୍ତରାପୁରରେ ୨ ହଜାର ୫ ସହ ସ୍କୋୟାର ଫୁଟର ଦୁଇ ମହଲା କୋଠା, ଜଗତସିଂହପୁର ଓ କଟକରେ ତିନୋଟି ଦାମୀ ପ୍ଲଟ, ପୋଷ୍ଟାଲ ଓ ବ୍ୟାଙ୍କରେ ୬୭ ଲକ୍ଷ୍ୟର ଡିପୋଜିଟ, ୨ସହ ଗ୍ରାମ୍ ସୁନା ଅଳଙ୍କାର, ଗୋଟିଏ ଚାରି ଚକିଆ ବୋଲୋରୋ ଗାଡି ଓ ଦୁଇଟି ଟୁ ହ୍ୱୀଲରକୁ ଭିଲିଲାନ୍ସ ଜବତ କରିଛି। ଏହା ବ୍ୟତୀତ ବହୁ ଦାମୀ ଆସବାବ ପତ୍ର ମଧ ଭିଜିଲାନ୍ସ ହାତରେ ଲାଗିଛି । ଯାହାକୁ ଟେକିନିକାଲ ଉଇଂସମାନେ ମୂଲ୍ୟ ଆକଳନ କରୁଛନ୍ତି। ୪/୬/ ୧୯୬୬ ରେ ଜନ୍ମ ଗ୍ରହଣ କରି ୧୯୮୫ ମସିହାରେ ସରକାରୀ ଚାକିରୀ ୧୫୦୦/-ଟଙ୍କା ଦରମାରେ ଆରମ୍ଭ କରିଥିଲେ । ପରବର୍ତ୍ତୀ ସମୟରେ ଚାକିରୀରେ ପଦୋନତି ପାଇବା ପରେ ରାଜେନ୍ଦ୍ର ସାମନ୍ତରାୟ ଆୟ ବହିର୍ଭୁତ ସମ୍ପତି ଠୁଳ କରିଥବା ବିଶେଷ ସୂତ୍ରରୁ ଖବର ପାଇ ସ୍ପେଶାଲ ଜଜ୍ ଭିଜିଲାନ୍ସ କଟକ ସର୍ଚ୍ଚ ୱାରେଣ୍ଟ ବଳରେ ରେଞ୍ଜ ଅଧିକାରୀ ରାଜେନ୍ଦ୍ର ସାମନ୍ତରାୟଙ୍କ ଘରକୁ ରେଡ କରାଯାଇଥିଲା, ମାତ୍ର ୧୫୦୦/-ଟଙ୍କାରେ ସରକାରୀ ଚାକିରୀ ଫରେଷ୍ଟର ଭାବେ ୨୬/୧୧/ ୧୯୮୫ ରେ ଯୋଗଦେଇ ଥିଲେ । ପରେ ପ୍ରମୋସନ ପାଇ ୧୫/୯/୨୦୨୧ରେ ଡେପୁଟି ରେଞ୍ଜର ଓ ପରେ ପୁନହଃ ପ୍ରମୋସନ ପାଇ ୩୧/୮/୨୦୨୩ରେ ରାହାମା ଫରେଷ୍ଟ ଡିଭିଜନର ରେଞ୍ଜର ହୋଇଥିଲେ। ଚାରି ଦଶନ୍ଧି ଧରି ରାଜେନ୍ଦ୍ର ସାମନ୍ତରାଏ ଜଗତସିଂହପୁର ଓ କେନ୍ଦ୍ରାପଡ଼ାରେ କାର୍ଯ୍ୟ କରି ଆସିଛନ୍ତି। ତାଙ୍କ କାର୍ଯ୍ୟ କଳାପ ଉପରେ ଓଡ଼ିଶା ଭିଜିଲାନ୍ସର ନଜର ପଡିଥିଲା।

# "ସରଗି ଫୁଲ୍" ପବିତ୍ରତାର ପ୍ରତୀକ : ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଉଦଯାପିତ ହୋଇଯାଇଛି ରାଜ୍ୟସ୍ତରୀୟ ସରଗି ଫୁଲ୍ ମହୋତ୍ସବ ୨୦୨୫। ଏହି ଅବସରରେ ମନ୍ତ୍ରୀ, ବିଦ୍ୟାଳୟ ଓ ଗଣଶିକ୍ଷା, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ, ପଛୁଆବର୍ଗ କଲ୍ୟାଣ ବିଭାଗ, ସାମାଜିକ କଲ୍ୟାଣ ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ନିତ୍ୟାନନ୍ଦ ଗଣ୍ଡ ଉପସ୍ଥିତ ରହି ଛାତ୍ରଛାତ୍ରୀମାନଙ୍କୁ ସମ୍ବୋଧିତ କରିଛନ୍ତି । ଉଦଯାପନୀ କାର୍ଯ୍ୟକ୍ରମରେ ବିଭାଗୀୟ ଆୟୁକ୍ତ ତଥା ଶାସନ ସଚିବ ବି. ପରମେଶ୍ୱରନ୍, ଅନୁସୂଚିତ ଜାତି ନିର୍ଦ୍ଦେଶକ ଲକ୍ଷ୍ମଣ ମଲ୍ଲିକ, ଓବିସି ନିର୍ଦ୍ଦେଶକ ଶ୍ରୀମତୀ ଯୁଗଳେଶ୍ୱରୀ ଦାଶ, ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ନିର୍ଦ୍ଦେଶକ ତଥା ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀର ମେମ୍ବର ସେକ୍ରେଟାରୀ ସୁଧାକର ଶବର , ସ୍ୱତନ୍ତ୍ର ଶାସନ ସଚିବ ଶ୍ରୀମତୀ ସୁଜାତା ମିଶ୍ର, ବିତ ପରାମର୍ଶଦାତା ତଥା ସ୍ୱତନ୍ତ୍ର ଶାସନ ସଚିବ ଶ୍ରୀମତୀ ବନିତା ଦାସ, ଅତିରିକ୍ତ ଶାସନ ସଚିବ ଦେବେନ୍ଦ୍ର କୁମାର ନନ୍ଦ, ପ୍ରମୁଖ ଉପସ୍ଥିତ ଥିଲେ। ଉଦଯାପନୀ ସନ୍ଧ୍ୟାରେ ଯୋଗ ଦେଇ ମନ୍ତ୍ରୀ ପିଲାମାନଙ୍କୁ ଉତ୍ସାହିତ କରିବା ସହ ସେମାନଙ୍କ ସଫଳ ଭବିଷ୍ୟତ କାମନା କରିଛନ୍ତି । ସେ କହିଛନ୍ତି, "ସରଗି ଫୁଲ୍" ପବିତ୍ରତାର ପ୍ରତୀକ। ପିଲାମାନଙ୍କ ମଧ୍ୟରେ ଥିବା ଲୁକ୍କାୟିତ ପ୍ରତିଭାର ଅନ୍ୱେଷଣର ସୁଯୋଗ ହେଉଛି ସରଗି ଫୁଲ୍ । ଏହି ଉତ୍ସବରେ ପିଲାମାନଙ୍କ ଅଂଶଗ୍ରହଣ ଏହାକୁ ଅଧିକ ପ୍ରାଣବନ୍ତ ଓ ଗରିମାମୟ କରିଛି ବୋଲି ସେ ମତପ୍ରକାଶ କରିଛନ୍ତି । ସେ ଏହା ମଧ କହିଛନ୍ତି, ବିଭାଗ ଅଧିନସ୍ଥ ବିଦ୍ୟାଳୟ ତଥା ଛାତ୍ରାବାସରେ ରହି ପାଠପଢୁଥିବା କୋମଳମତି ଛାତ୍ରଛାତ୍ରୀମାନଙ୍କ ପ୍ରତିଭାକୁ ସାର୍ବଜନୀନ କରିବା ଓ ସେମାନଙ୍କ ଦକ୍ଷତାକୁ ବିକଶିତ କରିବା ଏହି ଉତ୍ସବ ପାଳନର ଉଦ୍ଦେଶ୍ୟ । ଏଥିସହିତ ଏହି ସଫଳ ରାଜ୍ୟସ୍ତରୀୟ ଉତ୍ସବର ଆୟୋଜନ କରିଥିବାରୁ ବିଭାଗର ସମସ୍ତ ଅଧିକାରୀ ଓ କର୍ମକର୍ତ୍ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ବିଭାଗୀୟ ପ୍ରୟାସ ସମ୍ପର୍କରେ ସୂଚନା ଦେଇ ମନ୍ତ୍ରୀ ଶ୍ରୀ ଗଣ୍ଡ ସୂଚନା ଦେଇଛନ୍ତି ଯେ, ରାଜ୍ୟରେ ଡ୍ରପ୍ ଆଉଟ୍ ହାର ହ୍ରାସ କରିବା ପାଇଁ ରାଜ୍ୟସରକାରଙ୍କ ପ୍ରୟାସରେ ମାଧୋ ସିଂ ହାତ ଖର୍ଚ୍ଚ ଯୋଜନା ମାଧ୍ୟମରେ ଛାତ୍ରଛାତ୍ରୀଙ୍କୁ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଉଛି । ଏଥିସହ ଚାଇଲ୍ଡ ଟ୍ରାକିଂ ସର୍ଭେ ଓ ଆସ ସ୍କୁଲ ଯିବା ପ୍ରୟାସ ମାଧ୍ୟମରେ ଅଧାରୁ ପାଠ ଛାଡିଥିବା ପିଲାମାନଙ୍କୁ ପୁଣିଥରେ ବିଦ୍ୟାଳୟକୁ ଫେରାଇ ଅଣାଯାଉଛି । ଏହି କାର୍ଯ୍ୟକ୍ରମକୁ ସଫଳ କରିବାରେ ସମସ୍ତଙ୍କ ସମ୍ମିଳିତ ପ୍ରୟାସର ଆବଶ୍ୟକତା ରହିଥିବା ମନ୍ତ୍ରୀ ସୂଚନା ଦେଇଛନ୍ତି । ସୂଚନାଯୋଗ୍ୟ, ତିନିଦିନବ୍ୟାପୀ ଏହି କାର୍ଯ୍ୟକ୍ରମରେ ୧୧୬୦ ଛାତ୍ରଛାତ୍ରୀ ଓ ଶିକ୍ଷକ-ଶିକ୍ଷୟିତ୍ରୀଙ୍କୁ ନେଇ ୨୨ ଟି ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। ଏହି ପ୍ରତିଯୋଗିତାରେ କୃତି ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରିଛନ୍ତି ମୁଖ୍ୟ ଅତିଥି । ଏଥିସହ ୫ ଟି ଶ୍ରେଷ୍ଠ ପ୍ରଦର୍ଶନକାରୀ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟକୁ ମଧ ସମ୍ମାନିତ କରାଯାଇଥିବା ବେଳେ ଏକଲବ୍ୟ ବିଦ୍ୟାଳୟର ସିବିଏସଇ ବୋର୍ଡ଼ ପରୀକ୍ଷାରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ୧୦ ଜଣ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଛି । ଏଥିସହ ବିଭାଗ ଅଧିନରେ ଥିବା ୫୦ ଟି ଶ୍ରେଷ୍ଠ ଉଚ୍ଚ ବିଦ୍ୟାଳୟ, ୧୦ ଟି ଶ୍ରେଷ୍ଠ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ସମ୍ମାନିତ କରାଯାଇଛି ।

# କାନ୍ତକବି ଲକ୍ଷ୍ମୀକାନ୍ତ ଓଡ଼ିଆ ସାହିତ୍ୟରେ ଜଣେ ଅବିସ୍ମରଣୀୟ ପ୍ରତିଭା

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**



କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର ଓଡ଼ିଆ ସାହିତ୍ୟର ଆଦି ଓ ଆଧୁନିକପର୍ବର ହେଉଛନ୍ତି ଯଥାର୍ଥରେ ସଂଯୋଗ ସେତୁ। ଦୀର୍ଘ ଅର୍ଦ୍ଧଶତାବ୍ଦୀ ବ୍ୟାପୀ ଜୀବନର ନାନା ସଂଘାତ ଓ ବ୍ୟାଧୀର ପୀଡ଼ନ ମଧ୍ୟରେ ଜୀବନ କଟାଇ ସେ ସାରସ୍ୱତ ସାଧନାରୁ ବିରତ ହୋଇ ନାହାନ୍ତି। ସେ ଏକାଧାରରେ ଜଣେ କବି, ଗାଳ୍ପିକ, ଔପନ୍ୟାସିକ, ଶିଶୁ ସାହିତ୍ୟିକ, ପ୍ରାବନ୍ଧିକ ଓ ନାଟ୍ୟକାର ଭାବରେ ପ୍ରତିଷ୍ଠା ଅର୍ଜନ କରି ପାରିଛନ୍ତି ବୋଲି ବକ୍ତାମାନେ ମତପ୍ରକାଶ କରିଛନ୍ତି। 'ଓଡ଼ିଶା ଲେଖକ ସମବାୟ ସମିତି' ଆନୁକୂଲ୍ୟରେ ଆୟୋଜିତ ମାସିକ ସାହିତ୍ୟ ଆଲୋଚନାଚକ୍ରରେ ସମିତିର ସଭାପତି ପୀତବାସ ରାଉତରାୟଙ୍କ ଅଧ୍ୟକ୍ଷତାରେ ଭାଗ ନେଇ ମନୋଜ କୁମାର ଜେନା କହିଲେ ଯେ କାନ୍ତକବିଙ୍କ ସାରସ୍ୱତ ପ୍ରତିଭା ହାସ୍ୟ ଓ କରୁଣରସର ପ୍ରବାହ ଦେଇ ଜୀବନର ଶାଶ୍ୱତ ଦିଗ ଉନ୍ମୋଚିତ କରିଛି। ଡ. ଆରତି କର କାନ୍ତକବିଙ୍କ ଅବଦାନକୁ ଉଲ୍ଲେଖ କରି କହିଲେ ଯେ କେତେବେଳେ ତାଙ୍କର କବିତା ଜୀବନର ସାମସଙ୍ଗୀତ ଶୁଣାଇଛି ପୁଣି କେତେବେଳେ ହାସ୍ୟୋଜ୍ଜ୍ୱଳ ପରିବେଶକୁ ପ୍ରକାଶ କରିଛି। କେତେବେଳେ ରୂପ ନେଇଛି ଗୁରୁଗମ୍ଭୀର ଭାବକୁ। ଗଳ୍ପ ଓ ଉପନ୍ୟାସରେ ସେଇ ପ୍ରତିଭା ଜୀବନର ସତ୍ୟକୁ ଖୋଜିଛି। ଏହି ସଭାରେ କାନ୍ତକବିଙ୍କ ବହୁ ପ୍ରଚାରିତ ଉପନ୍ୟାସ 'କଣାମାମୁ', ଦେଶାତ୍ମବୋଧ କବିତା 'ବନ୍ଦେ ଉତ୍କଳ ଜନନୀ', ଗଳ୍ପ 'ବୁଢ଼ା ଶଂଖାରୀ' ଉପରେ ବିଶେଷ ଆଲୋଚନା ଉପସଭାନେତ୍ରୀ ଡ. ପ୍ରେମଲତା ଦେବୀ କହିଥିଲେ ଓ ତାଙ୍କ ଦ୍ୱାରା ପ୍ରତିଷ୍ଠିତ ପତ୍ରିକା 'ଡଗର' ଓ ତାଙ୍କ ରଚିତ ହାସ୍ୟ ବ୍ୟଙ୍ଗ ସାହିତ୍ୟ ଉପରେ ସଭାପତି ଆଲୋକପାତ କରିଥିଲେ। ସଭାରେ ଆଲୋଚନାରେ ଭାଗ ନେଇଥିଲେ ମିନତୀ ଷଡ଼ଙ୍ଗୀ, ଡ. ସିଦ୍ଧାର୍ଥ କାନୁନ୍ଗୋ, ବିରଜା ପ୍ରସାଦ ଶତପଥୀ, ଅଶୋକ କୁମାର ଦାଶ ଓ କୃଷ୍ଣ ମହାପାତ୍ର। ସମିତିର ବରିଷ୍ଠ ସଭ୍ୟ ଅମୀୟ କୁମାର ପଟ୍ଟନାୟକ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ସମବାୟ ପ୍ରକୋଷ୍ଠର ନୂତନ ଅଧ୍ୟକ୍ଷ ଭାବେ ନିଯୁକ୍ତି ମିଳିଥିବାରୁ ତାଙ୍କୁ ସମିତି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଭା ପ୍ରାରମ୍ଭରେ ସ୍ୱାଗତ ଭାଷଣ ଦେଇଥିଲେ ପରିଚାଳକ ରମାକାନ୍ତ ମିଶ୍ର ଓ ଧନ୍ୟବାଦ ଅର୍ପଣ କରିଥିଲେ ସମ୍ପାଦକ ସୁକାନ୍ତ ପ୍ରଧାନ।

# ୮୨ଟି ପାର୍କ ମଧ୍ୟରେ "ମଧୁକୁଞ୍ଜ" ନବୀକରଣ କାର୍ଯ୍ୟର ଶୁଭ ଉଦ୍ଘାଟନ କଲେ ମେୟର

**କଟକ, ନ୍ୟୁଜ ବ୍ୟୁରୋ**



ଶନିବାର ସକାଳ ୧୦ ଘଟିକାରେ କଟକ ମେୟର ସୁବାସ ସିଂହ, ସି.ଏମ.ସି କମିଶନର କିରଣଦୀପ କୌର ସହୋତା, ଷ୍ଟାଣ୍ଡିଙ୍ଗ କମିଟି ଅଧ୍ୟକ୍ଷ, ଅଧ୍ୟକ୍ଷା ଏବଂ କର୍ପୋରେଟରଙ୍କୁ ସାଥିରେ ଧରି ବିଜୁ ପଟ୍ଟନାୟକ ଛକ ନିକଟସ୍ଥ ମଧୁକୁଞ୍ଜ ପାର୍କ ନବୀକରଣ କାର୍ଯ୍ୟର ଶୁଭ ଉଦ୍ଘାଟନ କରିଥିଲେ। ଏହା ଏପରି ଏକ ଗୁରୁତ୍ୱପୂର୍ଣ୍ଣ ଜାଗା ଯୋଉଠି ସକାଳୁ -ସନ୍ଧ୍ୟା, ୫୦୦ରୁ ଅଧିକ ଲୋକଙ୍କ ସମାଗମ ହୁଏ । ଏହି ପାର୍କର କାର୍ଯ୍ୟ ଯେପରି ନିର୍ଦ୍ଧାରିତ ସମୟ ମଧ୍ୟରେ ଶେଷହେବ ସେଥିପାଇଁ ମେୟର ଏବଂ କମିଶନର ବହୁ ଥର ନିର୍ମାଣ କାମ ଚାଲିଥିବା ସମୟରେ ପରିଦର୍ଶନ କରିଥିଲେ । ଏହି ମୋଡେଲ ପାର୍କରେ ଜନସାଧାରଣଙ୍କ ବସିବା ନିମନ୍ତେ ସିଟର ବ୍ୟବସ୍ଥା, ସନ୍ଧ୍ୟା ସମୟରେ ପରଜ୍ୟାପ୍ତ ଲାଇଟ୍ ଆରେଞ୍ଜମେଣ୍ଟ, ଯୋଗ କେନ୍ଦ୍ର, ବାଥରୁମ୍, ଜୀମ ଭଳି ସମସ୍ତ ସୁବିଧା ରଖାଯାଇଛି । ଏହା ଛଡା ଛୋଟ ଛୋଟ ପିଲାଙ୍କ ନିମନ୍ତେ ଖେଳ ଉପକରଣର ବ୍ୟବସ୍ଥା କରାଯଇଅଛି ଏହି ମଡେଲ ପାର୍କଟି କାର୍ଯ୍ୟକାରି ହେଲେ ଦୈନିକ ପ୍ରାୟ ୨ ହଜାର ଲୋକ ଏହି ପାର୍କକୁ ଆସିବାକୁ ଆଶା ଅଛି । ଏହି ଅବସରରେ କଟକ ମେୟର ସୁବାସବ ସିଂହଙ୍କ ସହିତସି.ଏମ.ସି କମିଶନର କିରଣଦୀପ କୌର ସହୋତା, ଷ୍ଟାଣ୍ଡିଙ୍ଗ କମିଟି ଅଧ୍ୟକ୍ଷା ମୋନାଲିଶା ଦାସ, ଅଧ୍ୟକ୍ଷ ପ୍ରଦୀପ୍ତ ଖୁଣ୍ଟିଆ, ସ୍ଥାନୀୟ କର୍ପୋରେଟର ଲକ୍ଷ୍ମୀପ୍ରିୟା ବେହେରା, ଅବସରପ୍ରାପ୍ତ ତହସିଲଦାର ଲକ୍ଷ୍ମୀଧର ନାଥ, ଡ. ମହମଦ ହସସନ ଖାନ, କବିନ୍ଦ୍ର କୁମାର ମିଶ୍ର, ଚନ୍ଦନା ଖିଲାର, ବିଜୟଲକ୍ଷ୍ମୀ ପଣ୍ଡା,ଆଇନଜୀବୀ ହରିହର ନାୟକ, ଚଳଚିତ୍ର ନିର୍ଦ୍ଦେଶକ ବସନ୍ତ ସାହୁ, ସମାଜର ପୂର୍ବତନ ଅଧ୍ୟକ୍ଷ ଡ. ପ୍ରମୋଦ ମହାପାତ୍ର, ପୂର୍ବତନ କର୍ପୋରେଟର ରମଜାନ ଖାନ, ୱାର୍ଡ ସଭାପତି ଚିତ୍ତ ରଞ୍ଜନ ସାମନ୍ତରାୟ, ସୁବାସ ରାଉତ, ଦିଲ୍ଲୀପ ସ୍ୱାଇଁ, ଅଯୋଧ୍ୟା ନାଥ ସାହୁ, ଶରତ ସାହୁ, ରମାକାନ୍ତ ବେହେରା, ପ୍ରମୋଦ ମହାନ୍ତି, ରୀତା ସାହୁ, କଦମବନି ବେହେରା, ଚନ୍ଦ୍ରାବତୀ ସହୁ, ରିତା ଦତ୍ତ, ପୁଷ୍ପ ସାହୁ, ରଶ୍ମି ଦାସ, ନବକୃଷ୍ଣ ମିଶ୍ର, ସୁବାସିସ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### କଂଗ୍ରେସର ଦଶନ୍ଧି ...

ଲୋକମାନଙ୍କୁ ସେମାନଙ୍କର ମୋବାଇଲ୍ ଫୋନ୍ ଟର୍ଚ୍ଚଲାଇଟ୍ ଜାଳି ଏହି ଉତ୍ସବରେ ଅଂଶଗ୍ରହଣ କରିବାକୁ ଅନୁରୋଧ କରିଥିଲେ।

ତା'ପରେ ପ୍ରଧାନମନ୍ତ୍ରୀ ବିମାନବନ୍ଦରରୁ ବଶିଷ୍ଟରେ ବିଜେପି କାର୍ଯ୍ୟାଳୟ ପର୍ଯ୍ୟନ୍ତ ଏକ ରୋଡ୍ ଶୋ'ରେ ଅଂଶଗ୍ରହଣ କରିଥିଲେ। ପ୍ରଧାନମନ୍ତ୍ରୀଙ୍କୁ ସ୍ୱାଗତ କରିବା ପାଇଁ ରାସ୍ତାର ଉଭୟ ପାର୍ଶ୍ୱରେ ଲୋକଙ୍କ ଏକ ବଡ଼ ଭିଡ଼ ଜମିଥିଲା, ଯାହା ସମଗ୍ର ଅଞ୍ଚଳରେ ଉତ୍ସାହର ପରିବେଶ ସୃଷ୍ଟି କରିଥିଲା।

### ସାର୍ବଜନିନ ପରିବହନ...

କରିବା ସହ ମହିଳା ଆଜିବିକାକୁ ପ୍ରୋତ୍ସାହନ ଦେଉଛନ୍ତି , ଟିକେଟ୍ ଦର ପୁନଃନିର୍ଦ୍ଧାରଣ ଓ ଯାତ୍ରୀ ରିହାତି, ସହଜତା ଓ ଆର୍ଥିକ ସ୍ଥାୟୀତ୍ୱ ମଧ୍ୟରେ ସମତୁଳନ ରଖିବା ପାଇଁ ଏବଂ ଛାତ୍ରଛାତ୍ରୀଙ୍କ ପାଇଁ ମାଗଣା ବସ୍ ଯାତ୍ରା ଜାରି ରଖିବା, ଯାହା ଶିକ୍ଷା ଓ ଗତିଶୀଳତାରେ ସମାନ ସୁଯୋଗ ପ୍ରତି ରାଜ୍ୟ ସରକାରଙ୍କ ଦୃଢ଼ ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ।

ସଂସ୍ଥାଗତ ବ୍ୟବସ୍ଥାର ପୁନଃସଂରଚନା, ସମନ୍ୱୟ, ନିରୀକ୍ଷଣ ଓ ଦାୟିତ୍ୱବୋଧ ସୁଦୃଢ଼ କରିବା, ବସ୍ ରୁଟ୍ ଗୁଡ଼ିକର ଯୁକ୍ତିସଂଗତ ପୁନର୍ବ୍ୟବସ୍ଥା, ଆବରଣ ବୃଦ୍ଧି, ପୁନରାବୃତ୍ତି କମାଇବା ଓ ପ୍ରଚଳନ କ୍ଷମତା ଉନ୍ନତ କରିବା ଏବଂ ପିପିପି ଅପରେଟରମାନଙ୍କ ପାଇଁ ଜିସିସି ଦର ପୁନଃନିର୍ଦ୍ଧାରଣ ଉପରେ ମଧ ଆଲୋଚନା କରାଯାଇଥିଲା।

ବୈଠକରେ ଅଧ୍ୟକ୍ଷତା କରି ପ୍ରମୁଖ ସଚିବ ଶ୍ରୀମତୀ ପାଢ଼ୀ ଜିଲ୍ଲାସ୍ତରରୁ ଆସୁଥିବା ପ୍ରସ୍ତାବ ଆଧାରରେ ବସ୍ ରୁଟ୍ ଗୁଡ଼ିକୁ ପୁନଃସଂଗଠିତ କରି ବିଦ୍ୟାଳୟ, ଚିକିତ୍ସାଳୟ ଓ ଅନ୍ୟାନ୍ୟ ଆବଶ୍ୟକ ସାର୍ବଜନିକ ସଂସ୍ଥା ସହ ସଂଯୋଗ ସୁଦୃଢ଼ କରିବା ଉପରେ ଜୋର ଦେଇଥିଲେ। ସେ ମିଶନ ଶକ୍ତି ଓ ମହିଳା ଏସ୍‌ଏଚ୍‌ଜିଙ୍କ ଅଧିକ ସକ୍ରିୟ ସଂଲଗ୍ନତା ଉପରେ ମଧ ଗୁରୁତ୍ୱ ଦେଇ, ମୁଖ୍ୟମନ୍ତ୍ରୀ ବସ୍ ସେବା ଓଡ଼ିଶାର ସହଜ, ସୁରକ୍ଷିତ ଓ ସ୍ଥାୟୀ ସାର୍ବଜନିକ ପରିବହନ ଦୃଷ୍ଟିକୋଣର ଏକ ମୁଖ୍ୟ ଆଧାର ବୋଲି କହିଥିଲେ।

ମୁଖ୍ୟମନ୍ତ୍ରୀ ବସ୍ ସେବାର କାର୍ଯ୍ୟଦକ୍ଷତା ଓ ଆଗାମୀ କାର୍ଯ୍ୟଯୋଜନା ଉପରେ ସମୀକ୍ଷା କରାଯାଇ, ସାର୍ବଜନିନ ପରିବହନକୁ ନିର୍ଭରଯୋଗ୍ୟ, ସାମାବେଶୀ ଓ ଲୋକକୈନ୍ଦ୍ରିକ ଗତିଶୀଳତା ସମାଧାନ ଭାବେ ସୁଦୃଢ଼ କରିବା ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା।

ଏହି ବୈଠକରେ ସୌମେନ୍ଦ୍ର ପ୍ରିୟଦର୍ଶୀ, ଏଡିଜି, ଓପିଏଚ୍ ଏବଂ ଡବ୍ଲ୍ୟୁସି, ଅମିତାଭ ଠାକୁର, ପରିବହନ ଆୟୁକ୍ତ ଏନ୍‌ବିଏସ୍ ରାଜପୁତ, ସିଏମ୍‌ଡି, ଓଏସ୍‌ଆରଟିସି, ଗିରିଶ ଏସ.ଏନ କମିଶନର-କମ୍-ସଚିବ, ମିଶନ ଶକ୍ତି ବିଭାଗ ଏବଂ ସଞ୍ଜୟ ବିଶ୍ୱାଳ, ଜିଏମ୍ , ଓଏସ୍ ଆରଟିସିଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

ବୈଠକର ଶେଷରେ ଚିହ୍ନଟ ସଂସ୍କାରଗୁଡ଼ିକୁ ତ୍ୱରିତ କାର୍ଯ୍ୟାନ୍ୱୟନ କରିବା ଓ ରାଜ୍ୟ ଏବଂ କ୍ଷେତ୍ରସ୍ତରରେ ସମନ୍ୱିତ ପ୍ରୟାସ ନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା, ଯାହା ଦ୍ୱାରା ସାରା ଓଡ଼ିଶାରେ ମୁଖ୍ୟମନ୍ତ୍ରୀ ବସ୍ ସେବାର ପ୍ରଭାବ ଅଧିକ ସୁଦୃଢ଼ ହେବ।

### ପ୍ରଦୂଷଣ ପ୍ରମାଣପତ୍ର ...

ପେଟ୍ରୋଲ, ଡିଜେଲ। ପେଟ୍ରୋଲ ପମ୍ପଗୁଡ଼ିକରେ ଇନ୍ଧନ ଭରିବା ସମୟରେ ପ୍ରଦୂଷଣ ପ୍ରମାଣପତ୍ର ଯାଞ୍ଚ ହେବ। ପରିବହନ କ୍ଷେତ୍ରରେ ପରିବେଶ ସୁରକ୍ଷାକୁ ଦୃଷ୍ଟିରେ ରଖି ରାଜ୍ୟ ପରିବହନ ପ୍ରାଧିକରଣ ସଂସ୍ଥା (ଏସଟିଏ) ପକ୍ଷରୁ ଏଭଳି ପଦକ୍ଷେପ ନିଆଯାଇଛି। ଯାହାଫଳରେ ମୋଟର ଯାନ ନିୟମ ଉଲ୍ଲଂଘନ କରି ପ୍ରଦୂଷଣ କରୁଥିବା ଯାନଗୁଡ଼ିକ ଉପରେ ଅଙ୍କୁଶ ଲଗାଯାଇ ପାରିବ ବୋଲି ଏସଟିଏ ଆଶା ରଖିଛି।

### ୧୮ ମାଓବାଦୀଙ୍କ...

ଲଗାଯାଇଛି। ଲଗାଯାଇଥିବା ପୋଷ୍ଟରରେ ମାଓବାଦୀମାନଙ୍କ ନାମ, ଫଟୋ ଏବଂ କେଉଁ ମାଓବାଦୀଙ୍କ ପାଇଁ କେତେ ଟଙ୍କାର ପୁରସ୍କାର ରହିଛି ତାହା ଉଲ୍ଲେଖ କରାଯାଇଛି। ଏହା ସହିତ ମାଓବାଦୀ ଆତ୍ମସମର୍ପଣ କଲେ ସେମାନଙ୍କୁ କ'ଣ ସୁବିଧା ମିଳିବ ତାହା ବି ପୋଷ୍ଟରରେ ଲେଖାଯାଇଛି। ଏ ସମ୍ପର୍କିତ ସୂଚନା ଦେବା ଲାଗି ମୋବାଇଲ ନମ୍ବର-୯୪୩୭୬୭୩୮୩୯ରେ ଯୋଗାଯୋଗ କରାଯିବାକୁ କୁହାଯାଇଛି। ସୂଚନାଦାତାଙ୍କ ନାମ ଗୋପନ ରଖାଯିବ ବୋଲି ଅବଗତ କରାଯାଇଛି।

### ଗରିବଙ୍କ ଅଧିକାର ...

ଆକ୍ରମଣର ମୁକାବିଲା କରିବାକୁ ଆମେ ସମସ୍ତେ ପ୍ରସ୍ତୁତ। କୋଡ଼ିଏ ବର୍ଷ ପୂର୍ବେ, ମୁଁ ମଧ ମୋର ଗରିବ ଭାଇଭଉଣୀମାନଙ୍କ ପାଇଁ ନିଯୁକ୍ତିର ଅଧିକାର ସୁରକ୍ଷିତ କରିବା ପାଇଁ ଲଢ଼ିଥିଲି। ଆଜି, ମୁଁ ଏହି କଳା ଆଇନ ବିରୁଦ୍ଧରେ ଲଢ଼ିବାକୁ ପ୍ରତିବଦ୍ଧ।

### ଅବତରଣ କରିପାରିଲାନି ...

ଅଭିମୁଖେ ଯାତ୍ରା କରିଥିଲେ। ସେଠାରେ ସେ ପଶ୍ଚିମବଙ୍ଗରେ ରାଜପଥ ପ୍ରକଳ୍ପର ଶୁଭାରମ୍ଭ କରିବା ପାଇଁ ଏକ ପ୍ରଶାସନିକ କାର୍ଯ୍ୟକ୍ରମ ଆୟୋଜନ କରିବାର କାର୍ଯ୍ୟକ୍ରମ ରହିଥିଲା। ଏହା ପରେ ବିଜେପିର ଏକ ରାଜନୈତିକ ରାଲି ପରିବର୍ତ୍ତନ ସଂକଳ୍ପ ସଭାକୁ ସେ ସମ୍ବୋଧିତ କରିବାର କାର୍ଯ୍ୟକ୍ରମ ଥିଲା।

# ବେଦାନ୍ତ ଆଲୁମିନିୟମ ପକ୍ଷରୁ ଝାରସୁଗୁଡାରେ ପ୍ଲାଷ୍ଟିକ-ମୁକ୍ତ ସଚେତନତା ଅଭିଯାନ



**ଝାରସୁଗୁଡା, ନ୍ୟୁଜ ବ୍ୟୁରୋ**

ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ, ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଂଚଳିକ କାର୍ଯ୍ୟାଳୟ ସହିତ ମିଳିତ ଭାବରେ, ଝାରସୁଗୁଡାର ସବୁଠାରୁ ଲୋକପ୍ରିୟ ପର୍ଯ୍ୟଟନ ସ୍ଥଳ ମଧ୍ୟରୁ ଗୋଟିଏ କୋଇଲିଘୁଘର ଜଳପ୍ରପାତରେ 'ପ୍ଲାଷ୍ଟିକ-ମୁକ୍ତ ପିକନିକ୍ ସ୍ପଟ୍' ଅଭିଯାନ ଅଧୀନରେ ଏକ ପ୍ରଭାବଶାଳୀ ସଚେତନତା ଅଭିଯାନ ଆୟୋଜନ କରିଥିଲା। ଏହି ପଦକ୍ଷେପର ଲକ୍ଷ୍ୟ ଥିଲା ପରିବେଶଗତ ପରିଚାଳନାକୁ ପ୍ରୋତ୍ସାହିତ କରିବା ଏବଂ ସମ୍ପ୍ରଦାୟର ସଦସ୍ୟମାନଙ୍କ ମଧ୍ୟରେ ସ୍ଥାୟୀ ଅଭ୍ୟାସକୁ ଉତ୍ସାହିତ କରିବା ପାଇଁ କମ୍ପାନୀର ପ୍ରତିବଦ୍ଧତାକୁ ସୁଦୃଢ଼ କରିବା।

ଏକକ-ବ୍ୟବହାର ପ୍ଲାଷ୍ଟିକକୁ ଦୂର କରିବା ପାଇଁ ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶ ସହିତ ସମନ୍ୱିତ, କାର୍ଯ୍ୟକ୍ରମରେ ସ୍ଥାନରୁ ପ୍ଲାଷ୍ଟିକ ଆବର୍ଜନା ଅପସାରଣ କରିବା ଏବଂ ଦାୟିତ୍ୱପୂର୍ଣ୍ଣ ବର୍ଜ୍ୟବସ୍ତୁ ପରିଚାଳନା ଉପରେ ପରିଦର୍ଶକମାନଙ୍କୁ ସଚେତନ କରିବା ପାଇଁ ଏକ ବଡ଼ ପରିମାଣର ସ୍ୱଚ୍ଛତା ଅଭିଯାନ ପ୍ରଦର୍ଶିତ ହୋଇଥିଲା। ଛାତ୍ରଛାତ୍ରୀମାନେ ପାରସ୍ପରିକ ପ୍ରତିଯୋଗିତା, ସାଂସ୍କୃତିକ ପ୍ରଦର୍ଶନ ଏବଂ ଜଙ୍ଗଲ, ଜଳାଶୟ ଏବଂ ବନ୍ୟପ୍ରାଣୀ ଉପରେ ପ୍ଲାଷ୍ଟିକ୍ ପ୍ରଦୂଷଣର ଦୀର୍ଘକାଳୀନ ପରିବେଶଗତ ପ୍ରଭାବ ଉପରେ ଆଲୋକପାତ କରି ଏକ ନୁକ୍କଡନାଟକ ମାଧ୍ୟମରେ ସକ୍ରିୟ ଭାବରେ ଜଡିତ ହୋଇଥିଲେ।

ଏହି କାର୍ଯ୍ୟକ୍ରମରେ ପାଂଚଟି ବିଦ୍ୟାଳୟର ପ୍ରତିନିଧିତ୍ୱ କରୁଥିବା ୧୨୦ ଜଣ ଛାତ୍ରଛାତ୍ରୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା ଏବଂ କର୍ମଚାରୀ ସ୍ୱେଚ୍ଛାସେବକଙ୍କ ଉତ୍ସାହପୂର୍ଣ୍ଣ ଅଂଶଗ୍ରହଣ ଦେଖିବାକୁ ମିଳିଥିଲା। ଏଥିରେ କୁନାଲ ମୋତିରାମ ଚଭନ (କଲେକ୍ଟର ଏବଂ ଜିଲ୍ଲା ମାଜିଷ୍ଟ୍ରେଟ୍, ଝାରସୁଗୁଡା), ମନୁ ଅଶୋକ ଭଟ୍ (ଡିଏଫଓ, ଝାରସୁଗୁଡା), ଏବଂ ହିରଣ୍ୟ କୁମାର ନାୟକ (ଆଂଚଳିକ ଅଧିକାରୀ, ଓଏସପିସିବି)ଙ୍କ ସମେତ ବିଶିଷ୍ଟ ବ୍ୟକ୍ତିମାନେ ଯୋଗ ଦେଇଥିଲେ । ଅଂଶଗ୍ରହଣକାରୀମାନେ ପରିବେଶ ଅନୁକୂଳ ଅଭ୍ୟାସ ଗ୍ରହଣ କରିବା, ପ୍ଲାଷ୍ଟିକ୍ ବ୍ୟବହାର ହ୍ରାସ କରିବା ଏବଂ ସାର୍ବଜନୀନ ସ୍ଥାନରେ ପ୍ଲାଷ୍ଟିକ୍ ମୁକ୍ତ ଆଚରଣକୁ ପ୍ରୋତ୍ସାହିତ କରିବା ପାଇଁ ପ୍ରତିଜ୍ଞା କରିଥିଲେ। ଏହା ପରେ ଏକ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ଛାତ୍ର, ଏସଏଚଜି ସଦସ୍ୟ ଏବଂ ସ୍ୱେଚ୍ଛାସେବକମାନଙ୍କୁ ସେମାନଙ୍କର ଅବଦାନ ପାଇଁ ସମ୍ମାନିତ କରାଯାଇଥିଲା।

ଏହି ପ୍ରୟାସ ବିଷୟରେ ବେଦାନ୍ତ ଝାରସୁଗୁଡାର ସିଇଓ ସି ଚନ୍ଦ୍ରୁ କହିଛନ୍ତି, "ବେଦାନ୍ତରେ, ଆମେ ସ୍ଥାୟୀତ୍ୱକୁ ଧ୍ୟାନର ଏକ ପ୍ରମୁଖ କ୍ଷେତ୍ର ଭାବରେ ଦେଖୁ, ଯାହା ଭୂମିରେ ନିର୍ଣ୍ଣାୟକ କାର୍ଯ୍ୟରେ ଦୃଢ଼ ଭାବରେ ନିହିତ। କୋଇଲିଘୁଘର ଜଳପ୍ରପାତ ପରି ପ୍ରାକୃତିକ ସ୍ଥାନଗୁଡ଼ିକର ସଂରକ୍ଷଣ ପାଇଁ ଜନସଚେତନତା, ଅଂଶଗ୍ରହଣ ଏବଂ ଦୀର୍ଘକାଳୀନ ଆଚରଣଗତ ପରିବର୍ତ୍ତନ ଆବଶ୍ୟକ। 'ପ୍ଲାଷ୍ଟିକ-ମୁକ୍ତ ପିକନିକ୍ ସ୍ପଟ୍ -୨୦୨୫' ଭଳି ପଦକ୍ଷେପଗୁଡ଼ିକୁ ସମର୍ଥନ କରି, ଆମେ ପରିବେଶ ସଂରକ୍ଷଣରେ ସ୍ଥାନୀୟ ସମ୍ପ୍ରଦାୟ ସହିତ ସକ୍ରିୟ ଭାବରେ ଜଡିତ ହୋଇ ପ୍ଲାଷ୍ଟିକ୍ ପ୍ରଦୂଷଣ ହ୍ରାସ କରିବାର ସମାନ ଦୃଷ୍ଟିକୋଣ ହାସଲ କରିବାକୁ ଲକ୍ଷ୍ୟ ରଖିଛୁ।"

ଝାରସୁଗୁଡାର କଲେକ୍ଟର ଏବଂ ଜିଲ୍ଲା ମାଜିଷ୍ଟ୍ରେଟ୍ କୁନାଲ ମୋତିରାମ ଚଭନ କହିଛନ୍ତି, "ଛାତ୍ର, ସ୍ଥାନୀୟ ସମ୍ପ୍ରଦାୟ ଏବଂ ବେଦାନ୍ତ କର୍ମଚାରୀଙ୍କ ସକ୍ରିୟ ଅଂଶଗ୍ରହଣ ଆମ ପରିବେଶ ସୁରକ୍ଷାରେ ସାମୂହିକ କାର୍ଯ୍ୟର ଶକ୍ତି ପ୍ରଦର୍ଶନ କରେ। ଏହିପରି ପଦକ୍ଷେପଗୁଡ଼ିକ ଭବିଷ୍ୟତ ପିଢ଼ି ପାଇଁ ଏକକ-ବ୍ୟବହୃତ ପ୍ଲାଷ୍ଟିକ୍ ହ୍ରାସ କରିବା ଏବଂ ଝାରସୁଗୁଡ଼ାର ପ୍ରାକୃତିକ ଭୂଦୃଶ୍ୟ ସଂରକ୍ଷଣ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।"

ପରିବେଶ-ଅନୁକୂଳ ଅଭ୍ୟାସଗୁଡ଼ିକୁ ପ୍ରୋତ୍ସାହିତ କରି, ପ୍ଲାଷ୍ଟିକ୍ ଅପଚୟ ହ୍ରାସ କରି ଏବଂ ପ୍ରାକୃତିକ ପରିସଂସ୍ଥାକୁ ସୁରକ୍ଷା ଦେବା ବିଷୟରେ ସଚେତନତା ବୃଦ୍ଧି କରି, ବେଦାନ୍ତ ଆଲୁମିନିୟମ୍ ସମ୍ପ୍ରଦାୟ ଏବଂ ଭବିଷ୍ୟତ ପିଢ଼ି ପାଇଁ ପରିବେଶ ସଂରକ୍ଷଣରେ ପରିବର୍ତ୍ତନକାରୀ ପ୍ରୟାସର ନେତୃତ୍ୱ ନେଇ ଚାଲିଛି।

ବେଦାନ୍ତ ଲିମିଟେଡର ଏକ ବ୍ୟବସାୟ, ବେଦାନ୍ତ ଆଲୁମିନିୟମ୍, ଭାରତର ସର୍ବବୃହତ ଆଲୁମିନିୟମ୍ ଉତ୍ପାଦକ, ଯାହା ଆର୍ଥିକ ବର୍ଷ ୨୫ ମସିହାରେ ଭାରତର ଅଧାରୁ ଅଧିକ ଅର୍ଥାତ୍ ୨.୪୨ ନିୟୁତ ଟନ୍ ଆଲୁମିନିୟମ୍ ଉତ୍ପାଦନ କରିଛି। ଏହା ମୂଲ୍ୟଯୁକ୍ତ ଆଲୁମିନିୟମ୍ ଉତ୍ପାଦରେ ଏକ ନେତା ଯାହା ମୁଖ୍ୟ ଶିଳ୍ପଗୁଡ଼ିକରେ ଗୁରୁତ୍ୱପୂର୍ଣ୍ଣ ପ୍ରୟୋଗ ଖୋଜେ। ଆଲୁମିନିୟମ୍ ଶିଳ୍ପ ପାଇଁ ଏସଏଣ୍ଡପି ଗ୍ଲୋବାଲ୍ କର୍ପୋରେଟ୍ ସଷ୍ଟେନେବିଲିଟି ଆସେସମେଂଟ୍ ୨୦୨୪ ବିଶ୍ୱ ରାଙ୍କିଂରେ ବେଦାନ୍ତ ଆଲୁମିନିୟମ୍ ଦ୍ୱିତୀୟ ସ୍ଥାନରେ ଅଛି, ଯାହା ଏହାର ପ୍ରମୁଖ ସ୍ଥାୟୀ ବିକାଶ ଅଭ୍ୟାସର ପ୍ରତିଫଳନ। ଭାରତରେ ଏହାର ବିଶ୍ୱସ୍ତରୀୟ ଆଲୁମିନିୟମ୍ ସ୍ମେଲ୍ଟର, ଆଲୁମିନା ରିଫାଇନାରୀ ଏବଂ ପାୱାର ପ୍ଲାଣ୍ଟ ସହିତ, କମ୍ପାନୀ ଏକ ସବୁଜ ଆସନ୍ତାକାଲି ପାଇଁ 'ଭବିଷ୍ୟତର ଧାତୁ' ଭାବରେ ଆଲୁମିନିୟମ୍ର ଉଦୀୟମାନ ପ୍ରୟୋଗଗୁଡ଼ିକୁ ପ୍ରୋତ୍ସାହିତ କରିବାର ଏହାର ଲକ୍ଷ୍ୟ ପୂରଣ କରୁଛି।

# କୋଟି କୋଟି ଟଙ୍କାର ପୁଞ୍ଜିନିବେଶ ଓଡ଼ିଶାକୁ ଆସିବା କଥା ଭ୍ରମାତ୍ମକ: ବିଜେଡି

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ହାଇଦ୍ରାବାଦ ଗସ୍ତରେ ରାଜ୍ୟକୁ ୬୫,୦୦୦ କୋଟି ଟଙ୍କାର ପୁଞ୍ଜିନିବେଶ ଓ ୨୦ ହଜାରରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ଯାହା କୁହାଯାଇଛି, ତାହା ଭ୍ରମାତ୍ମକ ବୋଲି ବିଜୁ ଜନତା କହିଛି । ଏକ ପ୍ରେସ୍ ବିବୃତ୍ତିରେ ଦଳର ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ଼ ଲେନିନ ମହାନ୍ତି କହିଥିଲେ ଯେ, ପ୍ରବାସୀ ଭାରତୀୟ ଦିବସକୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓଡ଼ିଶାକୁ ଭାରତର ଶ୍ରେଷ୍ଠ ଏଫ୍‌ଡିଆଇ ହବରେ ପରିଣତ କରିବା ଲାଗି ସରକାରଙ୍କ ଆଭିମୁଖ୍ୟ ବିଷୟରେ ଜଣାଇଥିଲେ । କିନ୍ତୁ କେନ୍ଦ୍ର ସରକାରଙ୍କ ତଥ୍ୟ ଉପରେ ନଜର ପକାଇଲେ କିଛି ଅଲଗା ଚିତ୍ର ସାମ୍ନାକୁ ଆସୁଛି । ପ୍ରତ୍ୟକ୍ଷ ବୈଦେଶିକ ପୁଞ୍ଜିନିବେଶ (ଏଫ୍‌ଡିଆଇ) ହାସଲ କରିବାରେ ଓଡ଼ିଶା ଦେଶର ଶ୍ରେଷ୍ଠ ୧୦ କିମ୍ବା ଶ୍ରେଷ୍ଠ ୨୦ ରାଜ୍ୟ ଭିତରେ ବି ସ୍ଥାନ ପାଇନାହିଁ । ୨୦୨୪-୨୫ ଆର୍ଥିକ ବର୍ଷରେ ଦେଶକୁ ୪,୨୧,୯୨୮.୮୩ କୋଟି ଟଙ୍କାର ଏଫ୍‌ଡିଆଇ ଆସିଛି । ସେଥିରୁ ମାତ୍ର ୩୯.୦୨ କୋଟି ଟଙ୍କା ଓଡ଼ିଶା ଭାଗରେ ପଡ଼ିଛି । ଏହା ଦେଶକୁ ଆସିଥିବା ମୋଟ୍ ଏଫ୍‌ଡିଆଇର ମାତ୍ର ୦.୦୦୯ ପ୍ରତିଶତ । ଗତ ଆର୍ଥିକ ବର୍ଷରେ ମହାରାଷ୍ଟ୍ର ସର୍ବାଧିକ ୧,୬୪,୮୭୫.୨୦ କୋଟି ଟଙ୍କାର ଏଫ୍‌ଡିଆଇ ହାସଲ କରିଛି । ଏହା ମୋଟ୍ ଏଫ୍‌ଡିଆଇର ୩୯.୧୬ ପ୍ରତିଶତ । ଏହି ଗୋଟିଏ ରାଜ୍ୟକୁ ଯେତିକି ଏଫ୍‌ଡିଆଇ ମିଳିଛି, ତଳ ଆଡ଼େ ଥିବା ୨୦ଟି ରାଜ୍ୟ ମିଳିତ ଭାବେ ସେତିକି ଏଫ୍‌ଡିଆଇ ପାଇନାହାନ୍ତି । ଦେଶକୁ ଆସୁଥିବା ବିଦେଶୀ ନିବେଶ ମୁଖ୍ୟତଃ ୭ଟି ରାଜ୍ୟ ମଧ୍ୟରେ ସୀମିତ ରହିଛି । କ୍ରମାନ୍ୱୟରେ ସେହି ରାଜ୍ୟଗୁଡ଼ିକ ହେଉଛି ମହାରାଷ୍ଟ୍ର, କର୍ଣ୍ଣାଟକ (୫୬,୦୨୯ କୋଟି ଟଙ୍କା), ଦିଲ୍ଲୀ (୫୧,୫୪୦ କୋଟି ଟଙ୍କା), ଗୁଜୁରାଟ (୪୭,୯୪୭ କୋଟି ଟଙ୍କା), ତାମିଲନାଡୁ (୩୧,୧୦୨ କୋଟି ଟଙ୍କା), ହରିୟାଣା (୨୬,୫୯୯ କୋଟି ଟଙ୍କା) ଓ ତେଲେଙ୍ଗାନା (୨୫,୫୯୯ କୋଟି ଟଙ୍କା) । ପୂର୍ବରୁ ରାଜ୍ୟ ସରକାରଙ୍କ ଦ୍ୱାରା ଏପରି ବହୁତ ପୁଞ୍ଜିନିବେଶ କଥା କୁହାଯାଇଥିଲା, ଯାହା ବାସ୍ତବତା ଠାରୁ ବହୁତ ଦୂରରେ । କେବଳ ପ୍ରଚାର ଉଦ୍ଦେଶ୍ୟରେ ଏପରି କଥା କୁହାଯାଉଛି । କିନ୍ତୁ ପରବର୍ତ୍ତୀ ସମୟରେ ଏହା ରୂପାନ୍ତରିତ ହେଉନାହିଁ। ଡ଼ ମହାନ୍ତି ଆହୁରି କହିଥିଲେ ଯେ, ପୁଞ୍ଜି ଆସିବା ତ ଦୂରର କଥା ରାଜ୍ୟରୁ ବିଭିନ୍ନ ପ୍ରକଳ୍ପ ଓଡ଼ିଶାରୁ ଚାଲିଗଲା । ବିଦେଶୀ ପୁଞ୍ଜି ଆଣିବା ଲାଗି ସରକାରୀ ସ୍ତରରେ ଯେଉଁଭଳି ଭାବେ ଉଦ୍ୟମ, ବିଚାରବିମର୍ଶ, ଯୋଜନା ଓ ଆଲୋଚନା ହେବା କଥା ତାହା ବିଜେପି ସରକାରରେ ହେଉନାହିଁ । ପୂର୍ବରୁ ବିଜେଡି ସରକାର ସମୟରେ ୨୦୨୩-୨୪ରେ ଓଡ଼ିଶାକୁ ସର୍ବାଧିକ ପୁଞ୍ଜି ଆସିଥିଲା, ଯାହାର ପୁରସ୍କାର ବର୍ତ୍ତମାନର ଶିଳ୍ପ ମନ୍ତ୍ରୀ ସମ୍ପଦ ସ୍ୱାଇଁ ଭାରତ ସରକାରଙ୍କ ଠାରୁ ଗ୍ରହଣ କରିଥିଲେ । ନବୀନ ସରକାରଙ୍କ ସମୟରେ ଏଫ୍‌ଡିଆଇ ଲାଗି ନିର୍ଦ୍ଦିଷ୍ଟ କ୍ଷେତ୍ର ଚିହ୍ନଟ କରାଯାଉଥିଲା । ସ୍ୱତନ୍ତ୍ର ଭାବେ ବିଭିନ୍ନ କ୍ଷେତ୍ରଗୁଡ଼ିକରେ ପୁଞ୍ଜି ନିବେଶ ଲାଗି ବିଦେଶୀ ନିବେଶକମାନେ ଆକୃଷ୍ଟ ହେଉଥିଲେ । କିନ୍ତୁ ବର୍ତ୍ତମାନ ଏଫଡିଆଇ ହାତେଇବାରେ ରାଜ୍ୟ ବିଜେପି ସରକାର ବହୁତ ପଛୁଆ । ଏପରି ପ୍ରଚାର ସର୍ବସ୍ୱ ଘୋଷଣା ଓ ପ୍ରହସନ ନ କରି ବାସ୍ତବରେ ଓଡ଼ିଶାକୁ ପୁଞ୍ଜି ଆଣନ୍ତୁ ।

**କଟକ ଉନ୍ନୟନ କର୍ତ୍ତୃପକ୍ଷ** CAD-2759

CDA

ଅରୁଣୋଦୟ ଭବନ, ଲିଙ୍କ୍ ରୋଡ୍, କଟକ-12

**ସୂଚନା**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ଅଭିନବ ବିଡାନାସୀ, କଟକ (ମର୍କତ ନଗର) ସେକ୍ଟର -10 ରେ ପ୍ଲଟ୍ ନଂ-10-4C/1263 ଟିକୁ ଶ୍ରୀମତୀ ଅଞ୍ଜଳି ରାୟ,ସ୍ୱାମୀ-ରବୀନ୍ଦ୍ର କୁମାର ରାୟ,ସା-ସୁନ୍ଦରଗଡ,ପୋ-ମଧୁସୂଦନପୁର, ଥା-ଜଗତସିଂହପୁର,ଜିଲ୍ଲା-ଜଗତସିଂହପୁରଙ୍କୁ ଆବଣ୍ଟନ କରାଯାଇଥିଲା । ଆବଣ୍ଟନଗ୍ରାହୀ ଶ୍ରୀମତୀ ଅଞ୍ଜଳି ରାୟଙ୍କ ମୃତ୍ୟୁ ପରେ ତାଙ୍କ ପୁତ୍ର ମାନସ କୁମାର ରାୟ, ପିତା-ରବୀନ୍ଦ୍ର କୁମାର ରାୟ,ମାତା-ସ୍ୱର୍ଗତ ଅଞ୍ଜଳି ରାୟ, ସା-ରାଣୀହାଟ,ଶଗଡ଼ିଆ ସାହି,ପୋ-ବକ୍ସି ବଜାର,ଥା-ମଙ୍ଗଳାବାଗ,ଜିଲ୍ଲା-କଟକ-୭୫୩୦୦୧ଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି ।

ଉକ୍ତ ପ୍ଲଟ ସହିତ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି କିମ୍ବା ଆପତ୍ତି ଥାଏ ତାହା ହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର(15) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ । ତତ୍ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯିବ।

OIPR-13037/11/0427/2526 ଭାରପ୍ରାପ୍ତ ଅଧିକାରୀ(ଇଷ୍ଟେଟ)

GOVERNMENT OF ODISHA
OFFICE OF THE SUPERINTEDNING ENGINEER
RURAL WORKS DIVISION, SUNABEDA
O-1837
***
e-Procurement Notice for Road works
e-mail : eerw_sunabeda@yahoo.co.in
Identification No Online Tender /09/RWD-SBD/2025-26

Letter No. 5183 Date: 19/12/2025

01. Name of the work :: Road works Semiliguda, Nandapur, Pottangi Laxmipur, Bandhugaon, Narayanpatna, Lamtaput block
02. Total Number of works :: 13 nos works
03. Estimated cost :: 9.00 to 50.00 lakhs
04. Class of Contractor :: "B", "C" & "D" Class
05. Period of Completion :: 02 months
06. Other Details

| Procurement Officer | Bid Identification No. | Availability of tender online for bidding | |
|---|---|---|---|
| | | From | To |
| Superintending Engineer, R.W. Division, Sunabeda | Online Tender/09/ RWD-SBD /2025-26 | 22.12.2025 at 11:00 a.m | 01.01.2026 upto 05:00 p.m |

Further details can be seen from the website www.tendersorissa.gov.in

Superintending Engineer
OIPR-25059/11/0029/2526 Rural Works Division : Sunabeda

ଉତ୍କଳ ଦୀପିକା

ଭୁବନେଶ୍ୱର
୨୧ ଡିସେମ୍ବର,
ରବିବାର, ୨୦୨୫

RNI Regd. No. : 52640/94
Postal Regd. No. :
BN/60/25-27

## ନିୟମ ଭାଙ୍ଗିବା ଭାରି ପଡିଲା

# କୋଟାକ ମହିନ୍ଦ୍ରା ଉପରେ ଆରବିଆଇର ୬୨ ଲକ୍ଷ ଟଙ୍କାର ଜରିମାନା

**ନୂଆଦିଲ୍ଲୀ,୨୦।୧୨**

ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) କୋଟାକ ମହିନ୍ଦ୍ରା ବ୍ୟାଙ୍କ ଉପରେ ନେଇଛି ବଡ଼ ଧରଣର ଆକ୍ସନ। କେନ୍ଦ୍ରୀୟ ବ୍ୟାଙ୍କ ଦ୍ୱାରା ଧାର୍ଯ୍ୟ କରାଯାଇଥିବା ବ୍ୟାଙ୍କିଙ୍ଗ ନିୟମର ପାଳନରେ ଅବହେଳାକୁ ନେଇ ନିଆ ଯାଇଛି କାର୍ଯ୍ୟାନୁଷ୍ଠାନ। ଭାରତୀୟ ରିଜର୍ଭ ବ୍ୟାଙ୍କ ଏଥିପାଇଁ କୋଟାକ ମହିନ୍ଦ୍ରା ବ୍ୟାଙ୍କ ଉପରେ ୬୨ ଲକ୍ଷ ଟଙ୍କାର ଜରିମାନା ଲଗାଇଛି। ପିଟିଆଇର ଏକ ରିପୋର୍ଟ ଅନୁଯାୟୀ, ଭାରତୀୟ ରିଜର୍ଭ ବ୍ୟାଙ୍କ ପୂର୍ବ କାର୍ଯ୍ୟ ଦିବସରେ କୋଟାକ ମହିନ୍ଦ୍ରା ବ୍ୟାଙ୍କ ଉପରେ ଲାଗୁ ହୋଇଥିବା ଜରିମାନା ସମ୍ପର୍କରେ ସୂଚନା ସେୟାର କରିଛି। ଆରବିଆଇ ସ୍ପଷ୍ଟ କରିଛି ଯେ ବ୍ୟାଙ୍କ ସେବା – ବେସିକ୍ ସେଭିଂ ବ୍ୟାଙ୍କ ଡିପୋଜିଟ୍ ଆକାଉଣ୍ଟ, ବିଜନେସ୍ କରସପେଣ୍ଡେଣ୍ଟ




ସମ୍ପର୍କିତ ନିୟମ ବ୍ୟତୀତ କ୍ରେଡିଟ୍ ଇନ୍‌ଫରମେସନ୍ କମ୍ପାନୀ ରୁଲ୍ ୨୦୦୬ର ପାଳନରେ ବ୍ୟାଙ୍କର ତ୍ରୁଟି ଜଣାପଡିଛି। ଫଳସ୍ୱରୂପ,୧୧ ଡିସେମ୍ବର ୨୦୨୫ ତାରିଖର ଏକ ଆଦେଶ ଅନୁଯାୟୀ ବ୍ୟାଙ୍କ ଉପରେ ୬୧.୯୫ ଲକ୍ଷ ଜରିମାନା ଲାଗୁ କରାଯାଇଥିଲା। ରିପୋର୍ଟ ଅନୁଯାୟୀ, ୩୧ ମାର୍ଚ୍ଚ ୨୦୨୪ରେ ଆରବିଆଇ ପକ୍ଷରୁ ବ୍ୟାଙ୍କର ଆର୍ଥିକ ସ୍ୱାସ୍ଥ୍ୟର ଏକ ବୈଧାନିକ ଯାଞ୍ଚ ଏବଂ ମୂଲ୍ୟାଙ୍କନ (ଆଇଏସ୍‌ଇ ୨୦୨୪) କରିଥିଲା। ଏହି ସମୟ ମଧ୍ୟରେ, କେନ୍ଦ୍ରୀୟ ବ୍ୟାଙ୍କ ଜାଣିବାକୁ ପାଇଲା ଯେ ବ୍ୟାଙ୍କ ପୂର୍ବରୁ ଏପରି ଆକାଉଣ୍ଟ ଥିବା କିଛି ଗ୍ରାହକଙ୍କ ପାଇଁ ଅତିରିକ୍ତ ବିଏସ୍‌ବିଡି ଆକାଉଣ୍ଟ ଖୋଲିଛି। ଏହା ବ୍ୟତୀତ, ଆରବିଆଇ ଜାଣିବାକୁ ପାଇଲା ଯେ ବ୍ୟାଙ୍କ ନିର୍ଦ୍ଧାରିତ ପରିସର ବାହାରେ କାର୍ଯ୍ୟକଳାପ ପରିଚାଳନା କରିବା ପାଇଁ ବ୍ୟବସାୟ ପ୍ରତିନିଧିଙ୍କ ସହିତ ଚୁକ୍ତି କରିଛି। ବ୍ୟାଙ୍କ କିଛି ଋଣଗ୍ରହୀତାଙ୍କ ସମ୍ପର୍କରେ କ୍ରେଡିଟ୍ ସୂଚନା କମ୍ପାନୀଗୁଡ଼ିକୁ ଭୁଲ ସୂଚନା ମଧ୍ୟ ପ୍ରଦାନ କରିଥିଲା। କେନ୍ଦ୍ରୀୟ ବ୍ୟାଙ୍କ ପକ୍ଷରୁ କୁହାଯାଇଥିଲା ଏହି ଅସୁବିଧା ଜଣାପଡିବା ପରେ ବ୍ୟାଙ୍କକୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଥିଲା। ଏହାପରେ ବ୍ୟାଙ୍କ ଦଲିଲ ଉପରେ ବିଚାର କରିବା ପରେ ଅଭିଯୋଗ ସଠିକ୍ ବୋଲି ଜଣାପଡିଥିଲା। ତା'ପରେ ବ୍ୟାଙ୍କ ଉପରେ ଜରିମାନା ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା। ବ୍ୟାଙ୍କ ପକ୍ଷରୁ ଷ୍ଟକ୍ ଏକ୍ସଚେଞ୍ଜ ଫାଇଲିଂରେ ମଧ୍ୟ ଏସମ୍ପର୍କରେ ସୂଚନା ସେୟାର କରାଯାଇଛି। ତେବେ ଆରବିଆଇ ପକ୍ଷରୁ ସ୍ପଷ୍ଟ କରାଯାଇଛି ଯେ, ନିୟମର ଉଲ୍ଲଂଘନକୁ ନେଇ ଏହି ଆକ୍ସନର କୌଣସି ପ୍ରଭାବ ବ୍ୟାଙ୍କର ଗ୍ରାହକଙ୍କ ଉପରେ ରହିବନି।



ଭୁବନେଶ୍ୱର : ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ମିଳିତ ଆନୁକୁଲ୍ୟରେ ଭଞ୍ଜକଳା ମଣ୍ଡପ ପରିସରରେ ଦୁଇଦିନ ଧରି ଚାଲିଥିବା ଜାତୀୟ କଣ୍ଢେଇ ନାଚର ଉଦ୍‌ଯାପନୀ ସନ୍ଧ୍ୟାରେ ପୁରଣ ଭଟ୍ଟ କଠ୍ ପୁତଲୀ ନାଚ ପରିବେଷଣ କରୁଛନ୍ତି ରାଜସ୍ଥାନର କଳାକର। (ଫଟୋ : ସମ୍ବାଦ କଳିକା)

# ରାଜ୍ୟବ୍ୟାପୀ ପାଳନ ହେବ ବିଜେଡିର ୨୯ତମ ପ୍ରତିଷ୍ଠା ଦିବସ

ଭୁବନେଶ୍ୱର, ୨୦/୧୨ ନ୍ୟୁଜ ବ୍ୟୁରୋ

ବିଜୁ ଜନତା ଦଳର ୨୯ତମ ପ୍ରତିଷ୍ଠା ଦିବସ ରାଜ୍ୟର ପ୍ରତ୍ୟେକ ନିର୍ବାଚନମଣ୍ଡଳୀରେ ପାଳିତ ହେବା ସହିତ ଦଳର ମୁଖ୍ୟାଳୟ "ଶଙ୍ଖ ଭବନ" ଠାରେ ମହାସମାରୋହରେ ପାଳନ କରାଯିବ ବୋଲି ଶନିବାର ଦଳ ପକ୍ଷରୁ ସୂଚନା ଦିଆଯାଇଛି। ଏଥିରେ ଦଳର ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ଶନିବାର ଶଙ୍ଖ ଭବନ ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର, ପୂର୍ବତନ ମନ୍ତ୍ରୀ ପ୍ରଦୀପ ଅମାତ, ପୂର୍ବତନ ମନ୍ତ୍ରୀ ତଥା ଭୁବନେଶ୍ୱର ଜିଲ୍ଲା ବିଜେଡି ସଭାପତି ଅଶୋକ ଚନ୍ଦ୍ର ପଣ୍ଡା, ଭୁବନେଶ୍ୱର (ମଧ୍ୟ) ବିଧାୟକ ଅନନ୍ତ ନାରାୟଣ ଜେନା, ଭୁବନେଶ୍ୱର ମେୟର ଶ୍ରୀମତୀ ସୁଲୋଚନା ଦାସ ଏହି ସୂଚନା ପ୍ରଦାନ କରିଥିଲେ । ଦେବୀ ପ୍ରସାଦ ମିଶ୍ର



କହିଥିଲେ ଯେ, ଡିସେମ୍ବର ୨୬ ତାରିଖରେ ୨୯ ତମ ପ୍ରତିଷ୍ଠା ଦିବସ ପାଳନ ଓଡ଼ିଶା ଓ ଓଡ଼ିଶାବାସୀଙ୍କ ପାଇଁ ଆଗାମୀ ବର୍ଷର କାର୍ଯ୍ୟକ୍ରମ ପାଇଁ ପ୍ରତ୍ୟୟ ନେବା ମହତ୍ୱପୂର୍ଣ୍ଣ। ବିଜୁ ଜନତା ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଆସନ୍ତା ଡିସେମ୍ବର ୨୬ ତାରିଖ ବିଜେଡିର ୨୯ତମ ପ୍ରତିଷ୍ଠା ଦିବସ ଦଳ ପକ୍ଷରୁ ଭୁବନେଶ୍ୱର "ଶଙ୍ଖ ଭବନ"ଠାରେ ପାଳନ କରାଯିବ । ଏଥିରେ ସଭାପତି ନବୀନ ପଟ୍ଟନାୟକ ଯୋଗଦେବେ । ଏହାଛଡ଼ା ରାଜ୍ୟର ନିର୍ବାଚନମଣ୍ଡଳୀମାନଙ୍କରେ କ୍ଷେତ୍ରୀୟ ସ୍ତରରେ ମଧ୍ୟ ପାଳନ କରାଯିବ। ସାମ୍ପ୍ରତିକ ପରିସ୍ଥିତିରେ ଏକ ଦାୟିତ୍ୱ ସମ୍ପନ୍ନ ବିରୋଧୀ ଦଳ ଭାବେ ଓଡ଼ିଶା ବିକାଶର ଆଭିମୁଖ୍ୟକୁ ଆଗେଇନେବା ସହିତ ବିଭିନ୍ନ ଜନସ୍ୱାର୍ଥ ସମ୍ବଳିତ ପ୍ରସଙ୍ଗ ଗୁଡିକରେ ଜନସାଧାରଣଙ୍କୁ ସଚେତନ କରେଇବା ଓ ଓଡ଼ିଶାର ତଥା ଲୋକଙ୍କର ସ୍ୱାର୍ଥକୁ ନେଇ ସ୍ୱର ଉତ୍ତୋଳନ କରିବ। ଓଡ଼ିଶାବାସୀଙ୍କ ଭଲ ପାଇବାକୁ ପାଥେୟ କରି ବିଜେଡି ତା'ର କାର୍ଯ୍ୟକ୍ରମ ଜାରି ରଖିଛି । ଦରଦାମ ବୃଦ୍ଧି, ମହିଳା ନିର୍ଯାତନା, ଯୁବଛାତ୍ରଙ୍କ ପ୍ରତି ବିମୁଖତା, ଆଦିବାସୀ, ଦଳିତ ଓ ପଛୁଆବର୍ଗ ପ୍ରତି ଅବିଚାର, ଆଇନଶୃଙ୍ଖଳା ସ୍ଥିତିର ଅବନତି, ଆର୍ଥିକ କୁପରିଚାଳନା, ଓଡ଼ିଶାର ସ୍ୱାର୍ଥ ସମ୍ବଳିତ ବିଭିନ୍ନ ପ୍ରସଙ୍ଗ ତଥା ପୋଲାଭରମ ଓ ମହାନଦୀ ସମ୍ପର୍କରେ ଓଡ଼ିଶାର ସ୍ୱାର୍ଥ ବ୍ୟାହତ ହେବା ସମ୍ପର୍କରେ ବିଜେଡି ବିଧାନସଭା, ରାଜ୍ୟସଭା ଓ ରାଜରାସ୍ତାରେ ସ୍ୱର ଉତ୍ତୋଳନ କରିଆସୁଛି। କୃଷକ ବିରୋଧୀ ନୀତି, ସ୍ୱାସ୍ଥ୍ୟ, ଶିକ୍ଷା ପ୍ରଭୃତ କ୍ଷେତ୍ରରେ ବିଫଳତା ବିରୁଦ୍ଧରେ ଜନକ୍ଷୋଭକୁ ବିଜେଡି ଉତ୍ଥାପନ କରିଚାଲିଛି ।

## ଟିଜିଟି ପଦରେ ନିଯୁକ୍ତିକୁ ନେଇ ହାଇକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ

# ବିଏଡ୍ ସ୍ପେସାଲ୍ ଏବଂ ବିଏଡ୍ ଜେନେରାଲ୍ ଯୋଗ୍ୟତା ସମାନ

**କଟକ, ୨୦/୧୨ ନ୍ୟୁଜ ବ୍ୟୁରୋ**

ବିଏଡ୍ ସ୍ପେସାଲ୍ ଓ ବିଏଡ୍ ଜେନେରାଲ୍ ଶିକ୍ଷାଗତ ଯୋଗ୍ୟତା ସମାନ। ଟିଜିଟି (ଟ୍ରେନ୍ଡ ଗ୍ରାଜୁଏଟ୍ ଟିଚର) ପଦ ପାଇଁ ଶିକ୍ଷାଗତ ଯୋଗ୍ୟତା ବିଏଡ୍ ଜେନେରାଲ୍ ଧାର୍ଯ୍ୟ କରାଯାଇଥିଲା ବେଳେ ଉକ୍ତ ପଦରେ ଜଣେ ବିଏଡ୍ ସ୍ପେସାଲ୍ ଡିଗ୍ରୀଧାରୀ ମଧ୍ୟ ନିଯୁକ୍ତି ପାଇପାରିବେ ବୋଲି ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟରେ କହିଛନ୍ତି। ମହେଶ୍ୱର ସାହୁଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି କରି ହାଇକୋର୍ଟର ବିଚାରପତି ଜଷ୍ଟିସ୍ ଡି.କେ. ଶ୍ରୀପଦ ଏହି ଆଦେଶ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ଆବେଦନକାରୀଙ୍କୁ ୮ ସପ୍ତାହ ମଧ୍ୟରେ ନିଯୁକ୍ତି ଦେବାକୁ



ହାଇକୋର୍ଟ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଆବେଦନକାରୀ ଟିଜିଟି (କଳା) ଶିକ୍ଷକ ପଦ ଲାଗି ଚୟନ ହୋଇଥିଲେ ମଧ୍ୟ ତାଙ୍କର ବିଏଡ୍ ସ୍ପେସାଲ୍ ଶିକ୍ଷାଗତ ଯୋଗ୍ୟତା ଥିବାରୁ ତାଙ୍କୁ ଏହି ପଦରେ ନିଯୁକ୍ତି ମିଳିନଥିଲା। ନିୟମ ଅନୁଯାୟୀ, ଜଣେ ଟିଜିଟି ଶିକ୍ଷକ ପଦରେ ନିଯୁକ୍ତି ହେବାକୁ ହେଲେ ତାଙ୍କୁ ବିଏଡ୍ ଜେନେରାଲ୍ ଶିକ୍ଷାଗତ ଯୋଗ୍ୟତା ହାସଲ କରିବାକୁ ପଡ଼ିବ । ଫଳରେ ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ଆବେଦନକାରୀଙ୍କ ନିଯୁକ୍ତିକୁ ରାଜ୍ୟ ସରକାରଙ୍କ ପକ୍ଷରୁ ବିରୋଧ କରାଯାଇଥିଲା । ଏହି ପଦ ପାଇଁ ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ, ଆବେଦନକାରୀଙ୍କ ଶିକ୍ଷାଗତ ଯୋଗ୍ୟତା ନାହିଁ । ତେଣୁ ଆବେଦନକାରୀଙ୍କୁ ନିଯୁକ୍ତି ଦିଆଯାଇ ପାରିବନାହିଁ ବୋଲି ଅଦାଲତଙ୍କୁ ଅବଗତ କରାଯାଇଥିଲା। କିନ୍ତୁ ଏହାକୁ ଆବେଦନକାରୀଙ୍କ ପକ୍ଷରୁ ବିରୋଧ କରାଯାଇଥିଲା । ଏ ନିୟମ ଅନୁଯାୟୀ ଉଭୟ ବିଏଡ୍ ସ୍ପେସାଲ୍ ଓ ବିଏଡ୍ ଜେନେରାଲ୍ ଶିକ୍ଷାଗତ ଯୋଗ୍ୟତା ସମାନ । ତେଣୁ ରାଜ୍ୟ ସରକାରଙ୍କ ଯୁକ୍ତି ଗ୍ରହଣୀୟ ନୁହେଁ ବୋଲି ହାଇକୋର୍ଟ ମତ ଦେଇଛନ୍ତି। ଅପରପକ୍ଷରେ ଆବେଦନକାରୀ ଜଣେ ଭିନ୍ନକ୍ଷମ ବ୍ୟକ୍ତି। ତାଙ୍କର ଦୃଷ୍ଟିଶକ୍ତି ନେଇ ସମସ୍ୟା ରହିଛି। ଏହି ଦୃଷ୍ଟିରୁ ଦେଖିଲେ ଭିନ୍ନକ୍ଷମଙ୍କ ଲାଗି ଟିଜିଟି ପଦରେ ୩୩ଟି ପଦ ସଂରକ୍ଷିତ ରହିଛି। ଏଥିରୁ ୨୬ଟି ପଦ ପୂରଣ କରାଯାଇଛି । ଆହୁରି ୭ଟି ପଦ ଫାଙ୍କା ରହିଛି । ତେଣୁ ରାଜ୍ୟ ସରକାର ଆବେଦନକାରୀଙ୍କୁ ଭିନ୍ନକ୍ଷମ ହିସାବରେ ମଧ୍ୟ ଗ୍ରହଣ କରି ସେହି ପଦରେ ନିଯୁକ୍ତି ଦେବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।




ସଂଗ୍ରହ କରନ୍ତୁ! ସଂଗ୍ରହ କରନ୍ତୁ!

ସାପ୍ତାହିକ ସମ୍ବାଦ ପତ୍ରିକା 'ରବିବାସରୀୟ କଳିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କସ୍ଥ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com




ସଂଗ୍ରହ କରନ୍ତୁ! ସଂଗ୍ରହ କରନ୍ତୁ!

ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com

## ରେଳପଥ ମାଧ୍ୟମରେ ବେଆଇନ ନିଶା ଦ୍ରବ୍ୟ ଚୋରା ଚାଲାଣ ଉପରେ କାର୍ଯ୍ୟାନୁଷ୍ଠାନ

# ବର୍ତ୍ତମାନ ସୁଦ୍ଧା ୨୦୦ମାମଲା ରୁଜୁ, ୨୯୯ ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର ୨୦/୧୨ ନ୍ୟୁଜ ବ୍ୟୁରୋ**

ରେଳପଥ ମାଧ୍ୟମରେ ବେଆଇନ ନିଶା ଦ୍ରବ୍ୟ ଚୋରା ଚାଲାଣକାରୀଙ୍କ ବିରୁଦ୍ଧରେ ସରକାରୀ ରେଳବାଇ ଥାନା ପୋଲିସ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି। ଚଳିତ ବର୍ଷ ରେଳବାଇ ପୋଲିସ ୩୩୫୨ କେଜିରୁ ଅଧିକ ଗଞ୍ଜେଇ ଜବତ କରିଥିବା ବେଳେ ଏନଡିପିଏସ ନିୟମ ଅନୁଯାୟୀ ଅଦ୍ୟାବଧି ମୋଟ ୨୦୦ଟି ମାମଲା ରୁଜୁ ହୋଇଥିବା ବେଳେ ୨୯୯ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ବିଭିନ୍ନ ସମୟରେ ନିଶା ବ୍ୟବସାୟୀମାନେ ଗଞ୍ଜେଇ, ବ୍ରାଉନ ସୁଗାର, ଅଫିମ, କଫ ସିରପ ଓ ଅନ୍ୟାନ୍ୟ ବେଆଇନ ମାଦକ ଦ୍ରବ୍ୟ ରେଳ ପଥ ମାଧ୍ୟମରେ ଚାଲାଣ କରୁଛନ୍ତି । ଏହାକୁ ଦୃଷ୍ଟିରେ ରଖି ରେଳପଥକୁ ନିଶା ଦ୍ରବ୍ୟ ଚୋରାଚାଲାଣରୁ ମୁକ୍ତ କରିବା ଉଦ୍ଦେଶ୍ୟରେ ଓଡ଼ିଶା ପୋଲିସର ରେଳବାଇ ଥାନାମାନଙ୍କ ପକ୍ଷରୁ ଚଳିତ ବର୍ଷ ସମଗ୍ର ରାଜ୍ୟରେ ଅଭିଯାନ ଜାରି ରଖିଛନ୍ତି। ଯାହାର ଫଳସ୍ୱରୂପ ବିପୁଳ ପରିମାଣର ଗଞ୍ଜେଇ ଓ କଫ ସିରପ ଜବତ ସହ ଅନେକ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଚଳିତ ବର୍ଷ ରେଳବାଇ ପୋଲିସ, କଟକ ୮୭ ଟି ମାମଲା ରୁଜୁ କରି ୧୪୮୯ କେଜିରୁ



ଅଧିକ ଗଞ୍ଜେଇ ଜବତ କରିବା ସହ ୧୧୬ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି । ସେହିପରି ରେଳବାଇ ପୋଲିସ, ରାଉରକେଲା ୧୧୩ଟି ମାମଲା ରୁଜୁ କରି ୧୮୬୩ କେଜିରୁ ଅଧିକ ଗଞ୍ଜେଇ ଜବତ କରିଛି। ଏହା ସହ ଚୋରା ଚାଲାଣରେ ସମ୍ପୃକ୍ତ ଥିବା ୧୮୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସେହିପରି ୨.୬୧ ଗ୍ରାମ୍ ବ୍ରାଉନ ସୁଗାର ଜବତ କରାଯାଇଛି । ଉଲ୍ଲେଖଯୋଗ୍ୟ ଯେ, ଗିରଫ ହୋଇଥିବା ସମସ୍ତ ଅଭିଯୁକ୍ତ ଝାଡ଼ଖଣ୍ଡ, ବିହାର, ଉତ୍ତର ପ୍ରଦେଶ, ରାଜସ୍ଥାନ, ଆନ୍ଧ୍ର ପ୍ରଦେଶ, କେରଳ, ମହାରାଷ୍ଟ୍ର ଏବଂ ଗୁଜୁରାଟ ରାଜ୍ୟର ବୋଲି ତଦନ୍ତ ସମୟରେ ପୋଲିସ ଜାଣିବାକୁ ପାଇଛି। ସମସ୍ତ ମାମଲାଗୁଡିକର ତଦନ୍ତ ଜାରି ରହିଛି ଏବଂ ଏହାର ପଛରେ ଥିବା ଚୋରାଚାଲାଣ ନେଟୱାର୍କକୁ ଭାଙ୍ଗିବା ପାଇଁ ପୋଲିସ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଉଛି। ରେଳପଥକୁ ମାଦକ ଚୋରାଚାଲାଣରୁ ମୁକ୍ତ ରଖିବା ପାଇଁ ରେଳ ସୁରକ୍ଷା ବଳ (ଆରପିଏଫ) ଓ ସରକାରୀ ରେଳବାଇ ପୋଲିସ ମଧ୍ୟରେ ଉପଯୁକ୍ତ ସମନ୍ୱୟ ରଖାଯାଇ କଠୋର ଯାଞ୍ଚ ଓ ନିରୀକ୍ଷଣ କରାଯାଉଛି । ରାଜ୍ୟର ବହୁ ଗୁରୁତ୍ୱପୂର୍ଣ୍ଣ ରେଳ ଷ୍ଟେସନ ଯଥା ଭୁବନେଶ୍ୱର, କଟକ, ସମ୍ବଲପୁର, ପୁରୀ, ରାଉରକେଲା ଆଦି ଷ୍ଟେସନରେ ମିଳିତ ଅଭିଯାନ କରାଯାଉଛି । ଟ୍ରେନରେ ସନ୍ଦେହଜନକ ଅନୁଭବ ହେଉଥିବା ବ୍ୟାଗ/ପାର୍ସଲ ତନ୍ନ ତନ୍ନ ଭାବେ ଯାଞ୍ଚ କରାଯାଇ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯାଉଛି । ଏହା ସହ ବିଭିନ୍ନ ସମୟରେ ସନ୍ଧାନୀ କୁକୁର ଦ୍ୱାରା ଷ୍ଟେସନ୍ ଓ ଟ୍ରେନ ବଗି ମଧ୍ୟରେ ଯାଞ୍ଚ କରାଯାଉଛି । ସାଧାରଣ ଲୋକମାନଙ୍କୁ ମାଦକ ବିରୋଧୀ ଅଭିଯାନରେ ସହଯୋଗ କରିବା ଓ ସନ୍ଦେହଜନକ ଘଟଣା ସମ୍ପର୍କରେ ତୁରନ୍ତ ପୋଲିସକୁ ଜଣାଇବାକୁ ଅନୁରୋଧ କରାଯାଇଛି। ରେଳପଥକୁ ମାଦକ ଦ୍ରବ୍ୟ ଚୋରାଚାଲାଣରୁ ମୁକ୍ତ ରଖିବା ପାଇଁ ଓଡ଼ିଶା ପୋଲିସ ପକ୍ଷରୁ ପ୍ରୟାସ ଜାରି ରହିଛି । ଜିଆରପି ଓ ଆରପିଏଫ୍ ମଧ୍ୟରେ ସମନ୍ୱୟ ରଖାଯାଇ କଠୋର ଯାଞ୍ଚ ପ୍ରକ୍ରିୟା ଜାରି ରହିବ। ନିଶା ମାଫିଆଙ୍କ ବିରୋଧରେ ଶୂନ୍ୟ ସହନଶୀଳତା ନୀତି ଅବଲମ୍ବନ ଗ୍ରହଣ କରାଯାଉଛି ଏବଂ ଅପରାଧରେ ଜଡିତ ଥିବା ବ୍ୟକ୍ତିଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ସୂଚନା ଦେଇଛନ୍ତି।

# କାର୍ ଅଟକାଇଲେ ବୋଲି ପିସିଆର ପୁଲିସକୁ ପିଟିଲେ ୩ ମାତାଲ୍ ଯୁବକ

**ଭୁବନେଶ୍ୱର,୨୦/୧୨ ନ୍ୟୁଜ ବ୍ୟୁରୋ**

ମଦ ପିଇ ନିଶାଶକ୍ତ ଅବସ୍ଥାରେ କାର୍ ଚଳାଇ ଯାଉଥିବା ବେଳେ ପିସିଆର ପୁଲିସ ଅଟକାଇବାରୁ ପୁଲିସକୁ ନିସ୍ତୁକ ପିଟିଲେ । ମୋବାଇଲ ଓ ବଡ଼ି କ୍ୟାମେରା ଛଡ଼ାଇନେଲେ। ସର୍ବସାଧାରଣ ରାସ୍ତାରେ ଏଭଳି ଉତ୍ପାତ କରୁଥିବା ୩ ଅଭିଯୁକ୍ତଙ୍କୁ ଗିରଫ କରିଛି ଭରତପୁର ଥାନା ପୁଲିସ । ସେମାନେ ହେଲେ ଆଇଆରସି ଭିଲେଜ ଏନ୍-୪ରେ ରହୁଥିବା କେନ୍ଦ୍ରାପଡ଼ା ମାର୍ଶାଘାଇ ଥାନା ଅନ୍ତର୍ଗତ ଜୟଚନ୍ଦ୍ରପୁରର ସତ୍ୟରଞ୍ଜନ ସ୍ୱାଇଁ(୨୫), ଭରତପୁର ନୂଆଗାଁ ମଙ୍ଗଳା ମନ୍ଦିର ନିକଟରେ ରହୁଥିବା ଜୟଚନ୍ଦ୍ରପୁର ଗ୍ରାମର ରାଜେଶ ବଳବନ୍ତରାୟ(୨୬) ଓ ନୂଆଗାଁ ମଙ୍ଗଳା ମନ୍ଦିର ନିକଟରେ ରହୁଥିବା ଜୟଚନ୍ଦ୍ରପୁରର ରାଜକିଶୋର ରାଉତ (୨୫)। ପୁଲିସ ସେମାନେ ବ୍ୟବହାର କରୁଥିବା କିଆ କାର୍‌କୁ ଜବତ କରିଛି। ସୂଚନା ଅନୁଯାୟୀ, ଗତ ଶୁକ୍ରବାର ଦିନ ସାଢ଼େ ୧୧ଟାବେଳେ ସତ୍ୟରଞ୍ଜନ ରାଜେଶ ଓ ରାଜକିଶୋର ରହୁଥିବା ଭଡ଼ାଘରକୁ ଆସିଥିଲେ । ସେଠାରେ ସେମାନେ ପାର୍ଟି କରିବା ସହ ପ୍ରଚୁର ମଦ ପିଇଥିଲେ। ସନ୍ଧ୍ୟାରେ ସେମାନେ ରାଜକିଶୋରଙ୍କ କିଆ କାର୍‌ରେ ବୁଲିବାକୁ ବାହାରିଥିଲେ । କାର୍‌କୁ ଅତି ବେପ୍ରୁଆଭାବେ ଦ୍ରୁତ ଗତିରେ ଚଳାଉଥିଲେ । ରାସ୍ତାରେ ଭୟଭୀତ ହୋଇ ଲୋକେ ପୁଲିସ କଣ୍ଟ୍ରୋଲ ରୁମ୍‌କୁ ସୂଚନା ଦେଇଥିଲେ। କଣ୍ଟ୍ରୋଲ ରୁମ୍‌ରୁ ସୂଚନା ପାଇ ପିସିଆର-୨୫ କର୍ମଚାରୀମାନେ ଖଣ୍ଡଗିରିବାରୀରେ ଉକ୍ତ କାର୍‌କୁ ଅଟକାଇଥିଲେ । କାରରେ ଥିବା ୩ ଜଣ ବାହାରି ଆସି ପୁଲିସ କର୍ମଚାରୀଙ୍କୁ ନିସ୍ତୁକ ମାଡ଼ ମାରିଥିଲେ । ସେମାନଙ୍କ ମୋବାଇଲ ଓ ବଡ଼ି କ୍ୟାମେରା ଛଡ଼ାଇ ନେଇଥିଲେ। ଖବରପାଇ ପିସିଆର-୩୯ ସେଠାରେ ପହଞ୍ଚିବା ପରେ ସମସ୍ତେ ମିଶି ୩ ଜଣଙ୍କୁ କାବୁ କରି ଭରତପୁର ଥାନାକୁ ନେଇଥିଲେ । ପୁଲିସ କର୍ମଚାରୀଙ୍କ ଅଭିଯୋଗ ଆଧାରରେ ପୁଲିସ ଏକ ମାମଲା ରୁଜୁକରି ୩ ଜଣଙ୍କୁ ଗିରଫ କରିବା ସହ କାର୍‌କୁ ଜବତ କରିଥିଲା ।



# ଆଗକୁ ନୂଆବର୍ଷ : ବଡ଼ଦେଉଳରେ ହେଲାନି ନାଟମଣ୍ଡପରୁ ହୁଣ୍ଡି ସ୍ଥାନାନ୍ତର, ଅଟକିଛି ଶୃଙ୍ଖଳିତ ଦର୍ଶନ ନିଷ୍ପତ୍ତି



**ପୁରୀ,୨୦/୧୨ ନ୍ୟୁଜ ବ୍ୟୁରୋ**

ବଡ଼ଦେଉଳ ଭିତର ଭିଡ଼ରେ ମହାପ୍ରଭୁଙ୍କୁ ଦର୍ଶନ କରି ବାହାରକୁ ବାହାରିବା ବେଳକୁ ଝାଳରେ ଓଦା ହୋଇଯାଉଛନ୍ତି ଶ୍ରଦ୍ଧାଳୁ । ଠେଲାପେଲାରେ ପୋଷାକ ମଇଳା ହୋଇଯାଉଛି । ଶୀତରେ ବି ଶ୍ରଦ୍ଧାଳୁଙ୍କୁ ଏପରି ସମସ୍ୟା ଭୋଗିବାକୁ ପଡୁଛି । ଏପର୍ଯ୍ୟନ୍ତ ଶ୍ରୀମନ୍ଦିରରେ ଶୃଙ୍ଖଳିତ ଦର୍ଶନ ବ୍ୟବସ୍ଥା କାର୍ଯ୍ୟକାରୀ ହୋଇପାରିଲା ନାହିଁ । ବାହାର କାଠ ହେଉ ବା ଭିତର କାଠ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କୁ ଠେଲାପେଲାର ସମ୍ମୁଖୀନ ହେବାକୁ ପଡୁଛି । ନାଟମଣ୍ଡପ ବାହାର କାଠ ଠାରୁ ଶ୍ରଦ୍ଧାଳୁଙ୍କୁ ଶୃଙ୍ଖଳିତ ଦର୍ଶନ ବ୍ୟବସ୍ଥା ଦେବା ନିମନ୍ତେ ନାଟମଣ୍ଡପରୁ ହୁଣ୍ଡି ସ୍ଥାନାନ୍ତର ଆବଶ୍ୟକ ବୋଲି ପ୍ରଥମେ କୁହାଯାଇଥିଲା। ଏନେଇ ମୁଖ୍ୟମନ୍ତ୍ରୀଙ୍କ ଅନୁମତି ମିଳିସାରିଥିଲେ ହେଁ ଏପର୍ଯ୍ୟନ୍ତ ଏବାବଦରେ ପଦକ୍ଷେପ ଶୂନ। ସେହିପରି ନାଟମଣ୍ଡପରୁ ଗରା, ଗଡ୍ଡୁ ଥୋଇ ଦାନ ଆଦାୟ, ଜାଗା ମାଡ଼ି ବସିଥିବା ପୁରୁଣା ଆଲମିରା ହଟାଇବା, ଥାଳି ଥୋଇ ଦାନ ଆଦାୟ ପ୍ରଭୃତିକୁ ବନ୍ଦ କରିବାରେ ଶ୍ରୀମନ୍ଦିର ପ୍ରଶାସନ ଫେଲ୍ ମାରିଛି । ନାଟମଣ୍ଡପରେ ଜୋରଯାର୍ ନୀତିରେ ଅନେକ ଜାଗା ମାଡ଼ି ବସିଛନ୍ତି । ପ୍ରଶାସନ ସେମାନଙ୍କୁ ହଟାଇବାକୁ ସାହାସ ଜୁଟାଇ ପାରୁନି। ପ୍ରତ୍ୟେହ ନିର୍ଦ୍ଧାରିତ ସମୟରେ ମହାପ୍ରଭୁଙ୍କ ନୀତି ଆରମ୍ଭ ଓ ଶେଷ ହୋଇପାରୁନି। ଏପରିସ୍ଥଳେ ନାଟମଣ୍ଡପ ବାହାର କାଠ ଠାରୁ ଶୃଙ୍ଖଳିତ ଦର୍ଶନ କରିବା ନେଇ ନିଜ ପ୍ରତିଶ୍ରୁତି ଜାଲରେ ଫସି ଯାଇଛି ଶ୍ରୀମନ୍ଦିର ପ୍ରଶାସନ । ପ୍ରଶାସନ ଯାତ୍ରୀଙ୍କ ସୁରକ୍ଷା, ଶୃଙ୍ଖଳିତ ଦର୍ଶନ ଓ ମହାପ୍ରସାଦ ପାଇବାର ସୁବ୍ୟବସ୍ଥା ତୁରନ୍ତ କରିବା ଜରୁରି ବୋଲି ବରିଷ୍ଠ ପୂଜାପଣ୍ଡା ସେବାୟତ ସୁନିଲ ପୂଜାପଣ୍ଡା ମତ ଦେଇଛନ୍ତି।

ଆଗକୁ ନୂଆବର୍ଷ ଆସୁଛି । ଶୀତର ଆଗମନ ସହ ପୁରୀକୁ ଯାତ୍ରୀଙ୍କ ଭିଡ଼ ବଢ଼ିଛି। ନୂଆବର୍ଷ ପହିଲା ଦିନ ଭିଡ଼ ସୀମା ପାର କରିବ । ହେଲେ ଶୃଙ୍ଖଳିତ ଦର୍ଶନ ବ୍ୟବସ୍ଥା ନେଇ ପ୍ରଶାସନିକ ଉଦ୍ୟମ ଠପ୍ ହୋଇଯାଇଛି । ଆଇଆଇଟି ବିଶେଷଜ୍ଞ ତଥା ଅନୁଭବି ଅନୁଷ୍ଠାନଙ୍କ ପରାମର୍ଶ ପରେ ଏହାକୁ କାର୍ଯ୍ୟକାରୀ କରାଯିବ ବୋଲି ଶ୍ରୀମନ୍ଦିର ପ୍ରଶାସନ କିଛିଦିନ ତଳେ କହିଥିଲା । ହେଲେ ଏପର୍ଯ୍ୟନ୍ତ ଏବାବଦରେ ପାଦେ ବି ପଦକ୍ଷେପ ଆଗେଇନି । ସେହିପରି ନାଟମଣ୍ଡପକୁ ବାତାନୁକୂଳିତ କରିବା ନେଇ ପ୍ରଶାସନିକ ପଦକ୍ଷେପ ଏପର୍ଯ୍ୟନ୍ତ ପ୍ରତିଫଳନ ହୋଇପାରିଲା ନାହିଁ । ଖୁବ୍ କମ୍ ଅନୁଷ୍ଠାନ ଏହି ବ୍ୟବସ୍ଥା କରିବାକୁ ଆଗ୍ରହ ଦେଖାଇବାରୁ ଏହାକୁ ଶ୍ରୀମନ୍ଦିର ପ୍ରଶାସନ ପ୍ରତ୍ୟାଖାନ କରି ଦେଇଛି । ଏଥିସହ ବାତାନୁକୂଳିତ ବ୍ୟବସ୍ଥା କରିବା ନେଇ ଆଗ୍ରହୀ ଅନୁଷ୍ଠାନଙ୍କୁ ଭାଗ ନେବା ପାଇଁ ପୁନଃ ଆହ୍ୱାନ ଜଣାଇଛି । ମହାପ୍ରଭୁଙ୍କ ଶୃଙ୍ଖଳିତ ଦର୍ଶନ ବ୍ୟବସ୍ଥା ଓ ନୀତି ପରିଚାଳନା ନେଇ ଗତ ବିଧାନସଭା ଅଧିବେଶନରେ ମଧ୍ୟ ପ୍ରସଙ୍ଗ ଉଠିଥିଲା। ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଶ୍ରୀମନ୍ଦିର ନାଟମଣ୍ଡପରେ ଆରମ୍ଭ ହେବାକୁ ଥିବା ଧାଡ଼ି ଦର୍ଶନ ବ୍ୟବସ୍ଥା ଉପରେ ଏକ ବିଶଦ ବିବରଣୀ ସରକାର ଉପସ୍ଥାପନା କରିବେ କି ବୋଲି ଲିଖିତ ପ୍ରଶ୍ନ କରିଥିଲେ । ଭିତର କାଠ ଦର୍ଶନ ଓ ବାହାର କାଠ ଦର୍ଶନ ଦ୍ୱାରା ପାତରଅନ୍ତର ହେବ କି ନାହିଁ ତାହାର ଉତ୍ତର ରଖିବାକୁ ପ୍ରଶ୍ନ କରିଥିଲେ । ଶ୍ରୀମନ୍ଦିରର ଗୋଟିଏ ନୀତି ଧାର୍ଯ୍ୟ ସମୟରେ ହେଉନଥିବାର କାରଣ କ'ଣ ଅଟେ ବୋଲି ପଚାରିଥିଲେ। ଉତ୍ତରରେ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଥିଲେ, 'ଶ୍ରୀମନ୍ଦିର ନାଟମଣ୍ଡପରେ ଭକ୍ତମାନଙ୍କର ଶୃଙ୍ଖଳିତ ଦର୍ଶନ ପାଇଁ ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକରେ ଆଲୋଚନା ହୋଇଛି। ସେହି ପ୍ରସ୍ତାବ ପ୍ରକାରେ ଶୃଙ୍ଖଳିତ ଦର୍ଶନ ଆୟୋଜନ ପାଇଁ ପ୍ରକ୍ରିୟା ଚାଲୁ ରହିଛି। ପ୍ରତ୍ୟେହ ମହାପ୍ରଭୁଙ୍କ ଧାର୍ଯ୍ୟ ନୀତି ସମୟାନୁଯାୟୀ ସମ୍ପାଦନ ହୋଇଥାଏ । ଆକସ୍ମିକ ମହାସ୍ନାନ, ଅତ୍ୟଧିକ ଜନଗହଳି ଓ ବିଶେଷ ପର୍ବପର୍ବାଣୀ ଦିନମାନଙ୍କରେ ସ୍ୱତନ୍ତ୍ର ନୀତି ସମ୍ପାଦନ ହେଉଥିବାରୁ କେତେକ ଦିନରେ ଧାର୍ଯ୍ୟ ସମୟରେ ନୀତି ସମ୍ପାଦନ ନହେବାର ଅନ୍ୟତମ କାରଣ ଅଟେ। ଶ୍ରୀମନ୍ଦିର ପରିଚାଳନା କମିଟି ୨୦୧୯ ଜାନୁଆରୀ ୨୯ରେ ଅନୁଷ୍ଠିତ ବୈଠକରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ନୀତି ଠିକ୍ ସମୟରେ ଶୃଙ୍ଖଳିତ ଭାବରେ ସମ୍ପାଦନ କରିବା ପାଇଁ ପରାମର୍ଶ ଦେଇଥିଲେ । ଯେଉଁ ସେବକମାନେ ଏହାର ବିରୁଦ୍ଧାଚରଣ କରିବେ ତାଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନେବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା ।